ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୨
୨୯ ଡିସେମ୍ବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 232
29th December, 2025 Monday
Kendrapara

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ ବିଦ୍ୱତ୍ ପ୍ରଣାମଂ ସୁଶୀଳତା ଚ ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ କେବଳଂଯଃ ପଠେତ୍ ସ ବିଦ୍ୱାନ୍**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍। ଯେ ଏସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେ ବଡ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ ନୁହେଁ।

## ଉପହାର

**... ବାଜିଗଲେ ଦୋଷ ନାହିଁ**

**ପଖାଳ କଂସାରେ ନୂଆ ସକାଳ...**

# ପୁଅ ବେକରେ ପଥର ବାନ୍ଧି ପୋଖରୀରେ ଫିଙ୍ଗିଦେଲା ବାପା

ଡାବୁଗାଁ,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଜଣେ ପିତା ନିଜର ତିନି ବର୍ଷର ଶିଶୁପୁତ୍ରକୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ପରି ଏକ ଜଘନ୍ୟ ଘଟଣାର ଖୁଲାସା କରିଛି ଛତିଶଗଡ଼ ପୁଲିସ। ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଡାବୁଗାଁ ଥାନା ଅନ୍ତର୍ଗତ ସିଂସାରି ଫାଣ୍ଡି ନିକଟରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା। ମୃତ ଶିଶୁକୁ ସିଂସାରି ଫାଣ୍ଡି ଅନ୍ତର୍ଗତ ଓଲମାଗୁଡା ଜଙ୍ଗଲ ମଧ୍ୟରେ ଥିବା ଏକ ପୋଖରୀ ମଧ୍ୟରୁ ଡାବୁଗାଁ ପୁଲିସ ଉଦ୍ଧାର କରିଥିଲା।

ସୂଚନା ଅନୁଯାୟୀ ଛତିଶଗଡ ରାଜ୍ୟ କଣ୍ଡାଗାଁ ଜିଲ୍ଲା ପରସଗାଁ ଥାନା ଅନ୍ତର୍ଗତ ଗୁହାବରନ ଗ୍ରାମର ରୋହିତ ସେଠିଆଙ୍କ ତିନି ବର୍ଷର ପୁଅ ନିଖୋଜ ହୋଇଥିବା ନେଇ ଗତ ନଭେମ୍ବର ୨୨ ତାରିଖରେ ନିଖୋଜ ହୋଇଥିବା ନେଇ ପରସଗାଁ ଥାନାରେ ଅଭିଯୋଗ ହୋଇଥିଲା।

ଅଭିଯୋଗ ପ୍ରକାରେ ଛତିଶଗଡ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସବୁ ଦିଗକୁ ବିଚାର କରି ପୁଲିସ ଶିଶୁପୁତ୍ରଙ୍କର ବାପା ରୋହିତ ସେଠିଆଙ୍କ ଉପରେ ସନ୍ଦେହ ପ୍ରକାଶ କରି ଥାନାରେ ଆଣି ପଚରା ଉଚୁରା କରିବା ପରେ ରୋହିତ ନିଜ ପୁଅକୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ନିଜର ଦୁଇ ସାଥୀ ସହ ତିନି ବର୍ଷର ଶିଶୁ ପୁତ୍ରକୁ ହତ୍ୟା କରି ତାକୁ ଏକ ପଥରରେ ବାନ୍ଧି ସୀମାନ୍ତ ଜଙ୍ଗଲ ମଧ୍ୟରେ ଏକ ପୋଖରୀରେ ଫିଙ୍ଗି ଦେଇଥିବା କହିଥିଲେ।

ଶନିବାର ଦିନ ଛତିଶଗଡ ପରସଗାଁ ଥାନା ପୁଲିସ, ଡାବୁଗାଁ ପୁଲିସ, ସିଂସାରି ବନ କର୍ମଚାରୀ ଓ ଉମରକୋଟ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ସୀମାନ୍ତ ସିଂସାରି ଫାଣ୍ଡି ଓଲମାଗୁଡା ଜଙ୍ଗଲ ମଧ୍ୟରେ ଥିବା ଏକ ପୋଖରୀ ମଧ୍ୟରୁ ଅକ୍ଲାନ୍ତ ପରିଶ୍ରମ ପରେ ମୃତ ଶିଶୁର ମୃତଦେହ ଉଦ୍ଧାର କରାଯାଇଥିଲା। ନିଷ୍ପାପ ଶିଶୁର ଗୋଡ଼ ଛନ୍ଦି ଗାମୁଛା ବନ୍ଧା ଯାଇଥିବା ବେଳେ ବେକରେ ଗାମୁଛା ସହ ଏକ ପଥର ବନ୍ଧା ହୋଇଥିବା ଦେଖା ଦେଇଥିଲା।

ଏ ନେଇ ଡାବୁଗାଁ ଥାନାରେ କେସ ନମ୍ବର ୪୪/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଦନ୍ତା ଆତଙ୍କ: ଶିଖରଚଣ୍ଡୀରୁ ନିରାଶରେ ଫେରିଲେ ପର୍ଯ୍ୟଟକ



ଭୁବନେଶ୍ୱର,୨୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଫିକା ପଡ଼ିଲା ରବିବାର। ଭୁବନେଶ୍ୱର ଶିଖରଚଣ୍ଡୀ ପାହାଡ଼ରେ ଦୁଇ ଦନ୍ତା ହାତୀ ଥିବାରୁ ଆଜି ପର୍ଯ୍ୟଟକମାନଙ୍କ ପାଇଁ ଶିଖରଚଣ୍ଡୀ ବନ୍ଦ ରହିଛି। ରବିବାର ଥିବାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ଫେରି ଯାଇଛନ୍ତି। ସୂଚନା ମୁତାବକ ଗତ ତିନିଦିନ ହେବ ଦୁଇଟି ବଡ ଦନ୍ତା ହାତୀ ଶିଖରଚଣ୍ଡୀ ପାହାଡରେ ଡେରା ପକାଇଛନ୍ତି। ହାତୀ ବୁଲୁଥିବାରୁ ପାହାଡକୁ ଯିବାକୁ ବାରଣ କରିଛି ବନ ବିଭାଗ। ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ (ଶେଷ ପୃଷ୍ଠା ଦେଖନ୍ତୁ)

# ଚାଷୀଙ୍କୁ ଉଲଗ୍ନ କରି ବିଛୁଆତି ମାରିଲେ ରେଞ୍ଜର !

### ଆଦିବାସୀଙ୍କ ଅଫିସ୍ ଘେରାଉ




ନୀଳଗିରି,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମଞ୍ଚା ଉପରୁ ଚାଷୀମାନେ ଧାନକ୍ଷେତ ଜଗୁଥିଲେ। ସଦଳବଳ ପହଞ୍ଚିଗଲେ ରେଞ୍ଜର। ରାତି ଅନ୍ଧାର ସୁଯୋଗରେ ନିସ୍ଥୁକ ପିଟି ଚାଲିଲେ। କେବଳ ଏତିକି ନୁହଁ, ସେମାନଙ୍କ ହାତଗୋଡ ବାନ୍ଧି ଅଫିସକୁ ନେଇ ଉଲଗ୍ନ କରାଇ ଦେହରେ ବିଛୁଆତି ମାରିଦେଇଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବାବେଳେ ମଧ୍ୟଯୁଗୀୟ ବର୍ବରତା ଭଳି ପାଠୁଆ ରେଞ୍ଜରଙ୍କ ଅପାଠୁଆ କାରନାମାକୁ ଏବେ ସବୁଠି ସମାଲୋଚନା କରାଯାଉଛି। ଯାହା ପାଇଁ ନୀଳଗିରିରେ ଆଦିବାସୀ ମେଳି ହୋଇଛି। ସହସ୍ରାଧିକ ଆଦିବାସୀ ଜଙ୍ଗଲ ବିଭାଗର ଏହି ଜଙ୍ଗଲୀ ଆଇନକୁ ବିରୋଧ କରି କୁଲଡିହା ରେଞ୍ଜ ଅଫିସ ଘେରାଉ କରିଥିବା ଦେଖିବାକୁ ମିଳିଛି।

କିଛିଦିନ ପୂର୍ବରୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ କଇମହୁଡି ଗାଁର ମକରା ସୋରେନ ତାଙ୍କ ଗାଈ ଖୋଜିବାକୁ ବଣ ଭିତରକୁ ଯାଇଥିବା ବେଳେ ଗୟଳ ଆକ୍ରମଣ ଯୋଗୁ ଏହି ଗାଈ ଚରାଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ରେଞ୍ଜ ଅଧିକାରୀ ଏହା ଗୟଳ ନୁହଁ ବରଂ ଜଙ୍ଗଲୀ ମଇଁଷି ବୋଲି ବୟାନ ରଖିଥିଲେ। ମୃତକ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିଲେ ହେଁ ଏହାକୁ ରେଞ୍ଜ ଅଧିକାରୀ ଜଣକ ବେଖାତିର କରି ଚାଲିଥିଲେ। ସେପଟେ ଶିକାରୀ ଓ ତସ୍କରଙ୍କୁ ଧରିବା ଆଳ ଦେଖାଇ ରେଞ୍ଜ ଅଧିକାରୀ ଜଣକ ରାତିଅଧିଆ ଆଦିବାସୀ ବସ୍ତିରେ ପଶି ଉତ୍ପାତ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଖୁଲିଆ ଗାଁର ଶ୍ୟାମ ସିଂ, ବ୍ରଜକିଶୋର ସିଂ, ହରିମୋହନ ସିଂ ପ୍ରମୁଖଙ୍କୁ ହାତଗୋଡ ବାନ୍ଧି ନିଜ ଅଫିସ ଭିତରେ ଉଲଗ୍ନ କରି ନିସ୍ଥୁକ ମାଡ ମାରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଦେହରେ ବିଛୁଆତି ଲଗାଇ ନଚାଇବା ଘଟଣାକୁ ନେଇ ଅଞ୍ଚଳରେ ଉଦ୍‌ବେଗ ଖେଳିଯାଇଛି। ରବିବାର ଆଦିବାସୀମାନେ ମେଳି ବାନ୍ଧି କୁଲଡିହା ଅଫିସ ଘେରାଉ କରିବା ପରେ ରେଞ୍ଜର ଜଣକ ସେଠାରେ ପହଞ୍ଚି ମୃତକଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା କରାଇବେ ବୋଲି ଜଣାଇଥିଲେ। ସେପଟେ ଏ ସମ୍ପର୍କରେ ସମ୍ପୃକ୍ତ ରେଞ୍ଜରଙ୍କୁ ପଚରାଯିବାରୁ ସେ କାହାରିକୁ ପିଟି ନାହାଁନ୍ତି କି ଦୁର୍ବ୍ୟବହାର କରିନାହାଁନ୍ତି ବୋଲି ଜଣାଇଛନ୍ତି। ନିଜକୁ ଜଙ୍ଗଲ ମନ୍ତ୍ରୀଙ୍କ ଗାଁ ଲୋକ କହି ଅଭୟ ପାଉଥିବା ଏହି ରେଞ୍ଜ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି ରାଜ୍ୟ ପିସିସିଏଫ ପଦକ୍ଷେପ ନେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି।

## ଛାଡ଼ପତ୍ର ମାମଲାର ଭରଣପୋଷଣ ଅର୍ଥ ହଡ଼ପ

ରାଜନଗର,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ବନବିହାରୀ ପୁର ଗ୍ରାମରେ ଏକ ଦମ୍ପତିଙ୍କ ଛାଡ଼ପତ୍ର ମାମଲାରେ ଭଦ୍ରଲୋକମାନେ ଦୁଇ ଲକ୍ଷ ପଞ୍ଚଷଠି ହଜାର ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗକାରୀ ବଳରାମ ପରିଡା (୨୭)ଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଘଡିଆମାଳ ପଞ୍ଚାୟତ ଦାରୁଓରା ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ସହ ତାଙ୍କର ବିବାହ ହୋଇଥିଲା। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ମନାନ୍ତର ହୋଇ କଳହ ହେବାରୁ ଛାଡ଼ପତ୍ର ପାଇଁ ନିଷ୍ପତି ହେଲା। ବନବିହାରୀ ପୁର ଗ୍ରାମର ବୀରକିଶୋର ସାହୁ, ବୈଲୋଚନ ତାଣ୍ଡୁ, ନଟବର ଦାସ ଓ ଏହି ପଞ୍ଚାୟତ କାନଫୁଲିଆ ଗ୍ରାମର ସାଗର ପରିଡ଼ା ଏକାଠି ବସି ମୋତେ(ବଳରାମ)କୁ କହିଲେ, ପାଞ୍ଚ ଲକ୍ଷ ପନ୍ଦର ହଜାର ଟଙ୍କା ଭଦ୍ରଲୋକଙ୍କ ନିକଟରେ ଡିପୋଜିଟ କଲେ, ଆମେ ବସି ଫାଇନାଲ କରିବୁ। ଛାଡ଼ପତ୍ର ପାଇଁ କ୍ଷତିପୂରଣ ଦେବା ପରେ ଅବଶିଷ୍ଟ ଫେରି ପାଇବୁ। ଭଦ୍ରଲୋକଙ୍କ କଥାନୁଯାୟୀ ନିଜର ଜମି ବିକ୍ରୟ କରି ପାଞ୍ଚ ଲକ୍ଷ ପନ୍ଦର ହଜାର ଟଙ୍କା ଦାଖଲ କରିବା ପରେ ଚଳିତ ମାସ ଆଠ ତାରିଖରେ ଛାଡ଼ପତ୍ର ପାଇଁ ଆପୋଷ ସମାଧାନ ମତେ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ଦୁଇଲକ୍ଷ ପଚଶ ହଜାର ଟଙ୍କା ଦିଆଗଲା। ଅବଶିଷ୍ଟ ଦୁଇଲକ୍ଷ ପଞ୍ଚଷଠି ହଜାର ବଳରାମଙ୍କୁ ପରେ ଫେରସ୍ତ ଦିଆଯିବ ବୋଲି ଭଦ୍ରଲୋକମାନେ କହିଥିଲେ। ଭଦ୍ରଲୋକଙ୍କ କଥାକୁ ବିଶ୍ୱାସ କରି ବଳରାମ ଫେରିଥିଲେ। ପରେ ଆଜି କାଲି କହି ଟଙ୍କା ଫେରସ୍ତ ନଦେବାରୁ ବାଧ ହୋଇ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ସେ ଡିଜିପି ଓଡ଼ିଶା, ଜିଲ୍ଲାପାଳ କେନ୍ଦ୍ରାପଡ଼ା,ଏସପି କେନ୍ଦ୍ରାପଡ଼ା ଓ ଏଡିପିଓ ପଟ୍ଟାମୁଣ୍ଡାଇଙ୍କୁ ଜଣାଇବା ସହ ଟଙ୍କା ଫେରିପାଇବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ମହାପ୍ରଭୁଙ୍କୁ ଅନିଦ୍ରା ରଖନି

### ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ଉଦ୍‌ବେଗ

ପୁରୀ,୨୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଡିସେମ୍ବର ୩୧ ତାରିଖ ରାତିରେ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନକରିବା ସହ ରାତିଅଧତିରେ ଶ୍ରୀମନ୍ଦିର ନ ଖୋଲିବା ପାଇଁ ଚିଠି ଲେଖିଲେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କିଛି ବର୍ଷ ହେବ ଡିସେମ୍ବର ୩୧ ତାରିଖ ରାତିଅଧତିରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରୁଥିବା ବେଳେ ମହାପ୍ରଭୁଙ୍କୁ ମଧ୍ୟ ରାତ୍ରିରୁ ଅନିଦ୍ରା ରଖାଯାଉଛି। ଯାହାକି ଧାର୍ମିକ ତଥା ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚିନ ଅନୁଭବ ହେଉନାହିଁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଜାନୁଆରୀ ୧ ତାରିଖ ପାଇଁ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନକରି ସ୍ୱାଭାବିକ ଭାବେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି (ଶେଷ ପୃଷ୍ଠା ଦେଖନ୍ତୁ)

# କଳାକାର ପାଇବେ ଅଧିକ ଭତ୍ତା

ଭୁବନେଶ୍ୱର,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟର ପାରମ୍ପରିକ କଳାକାରଙ୍କ ପାଇଁ ଖୁସିର ଖବର । ୨୦୨୫ ଶେଷ ହୋଇ ୨୦୨୬ ଆରମ୍ଭ ହେଉଥିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି।

ଆଜି କେନ୍ଦୁଝରର ପାର୍କ ଲେନ ଠାରେ ଆୟୋଜିତ ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରଚାର ପ୍ରସାର କରୁଥିବା କଳାକାରମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ମାନଙ୍କ ଭତ୍ତା ବୃଦ୍ଧି ହୋଇଛି।

ଏହି ନିଷ୍ପତ୍ତି ଅନୁଯାୟୀ ୪୦ ରୁ ୮୦ ବର୍ଷ ବୟସ୍କ କଳାକାର ମାନଙ୍କ ଭତ୍ତା ମାସକୁ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାର ମାନଙ୍କ ମାସିକ ଭତ୍ତା ୨୫୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟର ୪୭,୭୦୪ ଜଣ କଳାକାର ଓ ସେମାନଙ୍କ ପରିବାର ବର୍ଗ ଉପକୃତ ହେବେ।


## ଦୁର୍ଘଟଣାରେ ଜଣେ ମୃତ: ୪ ଆହତ

ପିପିଲି,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ପିପିଲି-ଦାଣ୍ଡମୁକୁନ୍ଦପୁର ରାସ୍ତାର ଭୋଗୁଆବାଙ୍କ ନିକଟରେ ରବିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଦାଣ୍ଡମୁକୁନ୍ଦପୁରରୁ ଜାତୀୟ ରାଜପଥ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଅଟୋ ସହ ସମ୍ମୁଖରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ଲାଗିଥିଲା। ବାଇକ୍ ପଛରେ ବସିଥିବା ଜଣେ ଯୁବକ ଛିଟିକି ଯାଇ ରାସ୍ତା ଉପରେ ପଡିଥିଲା। ଫଳରେ ତାର ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଅଟୋରେ ଥିବା ୨ଜଣ ମହିଳା ଓ ଶିଶୁଙ୍କ ସମେତ ବାଇକରେ ଥିବା ଅନ୍ୟ ଦୁଇଜଣ ଯୁବକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି।

ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ପିପିଲି ଗୋଷ୍ଠୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଆଉ ୫ ଦିନ ଘନ କୁହୁଡି: ୨ରୁ କମିବ ଶୀତ



ଭୁବନେଶ୍ୱର,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ପ୍ରବଳ ଶୀତ ଲହରୀ ଜାରି ରହିଛି, ତଥାପି ଆଗାମୀ ପାଞ୍ଚ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ତିନି ଦିନ ପାଇଁ ରାଜ୍ୟରେ ଶୀତ ଲହରୀ ଜାରି ରହିବ। ଆଗାମୀ ତିନି ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ଆସନ୍ତା ତିନି ଦିନ ପରେ, ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଧୀରେ ଧୀରେ ୨ ରୁ ୩ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାଜ୍ୟରେ ଶୀତ ଲହରୀ ଜାରି ରହିଥିବାରୁ, ରବିବାର ସକାଳେ ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ସେଲସିୟସ ତଳେ ଥିଲା।

କନ୍ଧମାଳ ଜିଲ୍ଲାର ଜି ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ସ୍ଥାନ ପାଲଟିଛି। ସେଠାରେ ସର୍ବନିମ୍ନ ତାପମାତ୍ରା ୩.୫ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି କନ୍ଧମାଳର ଦାରିଙ୍ଗବାଡି ଏବଂ ଫୁଲବାଣୀରେ ମଧ ହାଡଭଙ୍ଗା ଶୀତ ଅନୁଭୂତ ହେଉଛି। ଉଭୟ ସ୍ଥାନରେ ତାପମାତ୍ରା ଯଥାକ୍ରମେ ୬ ଡିଗ୍ରି ସେଲସିୟସ୍ ପର୍ଯ୍ୟନ୍ତ ଖସିଯାଇଛି।

ଆଇଏମଡି ଅନୁସାରେ ଜାନୁଆରି ୧ ସକାଳ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହିବ। ତେବେ ଜାନୁଆରି ୨ଠାରୁ ଶୀତ କମିବାର ସମ୍ଭାବନା ରହିଛି।

ସୋମବାର ସକାଳ ସୁଦ୍ଧା ସୁନ୍ଦରଗଡ଼, ସମ୍ବଲପୁର, (ଶେଷ ପୃଷ୍ଠା ଦେଖନ୍ତୁ)

## ଭିତରକନିକାରେ ପର୍ଯ୍ୟଟକଙ୍କ ଅସମ୍ଭାଳ ଭିଡ

ରାଜନଗର,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ସରି ସରି ଆସୁଛି ବର୍ଷ ୨୦୨୫। ଆଜି ବର୍ଷର ଶେଷ ରବିବାର ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ସମାଗମରେ ପ୍ରକୃତିର ସବୁଜ ହସ୍ତାକ୍ଷର ଭିତରକନିକା ଚଳଚଂଚଳ ହୋଇପଡିଛି। ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଲା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ଶହଶହ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଆତ୍ମବିଭୋର ହେଉଥିବା ଦେଖିବାକୁ ମିଳିଛି। ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୨୨୮୭ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ। ଖୋଲାରୁ ୧୦୬ ଟ୍ରିପ ବୋଟରେ ୧୩୯୦ ଜଣ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୬ଟ୍ରିପ ବୋଟରେ ୨୩୭ ପର୍ଯ୍ୟଟକ ଓ ଗୁପ୍ତିରୁ ୨୫ଟ୍ରିପ ବୋଟରେ ୨୪୨ ଜଣଙ୍କୁ ମିଶାଇ ମୋଟ୪୧୫୬ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଂଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲୀ ରହୁଥିବା ପୋଖରୀ ନିକଟରେ ମଧ ଭିଡ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା।

# କେନ୍ଦ୍ରାପଡ଼ା ଜିଲ୍ଲାର ୬ ମୌଜାବାସୀଙ୍କ ମୌଳିକ ସମସ୍ୟାର ସମାଧାନ କେବେ ?

କେନ୍ଦ୍ରାପଡ଼ା,୨୮।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ କ୍ଷମତାସୀନ ଥିବା ବିଜେଡ଼ି ସରକାର କ୍ଷମତାରେ ରହିବା ପାଇଁ ବିଭିନ୍ନ ସମୟରେ ନାନାଦି ଭେଳିକି ଦେଖାଇଛି । ତେବେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ମୋ ସରକାର ଓ ୫-ଟି ଭଳି କାର୍ଯ୍ୟକ୍ରମ ସତ୍ତ୍ୱେ ଯେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇ ପାରିନାହିଁ, ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଲା ଜମିଜମାର ଭୂବନ୍ଦୋବସ୍ତ ହୋଇନପାରିବା । ଏହାର ପରିଣାମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୬ଟି ରାଜସ୍ୱ ମୌଜାର ହଜାର ହଜାର ସଂଖ୍ୟାରେ ଲୋକେ ପୀଢି ପୀଢି ଧରି ଦୁର୍ଦ୍ଦଶା ଭୋଗୁଛନ୍ତି । ବିଳମ୍ବରେ ହେଲେ ବି ବିଗତ ସରକାରଙ୍କ ଭେଳିକିକୁ ଲୋକେ ବୁଝିବା ପରେ ରାଜ୍ୟରେ ସରକାର ବଦଳିଛି । ବିଜେପି ସରକାରକୁ ଆସିବା ସହିତ ଇତିମଧ୍ୟରେ ଦେଢ ବର୍ଷ ପୁରଣ କରିସାରିଲାଣି । ଆଉ ସବୁଠାରୁ ଦକ୍ଷ ମନ୍ତ୍ରୀ ଭାବେ ଯେଉଁ ୩/୪ଜଣଙ୍କୁ ବିବେଚନା କରାଯାଉଛି ସେମାନଙ୍କ ମଧ୍ୟରେ ଅଛନ୍ତି ଖୋଦ୍ ରାଜସ୍ୱ ମନ୍ତ୍ରୀ । କିନ୍ତୁ ୧୯୨୯ ମସିହା ପରଠାରୁ ଭୂବନ୍ଦୋବସ୍ତ ହୋଇ ନଥିବା ଜିଲ୍ଲାର ଉକ୍ତ ୬ଟି ମୌଜାବାସୀଙ୍କ ସମସ୍ୟା ଯେଉଁଠି ଥିଲା ସେଇଠି ଅଛି । ଖୋଦ୍ ରାଜସ୍ୱ ମନ୍ତ୍ରୀ ଦାଖଲ ଖାରଜ ହେଉ କି ପାର୍ଟପ୍ଲଟ୍ ବିକ୍ରି କଥା ହେଉ ଅଥବା ଗାଁ'ରେ ତହସିଲ ପହଂଚି ଲୋକଙ୍କ ସମସ୍ୟାର ସମାଧାନ କରିବା କଥା ହେଉ ଗଣମାଧ୍ୟମରେ ବିଭିନ୍ନ ସମୟରେ ଜୋରଦାର ବିବୃତି ଦେଉଛନ୍ତି । ରାଜ୍ୟ ସରକାର ଲୋକଙ୍କର ସରକାର ବୋଲି ମଧ୍ୟ ଡ଼ିଣ୍ଡିମ ପିଟୁଛନ୍ତି । କିନ୍ତୁ ରାଜ୍ୟରେ ୧୯୨୯ ମସିହା ପରଠାରୁ ଭୂବନ୍ଦୋବସ୍ତ ହୋଇନଥିବା ମୌଜା ଗୁଡ଼ିକର ଜମିଜମା ସତ୍ୱ ଦିନକୁ ଦିନ ଅଡୁଆ ହେବାରେ ଲାଗିଛି । ସତ୍ୱାଧିକାର ସାବ୍ୟସ୍ତ ହୋଇପାରିନଥିବାରୁ କେହି ରୋଗ ବେମାର କାରଣ ରୁ ହେଉ କି ଝିଅ ବାହାଘର ପାଇଁ ହେଉ ଅଥବା ପିଲାଙ୍କ ପାଠ ପଢା ପାଇଁ ହେଉ ଜରୁରୀ ଆବଶ୍ୟକତା ବେଳେ ଜମି ଖଣ୍ଡେ ବିକ୍ରି କରିବା ସମ୍ଭବ ହେଉନାହିଁ । କେବଳ ସେତିକି ନୁହେଁ କୌଣସି ଶିକ୍ଷିତ ଯୁବକ ଯୁବତୀ ଚାହିଁଲେ ବ୍ୟବସାୟ ପାଇଁ ବି ନିଜ ପୈତୃକ ସମ୍ପତି ବ୍ୟାଙ୍କରେ ବନ୍ଧା ଦେଇ ଋଣଟିଏ ପାଇବାକୁ ସମର୍ଥ ହୋଇପାରୁ ନାହାଁନ୍ତି । ସେହିପରି ବିଭିନ୍ନ ବ୍ୟାଙ୍କ ବା ବ୍ୟବସାୟିକ ଅନୁଷ୍ଠାନ କୁ କେହି ଚାହିଁଲେ ବି ନିଜର ଘର ଖଣ୍ଡେ ଏଗ୍ରିମେଣ୍ଟ କରି ଭଡ଼ାରେ ଦେଇପାରୁନାହାଁନ୍ତି । ଜମିଜମାକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିବା ସହ ସାମାଜିକ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଉଛି । ପ୍ରତି ଡ଼ିସିମିଲ ଜମି ପାଇଁ ବିବାଦ ଲାଗିରହିଛି । ଜୋର ଯାର ମୂଲକ ତା'ର ନ୍ୟାୟରେ ଜମିର ଜବର ଦଖଲ ଚାଲିଛି । ଏପରିକି ସରକାରଙ୍କ ଘୋଷଣା କ୍ରମେ ଏହିସବୁ ରାଜସ୍ୱ ଗ୍ରାମ ଏକାଧିକ ରାଜସ୍ୱ ଗ୍ରାମରେ ପରିଣତ ହେବାର ଯୋଗ୍ୟତା ଥିବା ଏବଂ ଆବଶ୍ୟକତା ରହିଥିବା ସତ୍ତ୍ୱେ ମଧ୍ୟ ତାହା ପୃଥକ ହୋଇପାରୁନାହିଁ । ଏଥିନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ଏବଂ କଥା କୋର୍ଟ କଚେରୀକୁ ଯିବା ପରେ ବିଗତ ସରକାରଙ୍କ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୨ରେ ଭୂବନ୍ଦୋବସ୍ତ ହୋଇନଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୬ଟି ରାଜସ୍ୱ ମୌଜା ଡ଼େରାବିଶ ତହସିଲ ଅନ୍ତର୍ଗତ ବସୁପୁର, ରଘୁଦେଇପୁର, କେନ୍ଦ୍ରାପଡ଼ା ତହସିଲର ଭ୍ରମରଦିଆପାଟଣା, ଧୂମାତ, ଇନ୍ଦୁପୁର ଓ ମାର୍ଶାଘାଇ ତହସିଲର ଦୁମୁକା ର ସ୍ପେଶାଲ ସର୍ଭେ ଏଣ୍ଡ ସେଟେଲମେଣ୍ଟ ଏଣ୍ଡ ପ୍ରିପ୍ୟାରେସନ ଅଫ ରେକର୍ଡ଼ ଅଫ୍ ରାଇଟ୍ ପାଇଁ ଏକ ନୋଟିଫିକେସନ (ନଂ-୪୦୯୬୨ତା୨.୧୨.୨୨) ପ୍ରକାଶିତ ହୋଇଥିଲା । ଯାହା ଲୋକଙ୍କ ଭିତରେ ଆଶ୍ୱସ୍ତି ଆଣିଥିଲା । ଏହାପରେ ଏଥିନେଇ ବିଭିନ୍ନ ତହସିଲରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ କ'ଣ ହେଲା କେଜାଣି ତାହା ପୁଣି ବନ୍ଦ ହୋଇଗଲା । ହେଲେ ସାଂପ୍ରତିକ ସରକାର ଆସିବାକୁ ଦେଢ ବର୍ଷ ପୁରିଥିଲେ ମଧ୍ୟ ଉକ୍ତ ୬ଟି ମୌଜାର ବନ୍ଦ ହୋଇଯାଇଥିବା ଭୂବନ୍ଦୋବସ୍ତ ପ୍ରକ୍ରୀୟା କୁ ତ୍ୱରାନ୍ୱିତ କରିଥିଲେ ଲୋକଙ୍କର ବହୁ ବର୍ଷର ସମସ୍ୟାର ସମାଧାନ ହୋଇ ପାରିଥାନ୍ତା । କିନ୍ତୁ ସରକାରଙ୍କ ନିରବତା ଲୋକଙ୍କୁ ନିରାଶ କରିଛି । ବିଭିନ୍ନ ସ୍ତରରେ ଅଭିଯୋଗ ଗଦେଇବା ଛଡ଼ା ଆଉ ବା କ'ଣ କରିପାରିବୁ ବୋଲି ଅନେକ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ଲୋକଙ୍କ ସରକାର ଥାଇ ଓ ଜଣେ ଦକ୍ଷ ରାଜସ୍ୱ ମନ୍ତ୍ରୀ ଥାଇ ଲୋକଙ୍କର ଏହି ମୌଳିକ ସମସ୍ୟାର ସମାଧାନ କେବେ ହେଉଛି କିମ୍ବା ସେମାନଙ୍କୁ ପୁଣି ଆହୁରି କେତୋଟି ସରକାରଙ୍କୁ ଅପେକ୍ଷା କରିବାକୁ ପଡୁଛି ତାହା ଦେଖିବାକୁ ଅପେକ୍ଷା କରାଯାଇଛି । ତେବେ ଜନୈକ ରାଜସ୍ୱ ଅଧିକାରୀଙ୍କ କହିବା କଥାଯେ, ସରକାର ଏଥିପାଇଁ କ୍ୟାମ୍ପକୋର୍ଟ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେହିସବୁ ଗ୍ରାମ ଗୁଡ଼ିକର ଭୂ-ବନ୍ଦୋବସ୍ତ ସାରିବାର ଜରୁରୀ ଆବଶ୍ୟକତା ରହିଛି । ଏଥିପାଇଁ ଅଧିକ ପଦାଧିକାରୀ ଓ କର୍ମଚାରୀଙ୍କର ଆବଶ୍ୟକତା ରହିଛି । ଆବଶ୍ୟକ ରାଜସ୍ୱ କ୍ଷେତ୍ର କର୍ମଚାରୀ ନଥିବାରୁ ପୃଥକୀକରଣ ନକ୍ସା ଓ ଜମିପଟ୍ଟା ପ୍ରସ୍ତୁତ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ବିଶେଷ କରି ଅମିନଙ୍କର ଘୋର ଅଭାବ ଯୋଗୁ ବିଭିନ୍ନ ତହସିଲରେ ହଜାର ହଜାର ସଂଖ୍ୟାରେ ଡ଼ିମାର୍କେସନ ପାଇଁ ଆବେଦନ ପଡ଼ିରହିଛି । ସାଧାରଣ ଲୋକଙ୍କୁ ଶାସନର ସୁଫଳ ଦେବା ପାଇଁ ହେଲେ ସରକାର ରାଜସ୍ୱ ବିଭାଗରେ ଅଧିକ କର୍ମଚାରୀ ନିଯୁକ୍ତି ଦେବା ସକାଶେ ପଦକ୍ଷେପ ନେବା ସହିତ ଲୋକଙ୍କର ଦୀର୍ଘ ଦିନର ମୌଳିକ ସମସ୍ୟାର ସମାଧାନ କରିବା ଆବଶ୍ୟକ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୯ ଡିସେମ୍ବର ୨୦୨୫ । ସୋମବାର




## ମଣ୍ଡିରୁ ଉଠୁନି ଧାନ

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା ୫ ଲଖନପୁର ବ୍ଲକ ଚାରପାଲି ସମବାୟ ସମିତି ପରିଚାଳନା ପରିଷଦକୁ ନିଲମ୍ବନ କରାଯିବାକୁ ସଭାପତି ପ୍ରଦୀପ ବିଶାଳ ବିରୋଧ କରି ରାଜନୈତିକ । ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରିଛନ୍ତି । ଝାରସୁଗୁଡ଼ା ସ୍ଥିତ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶାଳ ପ୍ରକାଶ କରିଛନ୍ତି ଯେ, ଗତ ରବି ଧାନ ବିକ୍ରି ସମୟରେ ଚାଷୀ ହଇରାଣ ହୋଇଥିଲେ । ଚାଷୀ ଏନେଇ ମନ୍ତ୍ରୀ ସୁରେଶ ପୂଜାରୀ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ପ୍ରଶାସନ ନଶୁଣିବାରୁ ଶ୍ରୀ ବିଶ୍ୱାଳ ଅଭିଯୋଗ ଉଠାଇଥିଲେ । ଏହାକୁ ନେଇ ବୋଧହୁଏ ସଭାପତିଙ୍କ ନାମରେ ମିଥ୍ୟା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଦଖଲ ହୋଇଥିବା ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି । ୨୦୨୫ ଜୁଲାଇ ୭ରେ ଏକ କମିଟି ଗଠନ କରି ସଭାପତିଙ୍କ ବିରୋଧରେ ତଦନ୍ତ କରାଇଥିଲେ । ପୁଣିଥରେ ୨୦୨୫ ଜାନୁଆରୀ ୨ ତାରିଖ ଦୁଇ ଜଣିଆ କମିଟି ମାଧ୍ୟମରେ ତଦନ୍ତ ବାହାନାରେ ପରିଚାଳନା ପରିଷଦକୁ ନିଲମ୍ବନ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି । ଚାଷୀ ପାଖରେ ଠିକ ସମୟରେ ଟୋକନ ପହଞ୍ଚି ନପାରିବା, ଜମି ତୁଳନାରେ କମ ଟୋକନ ଆସିବା, ଧାନ ବିକ୍ରିରେ ଅବ୍ୟବସ୍ଥା, ୫/୬ କିଗ୍ରା କଟନି ନେଇ ଚାଷୀ ନାହିଁନଥିବା ହଇରାଣ ହେଉଛନ୍ତି । ଏପରି ସ୍ଥିତିରେ ପରିଚାଳନା ପରିଷଦକୁ ନିଲମ୍ବନ କରିବା ନେଇ ଚାଷୀ ଦ୍ୱନ୍ଦରେ ପଡିଛନ୍ତି । ଚାଷୀମାନଙ୍କ ପ୍ରତି ଏହା ଜିଲ୍ଲା ପ୍ରଶାସନର ଉପହାସ । ପ୍ରଥମ ଥର ହୋଇଥିବା ତଦନ୍ତ ରିପୋର୍ଟ କାହିଁକି କାର୍ଯ୍ୟକାରୀ ହେଲା ନାହିଁ ବୋଲି ଶ୍ରୀ ବିଶ୍ୱାଳ ଓ ପରିଚାଳନା ପରିଷଦର ସଭ୍ୟ ପ୍ରଶ୍ନ କରିଛନ୍ତି । ଚାଷୀ ସମସ୍ୟା ନେଇ ରାଜନୀତି ନହେଉ । ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ ନକଲେ ଜୋରଦାର ଆନ୍ଦୋଳନ କରିବାକୁ ଶ୍ରୀ ବିଶ୍ୱାଳଙ୍କ ସମେତ ଉଦ୍ରେକରା ଦେହରୀ, ଫକୀର ରାଓ, ବେଲାଲ ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ବାଇକ୍ ଚାଳକ ଗୁରୁତର

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ଷୋଳମଇଲି ଛକଠୁ ତାଳସାକର ଗାଁ ଅଭିମୁଖେ ଲମ୍ବିଥିବା ରାସ୍ତାରେ ଥିବା କେନାଲ ବ୍ରିଜ ତଳକୁ ଖସି ଜନୈକ ବାଇକ ଚାଳକ ଗୁରୁତର ହୋଇଥିବା ଜଣାଯାଇଛି । ଆହତ ବାଇକ ଚାଳକ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ଖୋଳଖାଳି ଗ୍ରାମର ଶରତ ରାଉତ (୨୦) । ଘଟଣାରୁ ପ୍ରକାଶ ଯେ, ଷୋଳମଇଲି-ତାଳସାକର ରାସ୍ତାରେ ଶରତ ବାଇକରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ହନୁମାନ ମନ୍ଦିର ନିକଟରେ ଥିବା କେନାଲ ବ୍ରିଜ ତଳକୁ ଖସି ପଡିଥିଲେ । କିଛି ସମୟ ପରେ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତି ଶରତଙ୍କ ଆହତ ଅବସ୍ଥାରେ ପାଇଥିଲେ । ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ଗ୍ରୀନ୍ ଷ୍ଟିକର ପ୍ରଦୂଷଣ ରୋକିବ ?



**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଓ ୧ ଫେବୃଆରୀ ୨୦୨୬ ଠାରୁ କଡା ଯାଞ୍ଚ ଆରମ୍ଭ କରିବାକୁ ସରକାର ଘୋଷଣା କରିବା ପରେ କଳିଙ୍ଗନଗରରେ ପ୍ରଦୂଷଣ ନେଇ ଚର୍ଚ୍ଚା ତୀବ୍ର ହୋଇଛି । ଗାଡ଼ି ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ ଥିଲେ ମଧ୍ୟ, ଶିଳ୍ପାଞ୍ଚଳରେ ଧୂଳି ଧୂଆଁର ମୂଳ ଉତ୍ସ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣ ମହଲରେ ଅସନ୍ତୋଷ ଓ ସନ୍ଦେହ ଦୁହେଁ ବଢ଼ିଛି ।

କଳିଙ୍ଗନଗର ପରି ଭାରୀ ଶିଳ୍ପାଞ୍ଚଳରେ ପ୍ରଦୂଷଣର ପ୍ରଧାନ ଦୋଷୀ ହେଉଛି ଇସ୍ପାତ, ଖଣି ଓ ସହଯୋଗୀ ଶିଳ୍ପରୁ ବାହାରୁଥିବା ପିଏମ୧୦ ଓ ପିଏମ୨.୫ ବିଷାକ୍ତ ଧୂଳି ଧୂଆଁ । ଅନେକ କାରଖାନାରେ ପରିବେଶ ମଞ୍ଜୁରୀରେ ଉଲ୍ଲେଖ ଥିବା କଭର୍ଡ କନଭେୟର, ଜଳ ସ୍ପ୍ରିଙ୍କଲିଂ, ଡଷ୍ଟ–କଲେକ୍ସନ୍ ସିଷ୍ଟମ୍ ପରି ବ୍ୟବସ୍ଥା କାଗଜରେ ଥିଲେ ମଧ୍ୟ ଭୂମିସ୍ତରରେ ସେଗୁଡ଼ିକ ଅପର୍ଯ୍ୟାପ୍ତ ବୋଲି ସାଧାରଣରେ କହୁଛନ୍ତି । ଏହାସହ ଖଣି ଅଞ୍ଚଳ ଓ ଅଲୋଡିଂ ପ୍ଲଟରେ ଖୋଲା ଟ୍ରକ୍ ଚଳାଚଳ, ଢାକଣା ବିନା କୋଇଲା ଖଣିଜ ପରିବହନ ଓ ଡଷ୍ଟ ସପ୍ରେସନ୍ ବ୍ୟବସ୍ଥାର ଅଭାବ ଦିନକୁ ଦିନ ଧୂଳି ଉଡାଣକୁ ବଢ଼ାଇ ଦେଉଛି । ଶିଳ୍ପାଞ୍ଚଳର ଭଙ୍ଗା ଓ ଅପୂର୍ଣ୍ଣ ରାସ୍ତାରେ ରୋଡ୍ ସ୍ୱିପିଂ, ମେକାନାଇଜ୍ଡ କ୍ଲିନିଂ ଓ ନିୟମିତ ଜଳ ଛିଟାଣ ନ ହେବାରୁ ପରିବେଶ ସ୍ଥିତି ଆଉ ଭୟାବହ ହେଉଛି । ବେଆଇନ ଗଛକଟା ଓ ଜଙ୍ଗଲ ଜମି ଦଖଲ ପରି କାର୍ଯ୍ୟକଳାପ ପ୍ରଶାସନୀୟ ନୀରବତାରେ ପରିବେଶୀୟ ଭାରକୁ ଆଉ ଅଧିକ ବଢ଼ାଇ ଦେଉଛି । ଏପରି ପରିସ୍ଥିତିରେ ଶିଳ୍ପ ଓ ଖଣି ଅଞ୍ଚଳରେ ଥିବା ରିଅଲ୍ ଟାଇମ୍ ଏମିସନ୍ ମନିଟରିଂ ବ୍ୟବସ୍ଥାର ତଥ୍ୟ ସାଧାରଣଙ୍କ ପାଇଁ କାହିଁକି ଦୃଶ୍ୟମାନ ନୁହେଁ ସେଥିରେ ପ୍ରଶ୍ନ ଉଠୁଛି । ଅତ୍ୟନ୍ତ ସୂକ୍ଷ୍ମ, ଆଖିରେ ଦେଖାନଯାଉ ଥିବା ଧୂଳି ଓ ଧୂଆଁ କଣା, ଯାହା ଶ୍ୱାସ ସହିତ ଶରୀର ଭିତରକୁ ପସି ଫୁସଫୁସ ଓ ରକ୍ତକୁ କ୍ଷତି କରେ । ଏହି ଧୂଳି–ଧୂଆଁ ଦୀର୍ଘ ସମୟ ଶ୍ୱାସ ନେଲେ ଆଜ୍ମା, କାଶ, ଶ୍ୱାସକଷ୍ଟ, ହୃଦ୍‌ରୋଗ ପରି ରୋଗ ହୁଏ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେତେ ଇନ୍ସପେକ୍ସନ୍, କେତେ ନୋଟିସ୍ ଓ କେତେ ଟଙ୍କା ଜରିମାନା ଆଦାୟ ହେଲା, ସେସବୁ ତଥ୍ୟ ସାର୍ବଜନୀନ ନହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଯାଉଛି । ନିୟମ ଉଲ୍ଲଂଘନ ସତ୍ତ୍ୱେ କେତେ କାରଖାନାରେ ପ୍ରୋଡକ୍ସନ୍ କଟ୍ କିମ୍ବା ସ୍ଥାୟୀ/ଅସ୍ଥାୟୀ ବନ୍ଦ ପରି କଡା ପଦକ୍ଷେପ ନିଆଯାଇଛି ସେଥିରେ ମଧ୍ୟ ସ୍ୱଷ୍ଟତା ନାହିଁ । ସାଧାରଣ ମହଲର ମତରେ, ଗାଡ଼ି ପାଇଁ ଚଟଉ ପ୍ରମାଣପତ୍ର ଆବଶ୍ୟକ ଓ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ, କିନ୍ତୁ ପ୍ରଦୂଷଣର ମୁଖ୍ୟ ଦୂଷକ ଥିବା ଶିଳ୍ପ କାରଖାନା, ଖଣି, ଅଲୋଡିଂ ପ୍ଲଟ ଓ ରାସ୍ତା ଧୂଳି ଉପରେ ସମାନ ଭାବେ କଡା କାର୍ଯ୍ୟାନୁଷ୍ଠାନ ନ ହେଲେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରୟାସ ଅଧୁରା ରହିବ । କେବଳ ସାଧାରଣ ଗାଡ଼ି ମାଲିକଙ୍କୁ ଲକ୍ଷ୍ୟ କରି ନୀତି ରୂପାୟଣ କଲେ ପରିବେଶ ସୁରକ୍ଷା ସମ୍ଭବ ନୁହେଁ ବୋଲି ସଚେତନ ନାଗରିକମାନେ ସ୍ପଷ୍ଟ କରୁଛନ୍ତି ।

## କେନାଲ ରାସ୍ତା ଫାଟି ଆଁ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ କାର୍ଯ୍ୟ ୫୦ ବର୍ଷ ଧରି କଚ୍ଛପ ଗତିରେ ଚାଲିବା ସହିତ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଜଳର ଦେଖା ଦର୍ଶନ ନାହିଁ କି ଚାଷ ହିଁ ନାହିଁ । ମାତ୍ର ନିର୍ମାଣ ନାମରେ ଗାଁ ଗଣ୍ଡାର ରାସ୍ତା ଖରାପ ହେବା, ଗୋଚର ଜମିକୁ ଖୋଳି ଦେବା ଯୋଗୁଁ ଜନ ସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିଭଳି ଏକ ସ୍ପର୍ଶ କାତର ଘଟଣା ଘଟିଛି ବୈଶିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଜାମନଣ୍ଡା ଏବଂ ସନ୍ତରା ପଞ୍ଚାୟତ ଅଧିନ ଜୁଗପୁରା ଗ୍ରାମରେ । ସ୍ୱାଧୀନତା ପର ଠାରୁ ଜାମନଣ୍ଡା ଗ୍ରାମକୁ ରାସ୍ତା ନଥିବା ବେଳେ ବହୁ ଦାବି ପରେ ୨୦୨୩-୨୪ରେ ଦୁଇ ପଞ୍ଚାୟତକୁ ନେଇ କଙ୍କ୍ରିଟ ରାସ୍ତାଟିଏ ନିର୍ମାଣ ହୋଇ ପାରିଥିଲା । ସେହି ରାସ୍ତା ଉପରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ୫୦ଟନ୍‌ର ହେଭି ଡମ୍ପର ଚାଲିବା ଯୋଗୁଁ ରାସ୍ତା ଫାଟି ଆଁ ହୋଇ ଯାଇଛି । ବାରମ୍ବାର ଗ୍ରାମବାସୀ ବିରୋଧ କରିବା ପରେ ମଧ୍ୟ ଠିକାଦାରଙ୍କ ଏହି ଭାରି ଯାନ ଚାଲୁ ରହିଥିଲା । ଶନିବାର ଗ୍ରାମବାସୀମାନେ ଏକଜୁଟ ହୋଇ କେନାଲ କାର୍ଯ୍ୟ ବନ୍ଦ କରିବା ସହିତ ଠିକାଦାର ରାମେଶ୍ୱର ମିଶ୍ର (କଟନନା)ଙ୍କ ଡକାଇ ଚେତାବନୀ ଦେବା ସହିତ ମରାମତି କରିବା ପାଇଁ ଦାବି କରିଥିଲେ । ଏହି ଖବର ପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର (ମଣ୍ଟୁ) ଏହି ରାସ୍ତା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଏହି ରାସ୍ତା ମରାମତି ନ କରିଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହିତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

## ବାଇକ୍ ଧକ୍କାରେ ଶ୍ରମିକ ଗୁରୁତର

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା-ଗୋଳାବନ୍ଧ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି । ଆହତ ଶ୍ରମିକ ଜଣକ ହେଲେ ଗୋଳାବନ୍ଧ ଗ୍ରାମର ନବୀନ ବିଶ୍ୱାଳ(୫୨) । ଘଟଣାରୁ ପ୍ରକାଶ ଯେ, ନବୀନ ବୁଗୁଡାରେ ମୂଲକାମ କରି ଗାଁକୁ ଫେରୁଥିବା ବେଳେ ସାମନା ପଟୁ ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା ଏବଂ ସେ ଖଣ୍ଡେ ଦୂରକୁ ଛିଟିକି ପଡିଥିଲେ । ଅଚେତ ଅବସ୍ଥାରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ତାଙ୍କର ମୁଣ୍ଡକୁ ଗଭୀର ଆଘାତ ଲାଗିଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ପଣ୍ଡିତ ପ୍ରବୋଧ ମିଶ୍ରଙ୍କୁ ମିଳିବ ଉତ୍କଳକେଶରୀ ସ୍ମାରକୀ ସମ୍ମାନ

**କଟକ: ଏକ୍ସପ୍ରେସ ନ୍ୟୁଜ୍**

ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୩୧ତମ ପୁଣ୍ୟତିଥିରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଓ ଓଡ଼ିଶାର କାଳିଦାସ ଭାବେ ପରିଚିତ ବରିଷ୍ଠ ସାମ୍ବାଦିକ ପଣ୍ଡିତ ପ୍ରବୋଧ କୁମାର ମିଶ୍ରଙ୍କୁ ସେବାଦଳ ପକ୍ଷରୁ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ 'ଉତ୍କଳକୋରୀ ସ୍ମାରକୀ-୨୦୨୬' ପ୍ରଦାନ କରାଯିବ । ରାଷ୍ଟ୍ରୀୟ ମହତାବ ସେବାଦଳର କେନ୍ଦ୍ରୀୟ ସଭାପତି ଆଡଭୋକେଟ ମନୋଜ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମହାସଚିବ ଆଡଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ଜଣାଇଛନ୍ତି । ଆସନ୍ତା ଜାନୁଆରୀ ୨ ତାରିଖ ଦିନ ଶତାୟୁ ସାହିତ୍ୟ ଅନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପଣ୍ଡିତ ଶ୍ରୀ ମିଶ୍ରଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯିବ । ଏତଦ୍ବ୍ୟତୀତ ଶାନ୍ତିନିକେତନର ପ୍ରାକ୍ତନ ହିନ୍ଦୀ ବିଭାଗ ପ୍ରଫେସର ଡକ୍ଟର ରବୀନ୍ଦ୍ରନାଥ ମିଶ୍ର ଓ କଟକ ସଦରର ଯୁବ ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା କୁନି କୁନି ପିଲାମାନଙ୍କୁ ମିନବଜାର ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାସଚିବ ଆଡଭୋକେଟ ଡକ୍ଟର ଦାସ ଜଣାଇଛନ୍ତି ।

## ପୋଲିସ ମାଡରେ ଯୁବକ ଗୁରୁତର

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**



ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅନ୍ତର୍ଗତ ଆରିକମା ଗ୍ରାମର ବିଜୟ ନନ୍ଦ ତାଡ଼ (ଦେବ)କୁ ଶନିବାର ଦିନ ପୂର୍ବାହ୍ନରେ ବାଙ୍କେଇ ଫାଣ୍ଡି ଅଧିକାରୀ ପହଁଚି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ସୂଚନା ଅନୁଯାୟୀ ଗ୍ରାମର ଆଶା ଜୟସିଂହ ଓ ନୀଳମଣି ପଣ୍ଡାଙ୍କ ପରିବାର ମଧ୍ୟରେ ନଳକୂପରୁ ପାଣି ବ୍ୟବହାରକୁ ନେଇ ଗଣ୍ଡଗୋଳ ହୋଇ ବାଙ୍କେଇ ଫାଣ୍ଡି ଅଧିକାରୀ ମିହିର ରଞ୍ଜନ ପ୍ରଧାନଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା । ଏଥିରେ ଶ୍ରୀ ତାଡ଼ ଘଟଣାକୁ ସମାଧାନ କରିବା ପାଇଁ ଆଗେଇ ଆସିଥିବା ବେଳେ ପୋଲିସ ଫାଣ୍ଡି ଅଧିକାରୀ ଜଣଙ୍କ ଭୁଲ ନିଷ୍ପତ୍ତି ନେଇ ଅଯଥା ମୁଣ୍ଡ ଖେଳାଇ ସରଳ ନିରୀହ ଯୁବକକୁ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ । ତେବେ ଆରିକମା ସ୍ଥିତ ପଲେଇ ସାହି ଛକ ନିକଟରେ ଅତର୍କିତ ଭାବେ ପହଁଚି ପ୍ଲାଷ୍ଟିକ ପାଇପ ଯୋଗେ ମାଡ଼ ମାରି ଲହୁ ଲୁହାଣ କରିଥିଲେ । ପରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଗୁରୁତର ଆହତ ଯୁବକଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏ ଆହତ ଯୁବକ ଜଣକ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବା ସହ ନ୍ୟାୟ ପାଇବା ପାଇଁ ଖୋର୍ଦ୍ଧା ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ଅବଗତ କରିଥିବା ସ୍ଥଳେ କିଛି ଖବର ନାହିଁ ବୋଲି କହିଛନ୍ତି । ଏହି ଘଟଣାରେ ନିର୍ଦ୍ଦୟ ଭାବରେ ମାଡ଼ ମାରି ଥିବା ଫାଣ୍ଡି ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପିକନିକ ସ୍ପଟରେ ପ୍ଲାଷ୍ଟିକ୍ ନିଷେଧ ଅଭିଯାନ

**ମାଲକାନାଗିରି: ଏକ୍ସପ୍ରେସ ନ୍ୟୁଜ୍**

ପର୍ଯ୍ୟଟନ କ୍ଷେତ୍ର ଓ ବଣ ଭୋଜି ଅଞ୍ଚଳରେ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା ପାଇଁ ସାମାଜିକ ଚେତନ ପାଇଁ ମାଥିଲି ବନ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରବିବାର ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ନେତୃତ୍ୱରେ ବଣ୍ଡା ଘାଟି ନିକଟସ୍ଥ ସୀତା କୁଣ୍ଡ ପର୍ଯ୍ୟଟନସ୍ଥଳ ଓ ସପ୍ତଧାରା ପିକନିକ୍ ସ୍ପଟ୍‌ରେ 'ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ' ସଚେତନତା ରାଲି ଏବଂ ସ୍ୱଚ୍ଛ ଭାରତ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା । ଯାହାର ଲକ୍ଷ୍ୟ ଥିଲା ଅଣ-ଜୈବ ଅପଚୟ ଯୋଗ୍ୟ ଅଳିଆ ଦ୍ୱାରା ହେଉଥିବା ଗମ୍ଭୀର ପରିବେଶଗତ କ୍ଷତିକୁ ସୁଚେଇବା । ସହଯୋଗୀ ସ୍ୱେଚ୍ଛାସେବା ଅନୁଷ୍ଠାନ କର୍ମୀ ସୂଚାଇ ଥିଲେ ଯେ ପ୍ଲାଷ୍ଟିକ୍ ଶହ ଶହ ବର୍ଷ ଧରି ପରିବେଶରେ ରହିପାରେ, ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇପାରେ ଏବଂ ଆମର ଜଳ ଏବଂ ମାଟିକୁ ପ୍ରଦୂଷିତ କରିପାରେ । ପରିବର୍ତ୍ତନ, ସଚେତନ ଲୋକମାନେ ପ୍ଲାଷ୍ଟିକ୍ ବ୍ୟାଗ ବ୍ୟବହାର କରିବା ପରିବର୍ତ୍ତେ ପୁନଃ ବ୍ୟବହାର ଯୋଗ୍ୟ କପଡ଼ା ବ୍ୟାଗ କିମ୍ବା ପୁନଃ ବ୍ୟବହାରଯୋଗ୍ୟ ପାଣି ବୋତଲ ବ୍ୟବହାର ପାଇଁ ସଚେତନ କରିଥିଲେ । ଏହା ଭବିଷ୍ୟତ ପିଢ଼ି ପାଇଁ ପରିବେଶ ସୁରକ୍ଷା ଦେବା ପାଇଁ ବୁଝାଇଥିଲେ । ଆମର ବାର୍ତ୍ତା ସରଳ ଓ ପରିବେଶ ପ୍ରେମୀ ହୁଅ, ପ୍ଲାଷ୍ଟିକ୍ ପ୍ରତ୍ୟାଖ୍ୟାନ କର । ଏହି ଅଭିଯାନ ବାସିନ୍ଦାଙ୍କୁ ପ୍ଲାଷ୍ଟିକ୍ ମୁକ୍ତ ଜୀବନଶୈଳୀ ପ୍ରତି ବ୍ୟକ୍ତିଗତ ପ୍ରତିବଦ୍ଧତା କରିବାକୁ ଉତ୍ସାହିତ କରିଥିଲେ । ବନପାଳ, ବନରକ୍ଷୀ, ସୃଷ୍ଟି ଏନଜିଓର ସଦସ୍ୟ, ନିକଟସ୍ଥ ଗ୍ରାମବାସୀ ଓ ଭିଏସଏସ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟତା କରିଥିଲେ । ଆଗାମୀ ଦିନରେ ଆମକୁଣ୍ଡ, ଗୁମ୍ମା ଝରନ, ଏକାଗୁଡ଼ି ପିକନିକ ସ୍ପଟ୍ ଗୁଡିକରେ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

## ବାଣିଜ୍ୟ

### ୨୦୨୫ରେ ବିଟକଏନ୍ ରେକର୍ଡ ଉଚ୍ଚତାରୁ ୩୦ ପ୍ରତିଶତ ହ୍ରାସ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**



୨୦୨୫ ମସିହାରେ ବିଟକଏନ୍ ଏକ ତୀବ୍ର ପତନ ଦେଖିଛି, ଦୁର୍ବଳ ବାଣିଜ୍ୟ କାର୍ଯ୍ୟକଳାପ, ବୈଷୟିକ ଭାଙ୍ଗିପଡ଼ିବା ଏବଂ ଦୀର୍ଘକାଳୀନ ଧାରକମାନଙ୍କ ଦ୍ୱାରା ବିକ୍ରୟ ଜାରି ରଖିବା ଯୋଗୁଁ ଏହାର ରେକର୍ଡ ଉଚ୍ଚସ୍ତରରୁ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି ।

ହ୍ରାସ ସତ୍ତ୍ୱେ, ନିୟମାବଳୀରେ ଉନ୍ନତି, ବର୍ଦ୍ଧିତ ସାଂସ୍ଥାଗତ ସମ୍ପୃକ୍ତି ଏବଂ ବ୍ଲକଚେନ୍ ଗ୍ରହଣକୁ ବିସ୍ତାର କରିବା ଦୀର୍ଘକାଳୀନ ଆଶାବାଦକୁ ଜୀବିତ ରଖିଛି, ୨୦୨୬କୁ କ୍ରିପ୍ଟୋ ବଜାର ପାଇଁ ଏକ ସମ୍ଭାବ୍ୟ ପରିବର୍ତ୍ତନ ବର୍ଷ ଭାବରେ ଦେଖାଯାଉଛି ।

ବର୍ଷ ବର୍ଷ ଧରି, କ୍ରିପ୍ଟୋ ଇକୋସିଷ୍ଟମରେ ସ୍ଥିର ଉନ୍ନତି ରେକର୍ଡ କରାଯାଇଛି । ବିକେନ୍ଦ୍ରୀକୃତ ଆର୍ଥିକ ପ୍ଲାଟଫର୍ମଗୁଡ଼ିକ ବିସ୍ତାରିତ ହେବା ଜାରି ରହିଛି, ସ୍ଥିରକଏନ୍ ପେମେଣ୍ଟ ଏବଂ ସମାଧାନ ପାଇଁ ବ୍ୟାପକ ଗ୍ରହଣୀୟତା ହାସଲ କରିଛି, ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା ପାଇଁ ପାଇଲଟ୍ ପ୍ରକଳ୍ପ ସହିତ ଅନେକ ଦେଶ ଆଗକୁ ବଢ଼ିଛନ୍ତି ।

ଡେଭଲପର କାର୍ଯ୍ୟକଳାପ ମଧ୍ୟ ଦୃଢ଼ ରହିଥିଲା, ବିଶେଷକରି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ଅନ୍ୟାନ୍ୟ ବିଶ୍ୱ ବଜାରରେ, ଲକ୍ଷ ଲକ୍ଷ ଡେଭଲପର ବ୍ଲକଚେନ୍ ନେଟୱାର୍କରେ ଆପ୍ଲିକେସନ୍ ନିର୍ମାଣ କରୁଛନ୍ତି ।

ମୂଲ୍ୟ ଅସ୍ଥିରତା ସତ୍ତ୍ୱେ ବ୍ଲକଚେନ୍ ପ୍ରଯୁକ୍ତିବିଦ୍ୟା ପ୍ରତି ବଢୁଥିବା ଆଗ୍ରହକୁ ଏହି ଧାରାଗୁଡ଼ିକ ଉଜ୍ଜ୍ୱଳ କରିଛି । ବିଟକଏନ୍ ମୂଲ୍ୟରେ ଦୁର୍ବଳତା ବୈଷୟିକ ଏବଂ ବଜାର କାରକଗୁଡ଼ିକର ମିଶ୍ରଣ ଦ୍ୱାରା ଚାଳିତ ହୋଇଛି । ମୂଲ୍ୟ ମୁଖ୍ୟ ୩୬୫-ଦିନର ମୁଭିଂ ହାରାହାରି ତଳକୁ ଖସିଗଲା, ଯାହା ଆହୁରି ବିକ୍ରୟ ଚାପ ସୃଷ୍ଟି କଲା ।

ମୂଲ୍ୟ ହ୍ରାସ ସତ୍ତ୍ୱେ, ୨୦୨୫ରେ ଅନେକ ପ୍ରମୁଖ ବିକାଶ କ୍ରିପ୍ଟୋ ବଜାରକୁ ଆକାର ଦେଇଥିଲା । ବର୍ଷର ପ୍ରାରମ୍ଭରେ, ଯୁକ୍ତରାଷ୍ଟ୍ର ଏକ ଷ୍ଟ୍ରାଟେଜିକ୍ ବିଟକଏନ୍ ରିଜର୍ଭ ସୃଷ୍ଟି ଘୋଷଣା କରିଥିଲା, ଏକ ପଦକ୍ଷେପ ଯାହା ଜାତୀୟ ଏବଂ ରଣନୈତିକ ସ୍ତରରେ ବିଟକଏନ୍‌ର ବର୍ଦ୍ଧିତ ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥିଲା ।

ଏହି ପଦକ୍ଷେପକୁ ପାରମ୍ପରିକ ଆର୍ଥିକ ବ୍ୟବସ୍ଥା ମଧ୍ୟରେ ଡିଜିଟାଲ୍ ସମ୍ପତ୍ତିର ବୃଦ୍ଧି ପାଉଥିବା ଗ୍ରହଣୀୟତାର ଏକ ସଙ୍କେତ ଭାବରେ ବ୍ୟାପକ ଭାବରେ ଦେଖାଯାଇଥିଲା ।

ବର୍ଷ ମଧ୍ୟରେ ନିୟାମକ ସ୍ୱଷ୍ଟତା ମଧ୍ୟ ଉନ୍ନତ ହୋଇଥିଲା । ୨୦୨୫ ମଧ୍ୟଭାଗ ସୁଦ୍ଧା ପ୍ରତିଭା ଆଇନ ପାସ୍ ହେବା ଦ୍ୱାରା ଆମେରିକୀୟ ଡଲାର-ସମର୍ଥିତ ଷ୍ଟେବଲକଏନ୍ ପାଇଁ ଏକ ସ୍ୱଷ୍ଟ ଢାଞ୍ଚା ପ୍ରଦାନ କରାଯାଇଥିଲା ।

ଏହା ବଜାର ବିଶ୍ୱାସକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା ଏବଂ ବ୍ୟବସାୟ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ଷ୍ଟେବଲକଏନ୍‌ର ବ୍ୟାପକ ଗ୍ରହଣକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି ।

ଡିସେମ୍ବରରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଆସିଥିଲା, ଯେତେବେଳେ ଟଙ୍ କମୋଡିଟି ଫ୍ୟୁଚର୍ସ ଟ୍ରେଡିଂ କମିଶନ ପଞ୍ଜିକୃତ ଫ୍ୟୁଚର୍ସ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ସ୍ପଟ୍ କ୍ରିପ୍ଟୋ ଉତ୍ପାଦଗୁଡ଼ିକୁ ବାଣିଜ୍ୟ କରିବାକୁ ଅନୁମତି ଦେଇଥିଲା ।

ଏହି ନିଷ୍ପତ୍ତି କ୍ରିପ୍ଟୋ ବଜାରରେ, ବିଶେଷକରି ସୀମା ପାର କରି, ଦୃଢ଼ ନିୟାମକ ତଦାରଖ, ଉତ୍ତମ ସ୍ୱଚ୍ଛତା ଏବଂ ଗଭୀର ସାଂସ୍ଥାଗତ ଅଂଶଗ୍ରହଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଚିହ୍ନିତ କରିଥିଲା ।

'ଦୃଢ଼ ନିୟମ, ବର୍ଦ୍ଧିତ ସାଂସ୍ଥାଗତ ଆଗ୍ରହ ଏବଂ ନିରନ୍ତର ବିକାଶକାରୀ କାର୍ଯ୍ୟକଳାପ ସହିତ, ବଜାର ଅଂଶଗ୍ରହଣକାରୀମାନେ ଆଶାବାଦୀ ଅଛନ୍ତି ଯେ ନିବେଶକଙ୍କ ବିଶ୍ୱାସ ଫେରିବା ପରେ ଏହି ଭିତ୍ତିଭୂମି ଦୀର୍ଘକାଳୀନ ଅଭିବୃଦ୍ଧିକୁ ସମର୍ଥନ କରିବ,' ବିଶେଷଜ୍ଞମାନେ କହିଛନ୍ତି ।

## ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ତତ୍କାଳ ଜନ୍ମ ପ୍ରମାଣପତ୍ର




**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ସରକାରୀ ସେବାକୁ ସରଳ, ସୁଗମ ଓ ଜନମୁଖୀ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ସମନ୍ୱିତ ପ୍ରୟାସର ଫଳସ୍ୱରୂପ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନବଜାତ ଶିଶୁଙ୍କୁ ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଛି । ଏହି ପଦକ୍ଷେପ ସାଧାରଣ ଲୋକଙ୍କ ପାଇଁ ସରକାରୀ ସୁବିଧାକୁ ସହଜରେ ପହଞ୍ଚାଇବାର ଏକ ଦୃଷ୍ଟାନ୍ତ ହୋଇଉଠିଛି । ଯାଜପୁର ଜିଲ୍ଲାର ଶିଳ୍ପାଞ୍ଚଳ ଭିତରେ ଥିବା ଦାନଗଦି ବ୍ଲକର ଅନେକ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଦୂରବର୍ତ୍ତୀ ହେବା ସହ ନଗଡ଼ା ପରି ଅଞ୍ଚଳର ଆଦିବାସୀମାନେ ସଚେତନତା ଅଭାବରୁ ଦୀର୍ଘଦିନ ଧରି ସରକାରୀ କାଗଜପତ୍ର, ବିଶେଷକରି ଜନ୍ମ ପ୍ରମାଣପତ୍ର ପାଇବାରେ ଭାରି ହଇରାଣ ହେଉଥିଲେ । ଜନ୍ମ ପ୍ରମାଣପତ୍ର ନଥିବାରୁ ଅନେକ ଶିଶୁ ସରକାରୀ କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହୋଇପାରୁନଥିବା ମଧ୍ୟ ଦେଖାଯାଉଥିଲା । ପୂର୍ବରୁ ଜନ୍ମ ପ୍ରମାଣପତ୍ର ପାଇଁ ମାସମାସ ଧରି ଜିଲ୍ଲା କାର୍ଯ୍ୟାଳୟ ଦଉଡ଼ିବାକୁ ପଡୁଥିବା ବେଳେ, ବର୍ତ୍ତମାନ ଡାକ୍ତରଖାନା ଭିତରେ ହିଁ ସମସ୍ତ ପ୍ରକ୍ରିୟା ସମାପ୍ତ ହେଉଥିବାରୁ ଗରିବ ଓ ସାଧାରଣ ଲୋକଙ୍କ ପାଇଁ ଏହା ବଡ଼ ସହଜତା ଆଣିଛି । ନିୟମ ଅନୁଯାୟୀ ୧ ମାସ ପରେ ଜନ୍ମ ପ୍ରମାଣପତ୍ର ପାଇଁ ଜିଲ୍ଲା ପ୍ରଶାସନଙ୍କ ଅନୁମୋଦନ ଓ ୧ ବର୍ଷ ପରେ ମାମଲା ରୁଜୁ କରିବାର ଜଟିଳ ପ୍ରକ୍ରିୟା ଥିବାରୁ ଲୋକେ ଭାରି ସମସ୍ୟା ଭୋଗୁଥିଲେ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ନବଜାତ ଶିଶୁ ଜନ୍ମ ହେବା ସହିତସହିତ ମା'ଙ୍କ ହାତରେ ତତ୍କାଳ ଜନ୍ମ ପ୍ରମାଣପତ୍ର ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି । ଏହି ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମର ସଫଳ ପରିଚାଳନା ପଛରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ଜ୍ୟୋତି ରଞ୍ଜନ ମହାପାତ୍ର, ଡାକ୍ତର ପ୍ରୟୋଜିତ ରାଉତ, ନର୍ସିଂ ମୁଖ୍ୟ ଝରଣା ପ୍ରଧାନ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ବିକାଶ ରଞ୍ଜନ ମଲ୍ଲିକ ଓ ଜନ୍ମ–ମୃତ୍ୟୁ କର୍ମଚାରୀ ବୀରେନ୍ଦ୍ର କିଶୋର ଦାଶଙ୍କ ସକ୍ରିୟ ଓ ପ୍ରଶଂସନୀୟ ଭୂମିକା ରହିଛି । ଗତ ଶୁକ୍ରବାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ନିଜୀଗଡ଼ ଗ୍ରାମର ନବଜାତ ଶିଶୁଙ୍କ ମା' ନଜାମା ଅଖତାର ଓ ପିତା ହାଇଦର ଅଲି ଖାନଙ୍କୁ ତାଙ୍କ ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ହସ୍ତାନ୍ତର କରାଯାଇଥିଲା । ଏପରି ସୁସଂଗଠିତ ବ୍ୟବସ୍ଥା ଓ ସୁପରିଚାଳନା ଜାରି ରହିଲେ ଆଗାମୀ କିଛି ବର୍ଷରେ ଜନ୍ମ ପ୍ରମାଣପତ୍ର ପାଇଁ ସାଧାରଣ ଲୋକଙ୍କୁ ଆଉ ଦଉଡ଼ାଦଉଡ଼ି କିମ୍ବା ହେରାଣ ହେବାକୁ ପଡ଼ିବ ନାହିଁ ବୋଲି ଆଶା ପ୍ରକାଶ ପାଉଛି । ସେହିପରି ମୃତ୍ୟୁ ସମ୍ବନ୍ଧୀୟ ମାମଲାରେ ମଧ୍ୟ ୧୦ ଦିନ ମଧ୍ୟରେ ପ୍ରମାଣପତ୍ର ପ୍ରଦାନ କରାଗଲେ ଏହା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

## ଦର୍ଶକଙ୍କୁ ଅଭିନେତ୍ରୀଙ୍କ ତାଗିଦ

## କଣ୍ଟ୍ରୋଲ୍‌ରେ ରୁହ

### ସିନେମାଫିନେମା ଟିଭିଫିବି



ନିଜ ସୌନ୍ଦର୍ଯ୍ୟ ଏବଂ ନୃତ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଜିଣିଥିବା ହରିୟାଣୀ ଅଭିନେତ୍ରୀ ପ୍ରାଞ୍ଜଳ ଦହିଆ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି । ନିକଟରେ ଏକ ଲାଇଭ୍ ଶୋ'ରେ ପ୍ରାଞ୍ଜଳ ଦର୍ଶକଙ୍କୁ ନାଲି ଆଖି ଦେଖାଇଛନ୍ତି । ଉତ୍ତେଜିତ ଦର୍ଶକ ସୀମା ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ । ଏଥିରେ ରାଗି ଯାଇ ପ୍ରାଞ୍ଜଳ ତାଙ୍କର ନୀରବତା ଭାଙ୍ଗି ମଞ୍ଚରୁ କଡ଼ା ଜବାବ ଦେଇଛନ୍ତି ।

ପ୍ରାଞ୍ଜଳ ଦହିଆ ଏକ ଷ୍ଟେଜ୍ ଶୋ'ରେ ପରଫର୍ମାନ୍ସ କରୁଥିଲେ । ମଞ୍ଚ ସମ୍ମୁଖରେ ଥିବା ଭିଡ଼ରୁ କିଛି ସଦସ୍ୟ ଲଗାତାର କମେଣ୍ଟ କରୁଥିଲେ ଏବଂ ଅଭିନେତ୍ରୀଙ୍କ ସହ ଖରାପ ବ୍ୟବହାର କରିବାକୁ ଚେଷ୍ଟା କରୁଥିଲେ । ଏହା ଦେଖି ତାଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗି ଯାଇଥିଲା ଏବଂ ସେ ମଞ୍ଚ ଉପରୁ ହିଁ ଦର୍ଶକଙ୍କୁ କଡ଼ା ଭାଷାରେ କହିଥିଲେ । ଦର୍ଶକଙ୍କ ମଧ୍ୟରେ ବୟସ୍କ ବ୍ୟକ୍ତି ମଧ୍ୟ ଥିଲେ । ପ୍ରାଞ୍ଜଳଙ୍କ ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ଭିଡିଓରେ ପ୍ରାଞ୍ଜଳ କହୁଛନ୍ତି, 'ତୁମର ମଧ୍ୟ ବୋହୂ ଏବଂ ଝିଅ ଅଛନ୍ତି । ଆଉ ଅଙ୍କଲ୍, ମୁଁ ତୁମ ଝିଅ ବୟସର । ମୁହଁ ଫେରାଇ ନିଅ ନାହିଁ ଜ୍ୟାକେଟ ପିନ୍ଧା ମଉସା । ମୁଁ ତୁମ ସହ କଥା ହେଉଛି । ଦୟାକରି ମଞ୍ଚ ଉପରକୁ ଆସନ୍ତୁ ନାହିଁ । ଦୟାକରି ଟିକେ ପଛକୁ ରୁହନ୍ତୁ । ଆମର ପରଫର୍ମାନ୍ସ ଏବେ ବି ବାକି ଅଛି । ମୁଁ ଅନୁରୋଧ କରୁଛି ଯେ, କାର୍ଯ୍ୟକ୍ରମ ଉପଭୋଗ କରନ୍ତୁ । ଆଉ ଆମକୁ ସହଯୋଗ କରନ୍ତୁ ।' ପ୍ରାଞ୍ଜଳ ଦହିଆଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ପ୍ରଶଂସକମାନେ ତାଙ୍କ ସମର୍ଥନରେ ବାହାରିଛନ୍ତି । ସେପଟେ କେହି କେହି ପ୍ରାଞ୍ଜଳଙ୍କ ଏଭଳି ବ୍ୟବହାରକୁ ତାଙ୍କର ଅହଙ୍କାର ବୋଲି କହିଛନ୍ତି । ଜଣେ ୟୁଜର ଲେଖିଛନ୍ତି, ପ୍ରାଞ୍ଜଳ ଠିକ୍ କାମ କରିଛନ୍ତି । କଳାକାରମାନଙ୍କୁ ଖେଳଣା ପରି ବ୍ୟବହାର କରାଯିବା ଉଚିତ୍ ନୁହେଁ । ଅନ୍ୟ ଜଣେ ଲେଖିଛନ୍ତି, ଭାରତରେ କି ପ୍ରକାରର ଲୋକ ଅଛନ୍ତି ? ସେମାନଙ୍କ ସାମ୍ନା କରିବାକୁ ମଧ୍ୟ ଭୟ ଲାଗେ । ପ୍ରାଞ୍ଜଳ ଦହିଆ ଟିକଟକରେ ଭିଡିଓ କରୁଥିଲେ । ସେ ବହୁତ ଲୋକପ୍ରିୟତା ପାଇଥିଲେ । ଏହା ପରେ ତାଙ୍କୁ ହରିୟାଣୀ ଗୀତ ପାଇଁ ଅଫର ମିଳିଥିଲା । ସେ '୫୨ ଗଜ୍ କା ଦମନ'ଗୀତ ମାଧ୍ୟମରେ ସଂଗୀତ ଦୁନିଆରେ ପାଦ ଥାପିଥିଲେ । ତାଙ୍କର 'ବଲମ୍ ଥାନେଦାର' ଗୀତ ମଧ୍ୟ ହଇଚଇ ସୃଷ୍ଟି କରିଥିଲା । ତାଙ୍କର ଜିପ୍ସି, ନାଚୁଙ୍ଗି ଡିଜେ ଫ୍ଲୋର୍ ପର ଏବଂ ଚମକ୍ ଧୂପ୍ କି' ଭଳି ଗୀତ ମଧ୍ୟ ବହୁତ ଲୋକପ୍ରିୟ ହୋଇଥିଲା ।

# ପଠାଣି ସାମନ୍ତ ସଂଗ୍ରହାଳୟକୁ ଅଣଦେଖା

,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ସହରର ୧୩ ନଂ ଓ୍ୱାର୍ଡସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟରେ ଏବେ ପର୍ଯ୍ୟଟକ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଭିଡ ଦେଖିବାକୁ ମିଳୁଛି। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଜୀବନ ବୃତ୍ତାନ୍ତ ସଂପର୍କରେ ଜ୍ଞାନ ଆହରଣ ନିମନ୍ତେ ବର୍ଷତମାମ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଗବେଷକମାନେ ପଠାଣି ସାମନ୍ତ ସଂଗ୍ରହାଳୟକୁ ପରିଦର୍ଶନରେ ଆସୁଛନ୍ତି। ମାତ୍ର ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ସଂଗ୍ରହାଳୟର ଉନ୍ନତିକରଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ନତୁବା ସ୍ଥାନୀୟ ବିଧାୟକ କେହିହେଲେ ଦୃଷ୍ଟି ଦେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଫଳରେ ଦୈନିକ ଏଠାକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ, ଛାତ୍ରଛାତ୍ରୀ, ପର୍ଯ୍ୟଟକ ଓ ଗବେଷକମାନେ ସଂଗ୍ରହାଳୟର ଏଭଳି ଦୟନୀୟ ସ୍ଥିତିକୁ ଦେଖି ଦୁଃଖ ପ୍ରକାଶ କରୁଛନ୍ତି। ସଂଗ୍ରହାଳୟର କର୍ମଚାରୀମାନେ ଏ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ



ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡିଛି। ସଂଗ୍ରହାଳୟ କୋଠାର କାନ୍ଥରେ ଦୀର୍ଘ ମାସ ହେଲା ବଡ ବଡ ଫାଟ ସୃଷ୍ଟି ହୋଇଥିବାରୁ କେଉଁ ମୁହୂର୍ତ୍ତରେ କୋଠାଟି ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଉଛି। ସେହିପରି କୋଠା ଛାତରୁ ବର୍ଷା ଦିନେ ପାଣି ଗଳୁଥିବା ବେଳେ କୋଠାର ବିଭିନ୍ନ ସ୍ଥାନରୁ ରଙ୍ଗ ଛାଡି ଯିବା ସହ କାନ୍ଥରେ ଲଗାଯାଇଥିବା ଟାଇଲ ଗୁଡିକ ତଳେ ଖସି ପଡିଥିବା ପ୍ରତୀୟମାନ ହେଉଛି। ଗୃହ ଗୁଡିକରେ ଲାଗିଥିବା କବାଟ, ଝରକା ସବୁ କିଛି ଉଇ ଖାଇ ନଷ୍ଟ ହେବାକୁ ବସିଲାଣି। ସେହିପରି ସମ୍ମିଳନୀ କକ୍ଷ ଭିତର ଅଂଶ ସିଲିଙ୍ଗ ଭାଙ୍ଗି ତଳକୁ ଓହଳି ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ସଂଗ୍ରହାଳୟର ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉକି ସଂଗ୍ରହାଳୟଟି କାର୍ଯ୍ୟକ୍ଷମ ହେବାର ୧୦ ବର୍ଷ ପରେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ପରିତାପର ବିଷୟ ଅଟେ। ଏଥିପ୍ରତି ଖଣ୍ଡପଡ଼ା ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଜିର ରାଶିଫଳ

| ତାରିଖ | ସୋମବାର–ନବମୀ |
|---|---|
| ୨୯.୧୨.୨୦୨୫ | ନକ୍ଷତ୍ର– ରେବତୀ, ଅଶ୍ୱିନୀ |

| | |
|---|---|
| ମେଷ | : ଅଶୁଭରେ କଟିବ ଦିନଟି। |
| ବୃଷ | : ଲାଭପ୍ରଦ ହୋଇପାରେ। |
| ମିଥୁନ | : ସୁଖରେ ଦିନଟି କଟିବ। |
| କର୍କଟ | : ଭାଗ୍ୟରେ ଉନ୍ନତି ହୋଇପାରେ। |
| ସିଂହ | : ଦୁର୍ଘଟଣା ଭୟ ରହିପାରେ। |
| କନ୍ୟା | : ହଠାତ୍ ଲାଭ ହୋଇପାରେ। |
| ତୁଳା | : ବନ୍ଧୁଙ୍କ ଠାରୁ ଲାଭ ମିଳିପାରେ। |
| ବିଛା | : ଅର୍ଥ ଲାଭ ହେବାର ସମ୍ଭାବନା ରହିଛି। |
| ଧନୁ | : ମନାନ୍ତର ଲାଗି ରହିପାରେ। |
| ମକର | : ରାଜ ସମ୍ମାନ ପ୍ରାପ୍ତ ହୋଇପାରେ। |
| କୁମ୍ଭ | : ଅଘଟଣ ଭୟ ରହିପାରେ। |
| ମୀନ | : ସୁଖ ପ୍ରାପ୍ତ ମିଳିପାରେ। |

## ସ୍କୁଟି ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ରକ

ବଲାଙ୍ଗିର,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ବଲାଙ୍ଗିର ୨୬ ନମ୍ବର୍ ଜାତୀୟ ରାଜପଥ ଶାସ୍ତ୍ରୀ ନଗର ଛକରେ ସଡ଼କ ଦୁର୍ଘଟଣା ହୋଇଛି । ୧୦ଚକିଆ ମାଲ ବୋଝେଇ ଟ୍ରକ ଜଣେ ସ୍କୁଟି ଆରୋହୀ ଉପରେ ଚଢ଼ି ଯାଇଛି। ଗୋଡ ଉପରେ ଚଢ଼ି ଯିବାରୁ ଅଧିକ ରକ୍ତସ୍ରାବ ହୋଇଥିଲା। ରାସ୍ତାରେ ପଡି ରହିଥିବା ବେଳେ ପୋଲିସର ପିସ ଆର୍ ଭେନ୍ ଆସି ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ପଠାଇଛି।

ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇ ଟାୟାର ଜାଳି ୫ଲକ୍ଷ ଟଙ୍କା ଦାବି କରିଛନ୍ତି। ୧୦ ଚକିଆ ଗାଡିକୁ ଆସ ନଆୟାରେ ସହର ଭିତରକୁ ପୋଲିସ୍ କାହିଁକି ଛାଡିଲେ ତାର ଉତ୍ତର ଦିଅନ୍ତୁ ବୋଲି ଲୋକେ ଦାବି କରିଚ୍ନ୍ତି। ୨୬ନମ୍ବର ଜାତୀୟ ରାଜପଥ ଏବେ ଗାଡ଼ି ଚ଼ଳାଚ଼ଳ ବନ୍ଦ ଅଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି। ଧରମକ୍ଷନନ୍ଦ ଦାଶ (୬୫) ବଲାଂଗୀର ସହର ଚ଼ନ୍ଦ୍ରଶେଖର ନଗରର ବାସିନ୍ଦା ବୋଲି ଜଣାପଡିଛି। ଟ୍ରକ ଦୁର୍ଘଟଣାକୁ ନେଇ ତଦନ୍ତ କରୁଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଘୁମୁସରରେ ବାଘ-ହାତୀ ଆତଙ୍କ

ଭଞ୍ଜନଗର,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ବିଗତ କିଛି ଦିନ ହେବ ବାଘ ଓ ହାତୀଙ୍କ ଦୌରାତ୍ମ୍ୟ ବଢ଼ିଯାଇଛି। ଉକ୍ତ ଦୁଇ ବନ୍ୟପ୍ରାଣୀ ଜଙ୍ଗଲ ଖାଦ୍ୟ ଅପେକ୍ଷା ଜଙ୍ଗଲ ବାହାର ଖାଦ୍ୟ ଅନେକ ସମୟରେ ପସନ୍ଦ କରୁଛନ୍ତି। ତେଣୁ ବିଭିନ୍ନ ସମୟରେ ଉକ୍ତ ଦୁଇ ପ୍ରାଣୀ ଜଙ୍ଗଲ ବାହାରକୁ ଆସି ଲୋକଙ୍କ କ୍ଷତି କରୁଛନ୍ତି। ବାଘ ଗୃହପାଳିତ ପ୍ରାଣୀ ଯଥା ଗାଈ, ଗୋରୁ, ଛେଳି ଆକ୍ରମଣ କରି ଖାଉଛି। କିଛି ଦିନ ପୂର୍ବେ ମୁଜାଗଡ଼ ରେଞ୍ଜ ସିଧାପଦର ଗ୍ରାମରେ ଗୋଟିଏ କଲରାପତରିଆ ବାଘ ଲୋକଙ୍କ ଗାଈ ଓ ଛେଳି ମାରି ଖାଇଥିଲା। ସେହିଭଳି ହାତୀପଲ ମଧ୍ୟ ଏହି ବନଖଣ୍ଡରେ ଲୋକଙ୍କ ବ୍ୟାପକ ଫସଲ କ୍ଷତି କରୁଛି। ଘରଦ୍ୱାର ଭାଙ୍ଗୁଛି। ଏଥିସହ ଦନ୍ତା ହାତୀ ଗୃହପାଳିତ ପ୍ରାଣୀଙ୍କୁ ରାଗରେ ଆକ୍ରମଣ କରି ମାରିଦେଉଛି। ଶନିବାର ରାତିରେ ହାତୀପଲ



ତୁରୁମୁରେ ଧାନ ଗଦା ନଷ୍ଟ କରିଛନ୍ତି। କୋଟିପଡ଼ା, ଗୁଜରାଲି, ବୋରିବନ୍ଧ, ବେରୁଆବାଡ଼ି, ସାମରଡ଼ା, ମୁଜାଗଡ଼, ଖଣ୍ଡିକୋଟି, ଗୁଣ୍ଡିରିବାଡ଼ି ପ୍ରମୁଖ ଗ୍ରାମରେ ଶନିବାର ହାତୀପଲ ବ୍ୟାପକ ଫସଲ କ୍ଷତି କରୁଛନ୍ତି। କଦଳୀ ବଗିଚ଼ା, ଆଖୁ ବଗିଚ଼ା ମଧ୍ୟ ନଷ୍ଟ କରିଛନ୍ତି। ଏଥିସହ ଖଣ୍ଡିକୋଟି ଗ୍ରାମର ଗୋଟିଏ ଗାଈକୁ ଦନ୍ତା ହାତୀ ଆକ୍ରମଣ କରିଛି। ଚ଼ିକିତ୍ସାଧୀନ ଅବସ୍ଥାରେ ଗାଈଟି ମୃତ୍ୟୁବରଣ କରିଛି। ଗାଲେରୀ ରେଞ୍ଜ କରଡ଼ାବଣୀ ସ୍ଥାୟୀ ନର୍ସରୀ ପାଚେରି ଭାଙ୍ଗି ଗତକାଲି ରାତିରେ ୨୩ ପଟ ହାତୀପଲ ପଶି ବ୍ୟାପକ ଚ଼ାରା ନଷ୍ଟ କରିଛନ୍ତି। ଏଥିସହ ସେଠାରେ ଶ୍ରମିକମାନେ ରହିବା ପାଇଁ ଥିବା ଘରଟିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ବାଉଁଶ ଗଛଗୁଡ଼ିକୁ ମଧ୍ୟ ଭାଙ୍ଗି କନ୍ଦା ଖାଇଛନ୍ତି।

ଖବର ପାଇ ବନପାଳ ଶୁଭସ୍ମିତା ପାତ୍ର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏହି ବନଖଣ୍ଡରେ ରବିବାର ସକାଳ ସୁଦ୍ଧା ୭୦ଟି ହାତୀ ମୁଜାଗଡ଼, ଗାଲେରି ଓ ତାରସିଂ ରେଞ୍ଜରେ ଥିବା ଜଣାପଡ଼ିଛି। ବନ୍ୟପ୍ରାଣୀ ଆକ୍ରମଣରୁ ଲୋକଙ୍କ ଯେଉଳି କିଛି କ୍ଷତି ନ ହେବ ସେଥିପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ତାହା ସଫଳ ହେଉନାହିଁ। ଯାହାକି ଚ଼ିନ୍ତାଜନକ ବିଷୟ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆଉ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

## ଖୋଲିଲା ମା’ ବାଙ୍କେଶ୍ୱରୀଙ୍କ ହୁଣ୍ଡି

ଦିଗପହଣ୍ଡି,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ମା’ ବାଙ୍କେଶ୍ୱରୀ ମନ୍ଦିର। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତରେ ଥିବା ଏହି ମନ୍ଦିରର ଦାନହୁଣ୍ଡି ଶନିବାର ଖୋଲା ଯାଇଥିଲା। ସେଥିରୁ ୧୧ ଲକ୍ଷ ୯୩ ହଜାର ୬ ଶହ ଟଙ୍କା ମିଳିଥିବା ଜଣାପଡ଼ିଛି। ସମୟ ଅଭାବରୁ ମନ୍ଦିର ପରିସରରେ ଥିବା ଆଉ ଏକ ଦାନହୁଣ୍ଡି ଖୋଲା ଯାଇନଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଏହି ଦାନ ହୁଣ୍ଡି ଖୋଲାଯିବା ନିମନ୍ତେ ମନ୍ଦିର ପରିଚ଼ାଳନା କମିଟି ପକ୍ଷରୁ ସ୍ଥିର କରାଯାଇଥିବା ଜଣାପଡ଼ିଛି। ଗତ ବର୍ଷ ପୂର୍ବେ ଦାନହୁଣ୍ଡି ଖୋଲା ଯାଇ ସେଥିରୁ ୯ ଲକ୍ଷ ଟଙ୍କା ମିଳିଥିଲା। ଦାନହୁଣ୍ଡିରୁ ଏବଂ ଅନଲାଇନ ମାଧ୍ୟମରେ ଭକ୍ତ ମାନଙ୍କ ଠାରୁ ମିଳିଥିବା ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟାଙ୍କ ଜମାଖାତାରେ ଥିବା ଜଣାପଡ଼ିଛି।

## କୀଟନାଶକ ପିଇ ସ୍ୱାମୀ ମୃତ-ସ୍ତ୍ରୀ ଗୁରୁତର

ଦେବଗଡ,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ପାରିବାରିକ କଳହର କରୁଣ ପରିଣତି। ନିଛାଟିଆ ଜଙ୍ଗଲ ଭିତରେ ବିଷ ପିଇ ସ୍ୱାମୀର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସାରା ରାତି ମୃତ ବାପା ଏବଂ ଗୁରୁତର ମା’ଙ୍କୁ ଜଗି ରହିଲା ୫ ବର୍ଷର ଶିଶୁ ପୁତ୍ର। ଦେବଗଡ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅଞ୍ଚଳରୁ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି।

ଖବର ଅନୁସାରେ, ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ ଏବଂ ତାଙ୍କ ସ୍ତ୍ରୀ ରିଙ୍କୀ ମାଝୀ ଶନିବାର ସନ୍ଧ୍ୟାରେ ଶ୍ୱଶୁର ଘରୁ ଫେରୁଥିଲେ। ତାଙ୍କ ସହିତ ୫ ବର୍ଷର ଶିଶୁ ପୁତ୍ର ମଧ୍ୟ ଘରକୁ ଫେରୁଥିଲା। କିନ୍ତୁ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପୂର୍ବରୁ ବଚ଼ସା ହୋଇଥିଲା। ଏହାକୁ କେନ୍ଦ୍ର କରି ଘରକୁ ଫେରୁଥିବା ବେଳେ ଦଲକ୍ ନିକଟ ରାସ୍ତା କଡରେ ନିଜ ବାଇକ ରଖି ନିଛାଟିଆ ଜଙ୍ଗଲ ଭିତରକୁ ଯାଇ ସ୍ୱାମୀ, ସ୍ତ୍ରୀ କୀଟନାଶକ ପିଇ ଦେଇଥିଲେ। ୫ ବର୍ଷର ଶିଶୁପୁତ୍ର ସବୁ ଦେଖୁଥିଲେ ମଧ୍ୟ



ଉପାୟ ଶୂନ୍ୟ ହୋଇ ପଡିଥିଲା। କିଛି ସମୟ ପରେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ରିଙ୍କୀ ଅଚେତ ହୋଇ ପଡିଥିଲେ। ରାତି ହୋଇଯାଇଥିବାରୁ ଉପାୟଶୂନ୍ୟ ହୋଇ ବାପା, ମାଙ୍କ ପାଖରେ ୫ ବର୍ଷର ଶିଶୁ ପୁତ୍ର ସାରା ରାତି ଜଗିରହିଥିଲା। ରବିବାର ସକାଳ ହେବା ପରେ ଶିଶୁ ପୁତ୍ର ଜଙ୍ଗଲରୁ ବାହାରି ଆସି ରାସ୍ତାରେ ଲୋକଙ୍କୁ ଅଟକାଇବା ସହିତ ଘଟଣା ବିଷୟରେ ଜଣାଇଥିଲା।

ସ୍ଥାନୀୟ ଲୋକ ଏନେଇ କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ପୋଲିସକୁ ସୂଚ଼ନା ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ରବିବାର ପ୍ରାୟ ୧୦ଟାରେ ସ୍ୱାମୀ, ସ୍ତ୍ରୀ ଏବଂ ଶିଶୁପୁତ୍ରକୁ ଉଦ୍ଧାର କରି ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର କିନ୍ତୁ ଦୁଷ୍ମନ୍ତଙ୍କୁ ମୃତ ଘୋଷଣା କରିଥିବା ବେଳେ ସ୍ତ୍ରୀ ରିଙ୍କୀଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ପଠାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କ ଚ଼ିକିତ୍ସା ଜାରି ରହିଥିବା ବେଳେ ଶିଶୁପୁତ୍ର ମଧ୍ୟ କୀଟନାଶକ ଖାଇଥିବା ସନ୍ଦେହ କରି ତାଙ୍କର ମଧ୍ୟ ଚ଼ିକିତ୍ସା କରାଯାଉଛି।

## ପେନସନର୍ସ ଆସୋସିଏସନର ନୂଆ କର୍ମକର୍ତ୍ତା

କଟକ,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମହାନଦୀବିହାର ପେନସନର୍ସ ଆସୋସିଏନର ଆଗାମୀ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା କମିଟି ଘୋଷଣା କରାଯାଇଛି। ସଭାପତି ଭାବେ ଇଂ ତାପସ ଚନ୍ଦ୍ର ସାମନ୍ତ, କାର୍ଯ୍ୟକାରୀ ସଭାପତି ଭାବେ ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପସଭାପତି ଭାବେ ଇଂ ନିମାଇଁ ଚରଣ ମହାନ୍ତି, ସଂପାଦକ ଭାବେ ପ୍ରମୋଦ ଚନ୍ଦ୍ର ଦାସ, ଯୁଗ୍ମ ସଂପାଦକ ଭାବେ ବିଷ୍ଣୁ ପ୍ରସାଦ କର ଓ ମହେନ୍ଦ୍ରନାଥ ପଣ୍ଡା ଏବଂ କୋଷାଧକ୍ଷ ଭାବେ ପ୍ରଶାନ୍ତ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ସେକ୍ଟର ୧ କାର୍ଯ୍ୟକାରିଣୀ କମିଟିର ସଭ୍ୟ ଭାବେ ଶରତ ପାଣି, ନିକୁଞ୍ଜ ବିହାରୀ ରଥ, ପ୍ରଫୁଲ୍ଲ ଶରଣ ଓ ଇନ୍ଦୁମତୀ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ସେକ୍ଟର ୨ର କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଇଂ ପ୍ରମୋଦ ନାୟକ, ଇଂ ଦେବୀ ପ୍ରସାଦ ନନ୍ଦ, ସୁଜିତାଭ ଶତପଥି ଓ ମୃତ୍ୟୁଞ୍ଜୟ ଭୂୟାଁଙ୍କ ନାମ ଘୋଷଣା ହୋଇଛି । ସେକ୍ଟର ୩ ନିମନ୍ତେ ସାଇନାଥ ଉପଲର, ପ୍ରକାଶ ନାୟକ ଓ ନରେନ୍ଦ୍ର ମନ୍ତ୍ରୀ ଏବଂ ସେକ୍ଟର ୪ ନିମନ୍ତେ ପ୍ରଭାକର ରଣା ଓ ଅତନୁ ଦାସଙ୍କ ନାମ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଘୋଷଣା କରାଯାଇଛି । ଆସନ୍ତା ବର୍ଷରେ ନବନିର୍ବାଚିତ ସଭ୍ୟମାନେ ଶପଥ ଗ୍ରହଣ କରି କାର୍ଯ୍ୟଭାର ଗ୍ରହଣ କରିବେ । ଏମଡ଼ିଏମ ସଭାପତି ସଂଜୟ ଜେନା ନୂତନ କର୍ମକର୍ତ୍ତା ଓ ୪ ସେକ୍ଟରରୁ ଆସିଥିବା ସମସ୍ତ କାର୍ଯ୍ୟକାରିଣୀ ସଭ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅସହାୟ ମହିଳାଙ୍କ ଜୀବନ ବିତୁଛି ପରିତ୍ୟକ୍ତ ସରକାରୀ ଘରେ

ବୈଶିଙ୍ଗା,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ପରିତ୍ୟକ୍ତ ସରକାରୀ କୋଠା ପାଲଟିଛି ଅସହାୟ ମହିଳାଙ୍କ ସ୍ଥାୟୀ ବାସସ୍ଥଳୀ। ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଏହି ପରିତ୍ୟକ୍ତ କୋଠାରେ ବିତୁଛି ତାଙ୍କ ଜୀବନ। ତାହା ପୁଣି ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ। ଅସହାୟ ମହିଳା ଜଣକ ହେଉଛନ୍ତି ମାଳତୀ ସିଂ। ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପ୍ରାଣୀ ଚ଼ିକିତ୍ସାଳୟ ଉଦ୍ଦେଶ୍ୟରେ ନିର୍ମିତ ଏକ ପରିତ୍ୟକ୍ତ କୋଠା ଘରେ ରହୁଛନ୍ତି। କୋଠାଟି ଭୂତକୋଠି ପାଲଟି ଥିଲେ ବି ବିନା ଭୟରେ ଏକୁଟିଆ ଘରର ଦ୍ୱାରରେ ଏକ ଲୁଗା



ଟାଙ୍ଗି ଦେଇ ହାଡ ଭଙ୍ଗା ଶୀତରେ ରହୁଛନ୍ତି। ହାଣ୍ଡି, ଡେକଚ଼ି କି କଡା ପାଖରେ ନଥିବାରୁ ଇଟା ଥାକ ଦିଆ ଚୁଲିରେ ପଖାଳ ଖିଆ ବେଲା ଦ୍ୱାରା ଯେତେକି ରୋଷେଇ ହୁଏ ସେତେକି ଖାଇ ବଞ୍ଚୁଛନ୍ତି। ମୂଳ ଲାଗିବା ସମ୍ଭବ ହେଉନଥିବାରୁ କାହାରି ଘରେ କେବେ କେମିତି ଲିପାପୋଛା କାମ କରିଦେଲେ ଖୁସିରେ ଯାହା ଖାଇବାକୁ ଦେଲେ ବା ୧୦/୫୦ ଟଙ୍କା ଦେଲେ ସେତିକିରେ ସେ ବେଶ ଖୁସି। କେଉଁଠାରୁ ଆସି ଏଠାରେ ଏତେବର୍ଷ ରହିଲେଣି ତାହା ବି ସେ ସ୍ପଷ୍ଟ କହିବାକୁ ଅସମର୍ଥ। ବାହାରୁ ଆସି ରହୁଥିଲେ ବି ଅବଶ୍ୟ ୧୦ କି.ଗ୍ରା. ସରକାରୀ ଚ଼ାଉଳ ତାଙ୍କୁ ମିଳିଯାଉଛି। ଏପର୍ଯ୍ୟନ୍ତ ଭତ୍ତା ମିଳିପାରିନାହିଁ କି ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟ। ଉକ୍ତ ଅସହାୟ ମହିଳା ଜଣକ ଭୂମିହୀନ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ତାଙ୍କୁ କିଛି ପଚ଼ାରିଲେ ସ୍ପଷ୍ଟ ଉତ୍ତର ମିଳୁନଥିବାରୁ ମହିଳା ଜଣକ ଏକୁଟିଆ ରହି ରହି ଏପ୍ରକାର ଆଚ଼ରଣ କରୁଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ବିଭାଗୀୟ ଅଧିକାରୀମାନଙ୍କର ନଜର ପଡଲେ ହୁଏତ ମହିଳା ଜଣକ ସମ୍ମାନରେ ଜୀବନ ଜୀଇଁବାରେ ସଫଳ ହୁଅନ୍ତେ।

## ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ: ଜଣେ ଗିରଫ

ବ୍ରହ୍ମଗିରି,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍



ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଘରେ ପଶି ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ଘଟଣା ଏବେ ଚ଼ାଞ୍ଚଲ୍ୟ ସୃଷ୍ଟି କରିଛି। ଅଭିଯୁକ୍ତ ଭୂଷଣ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚ଼ାଲାଣ କରିଛି। ଶନିବାର ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ସାମ୍ବାଦିକ ସମ୍ମିଳନୀ କରି ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନୂତନ ସରକାର ଆସିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କହିଛନ୍ତି। ଅନ୍ୟପଟେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପୀଡ଼ିତାଙ୍କ ପାଖକୁ ଯାଇ ପୀଡ଼ିତାଙ୍କୁ ଭେଟିବା ସହ ଥାନାକୁ ଯାଇ ଘଟଣା ସମ୍ପର୍କରେ ପୋଲିସ ସହିତ ଆଲୋଚ଼ନା କରିଛନ୍ତି। ଏଭଳି ଜଘନ୍ୟ ଘଟଣା ଘଟାଇଥିବା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ପୀଡ଼ିତା ନ୍ୟାୟ ପାଇବେ ବୋଲି କହିଛନ୍ତି। ଶନିବାର ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଉଠାଇ ଆଣି ପୋଲିସ ଗିରଫ କରିଛି। ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି ଏବଂ ଅଭିଯୁକ୍ତକୁ କୋର୍ଟ ଚ଼ାଲାଣ କରାଯାଇଛି।

## ଚୋରକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ

ଭଦ୍ରକ,୨୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଚୋରି କରୁଥିବାବେଳେ ଜଣେ ନିଶାଡ଼ି ଯୁବକଙ୍କୁ କାବୁ କରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଲେ ଗ୍ରାମବାସୀ। ପ୍ରବଳ ମାଡ଼ ମାରିବା ପରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏପରି ଘଟଣା ଘଟିଛି ଭଦ୍ରକ ପୁରୁଣା ବଜାର ଥାନା ସନ୍ଥିଆ ଗ୍ରାମରେ। ଗ୍ରାମବାସୀଙ୍କ ଦ୍ୱାରା କାବୁ ହୋଇ ଥିବା ଯୁବକ ଜଣଙ୍କ ବିଭିନ୍ନ ସମୟରେ ଚୋରି କରି କୌଶଳ କ୍ରମେ ଫେରାର ହୋଇଯାଉଥିଲେ। ତେବେ ରବିବାର ଭୋର ସମୟରେ ଗ୍ରାମରେ ଜଣେ ଲୋକଙ୍କ ଘରେ ଚୋରି କରି ପଳେଇ ଯାଉଥିଲେ। ଏହି ସମୟରେ ଗ୍ରାମବାସୀ ଏକାଠି ହୋଇ ତାଙ୍କୁ କାବୁ କରିଥିଲେ।



ପରେ ତାଙ୍କୁ ଉତ୍ତମ ମଧ୍ୟମ ଦେଇ ଗାଁ ମଝିରେ ଥିବା ବିଦ୍ୟୁତ ଖୁଣ୍ଟରେ ଗୋଡ଼ଠାରୁ ଅଣ୍ଟା ପର୍ଯ୍ୟନ୍ତ ବାନ୍ଧି ଦେଇଥିଲେ। ଖବର ପାଇ ଭଦ୍ରକ ପୁରୁଣା ବଜାର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ଚୋରି ସମ୍ପର୍କରେ ପଚ଼ରାଉଚ଼ରା କରୁଛି। ତେବେ ସେହି ଯୁବକ ଜଣଙ୍କ ଏତେ ମାତ୍ରାରେ ନିଶା ଶକ୍ତ ହୋଇଛନ୍ତି ଯେ ସେ ଠିକ୍ ଭାବେ କଥା ମଧ୍ୟ କହି ପାରୁନାହାନ୍ତି। ସମ୍ପୃକ୍ତ ଯୁବକଙ୍କଠାରୁ ପୋଲିସ ବସ୍ତାରେ ରଖିଥିବା ଚୋରି ସାମଗ୍ରୀ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବେଦାନ୍ତ ପକ୍ଷରୁ କ୍ରିକେଟ ପ୍ରତିଯୋଗିତା

ଝାରସୁଗୁଡ଼ା,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା ଭାଗିମାଲରେ ୭ତମ ସମଲେଶ୍ୱରୀ ନଗର କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ଗ୍ରାମ ଏବଂ ବିଦ୍ୟାଳୟରେ କ୍ରୀଡାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବେଦାନ୍ତ ନିରନ୍ତର ଏବଂ ସଂରଚ଼ିତ ହସ୍ତକ୍ଷେପ ମାଧ୍ୟମରେ ପିଲା ଏବଂ ଯୁବକମାନଙ୍କ ପାଇଁ ସଂଗଠିତ କ୍ରୀଡ଼ାର ପ୍ରବେଶକୁ ବିସ୍ତାର କରୁଛି। ସାମ୍ପ୍ରଦାୟିକସ୍ତରରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରୁଛି। ଦଳଗତ ଏବଂ ବ୍ୟକ୍ତିଗତ କ୍ରୀଡାରେ ବେଦାନ୍ତ ସୁଯୋଗ ସୃଷ୍ଟି କରୁଛି। ଗ୍ରାମମାନଙ୍କରେ ସାମ୍ପ୍ରଦାୟିକ କ୍ରିକେଟ ପ୍ରତିଯୋଗିତା, ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବେଦାନ୍ତ ଝାରସୁଗୁଡାର ସିଏସଆର-ନେତୃତ୍ୱାଧୀନ ଏନଗେଜମେଣ୍ଟ କାର୍ଯ୍ୟକ୍ରମ ଅଧୀନରେ ଜଜ୍ କଲୋନୀ ଗ୍ରାଉଣ୍ଡରେ ଅନୁଷ୍ଠିତ ପାଞ୍ଚଦିନିଆ ସାମ୍ପ୍ରଦାୟିକ କ୍ରିକେଟ ପ୍ରତିଯୋଗିତାରେ ଏହି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା। ଝାରସୁଗୁଡ଼ାର ଷୋହଳଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଝାରସୁଗୁଡା ଜିଲ୍ଲାର ୧୦ଟି ସ୍କୁଲରେ ସମ୍ପ୍ରତି ମାର୍ଶଲ ଆର୍ଟ କର୍ମଶାଳା ଆୟୋଜନ କରୁଛି। ଏହା ୧୦୦୦ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଛି। ବେଦାନ୍ତ ଝାରସୁଗୁଡାରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରୁଛି ବୋଲି ବେଦାନ୍ତ ଝାରସୁଗୁଡାର ସିଇଓ ସି ଚ଼ନ୍ଦ୍ର ପ୍ରକାଶ କରିଛନ୍ତି।

# ବାରବାଟୀ ସୌନ୍ଦର୍ଯ୍ୟକରଣ ପ୍ରତି ଅବହେଳା

## ଗଡ଼ଖାଇ ପୁନରୁଦ୍ଧାର ହେବ କେବେ ?

କଟକ,୨୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ହଜାର ବର୍ଷର ସହର କଟକର ସନ୍ତକ ଓ ସଂକେତ ହେଉଛି ଐତିହାସିକ ବାରବାଟୀ ଦୁର୍ଗ ଏବଂ ଏହାର ଗଳାରେ ମାଳା ସଦୃଶ ରହିଛି ଗଡ଼ଖାଇ। ୧୩ ଶହ ଶତାବ୍ଦୀରେ ଗଙ୍ଗ ବଂଶ ରାଜା ଅନଙ୍ଗ ଭୀମଦେବଙ୍କ ଦ୍ୱାରା ଐତିହାସିକ ବାରବାଟୀ ଦୁର୍ଗ ନିର୍ମାଣ ହୋଇଥିଲା। ଦୁର୍ଗର ସୁରକ୍ଷା କବଚ ସାଜିଥିଲା ଏହି ଗଡ଼ଖାଇ। ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏଥିରେ ଛଡ଼ା ଯାଇଥିଲା ବିଷଧର ସର୍ପଙ୍କ ସହିତ ବଡ଼ ବଡ଼ କୁମ୍ଭୀର। ମୋଗଲ, ମରହଟ୍ଟା ଏବଂ ବ୍ରିଟିଶ ଶାସନ ବହୁ ସଂଘର୍ଷ ପରେ ଏହି ଦୁର୍ଗକୁ ଅକ୍ତିଆର କରିଥିଲା। ଢ଼ାଲ ଭଳି ଶତ୍ରୁଙ୍କ ଆଗରେ ମୁଣ୍ଡଟେକି ଠିଆହୋଇଥିଲା ଏହି ଗଡ଼ଖାଇ। ଏହିପରି ଅନେକ ଗାଥା ବହନ କରୁଥିବା ଗଡ଼ଖାଇ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ନାଁ ରହିଛି ରକ୍ଷଣାବେକ୍ଷଣ ବ୍ୟବସ୍ଥା ନା ଅଛି ପ୍ରଶାସନିକ ତତ୍ପରତା। ସଂପ୍ରତି ହଜିବାକୁ ବସିଛି ଏହି ଐତିହ୍ୟ କୀର୍ତ୍ତିରାଜି। ବିପୁଳ ଅର୍ଥ ବ୍ୟୟରେ ଉଦ୍ଧାର ହୋଇଥିବା ଗଡ଼ଖାଇ ଅଂଶ (ଆନନ୍ଦ ଭବନ-ଇଣ୍ଡୋର ଷ୍ଟାଡ଼ିୟମ ରାସ୍ତା ପାର୍ଶ୍ୱ) ଏବେ କେବଳ ଦଳରେ ଭରି ରହିଛି। ଫଳରେ ଗଡ଼ଖାଇ ପଙ୍କରେ ପୋତି ହୋଇ ଦଶଫୁଟ ଉଚ୍ଚ ଜଙ୍ଗଲୀ ଘାସର କୁଦ ପାଲଟି ଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାରୁ କୋଟି କୋଟି ଟଙ୍କା ବ୍ୟୟରେ ପୁର୍ନରୁଦ୍ଧାର ହେଉଥିବା ଏହି ଗଡ଼ଖାଇର ସୌନ୍ଦର୍ଯ୍ୟୀକରଣ ସଂପ୍ରତି



ଉଜୁଡ଼ିବାକୁ ବସିଛି ।

୨୦୧୦ରୁ ଗଡ଼ଖାଇ ପୁର୍ନରୁଦ୍ଧାର କାର୍ଯ୍ୟ ଚାଲିଛି । ଏହି ୧୫ ବର୍ଷ ମଧ୍ୟରେ ପାଖାପାଖି ୧୦ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। ମାତ୍ର ୩୦ ପ୍ରତିଶତ କାମ ଶେଷ ହୋଇଛି। ସୁରକ୍ଷିତ ରହିଛି ଦଶ ପ୍ରତିଶତ ପ୍ରାଚୀନ ନିର୍ମାଣ। ଅପର ପକ୍ଷରେ ମାସେ କାମ ହେଲେ ବର୍ଷେ ବନ୍ଦ ରହୁଛି। ଶେଷ ପର୍ଯ୍ୟାୟ କାମ ଦୁର୍ଗ ଦ୍ୱାର କଡ଼ରେ ୨୦୨୩ ସେପ୍ଟେମ୍ବର ମାସରେ ହୋଇଥିଲା । ତେବେ ସିଏମସି ପାଖରେ ଏହି କାର୍ଯ୍ୟ ପାଇଁ ପାଖାପାଖି ୧୫କୋଟି ଟଙ୍କା ପଡ଼ି ରହିଛି, ଯାହାର ସଦୁପଯୋଗ ଏଏସଆଇ କରୁନାହିଁ। ଗଡ଼ଖାଇ ପ୍ରାଚୀର ପୁର୍ନରୁଦ୍ଧାର କାର୍ଯ୍ୟ ପାଇଁ ସିଏମସି ଅର୍ଥ ଦେଉଛି ଏବଂ ଏଏସଆଇ କାମ କରୁଛି। ନିୟମିତ ଧାରାରେ ବାରମ୍ବାର କାମ ବନ୍ଦ ରହୁଥିବା ଯୋଗୁ ପୁର୍ନରୁଦ୍ଧାର ବିଳମ୍ବ ହେଉଛି। ଫଳରେ ସଂପୂର୍ଣ୍ଣ ଗଡ଼ଖାଇର ପୁର୍ନରୁଦ୍ଧାର ସମୟ ଆକଳନ କରିହେଉ ନଥିବା ଜଣାପଡ଼ିଛି। ଐତିହ୍ୟ ବାରବାଟୀ ଗଡ଼ଖାଇ ପୁର୍ନରୁଦ୍ଧାର କାର୍ଯ୍ୟକୁ ୧୫ ବର୍ଷ ବିତି ଗଲାଣି। ଏହି ୧୫ ବର୍ଷ ମଧ୍ୟରେ ୩ ବର୍ଷ ମାତ୍ର କାମ ହୋଇଛି ଓ ବାର ବର୍ଷ କାମ ବନ୍ଦ ରହିଛି। ୨୦୧୦ ଫେବୃଆରୀରେ ଦୁର୍ଗର ଦକ୍ଷିଣ ପଶ୍ଚିମ ପଟରେ ଆନନ୍ଦ ଭବନ-ଇଣ୍ଡୋର ଷ୍ଟାଡ଼ିୟମ ରାସ୍ତା ପାର୍ଶ୍ୱ ଗଡ଼ଖାଇର ଉଭୟପଟ ପ୍ରାଚୀର ପୁର୍ନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୨୦ ମିଟର କାମ ହୋଇଥିଲା। ୩ ବର୍ଷ କାମ ବନ୍ଦ ରହି ୨୦୧୩ରେ ପୁଣି ୨୦୦ ମିଟର କାନ୍ଥ କାମ ହେଲା। ପୁନଶ୍ଚ ୨ ବର୍ଷ ବନ୍ଦ ରହି ୨୦୧୫ରେ ୧୨୦ ମିଟର ଓ ପୁଣି ୨ ବର୍ଷ ବନ୍ଦ ରହି ୨୦୧୭ରେ ୨୦୦ ମିଟର କାମ ହେବା ପରେ ୬ ବର୍ଷ ପର୍ଯ୍ୟନ୍ତ କାମ ବନ୍ଦ ରହିଲା। ୨୦୨୩ ମାର୍ଚ୍ଚରେ କାର୍ଯ୍ୟ ପୁଣି ଆରମ୍ଭ ହେଲା ଓ କ୍ଷେତ୍ର ବଦଳା ଯାଇ ଦୁର୍ଗ ମୁଖ୍ୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱ ସରକାରୀ କ୍ୱାର୍ଟର ସାମନା ଅଞ୍ଚଳରେ ୧୪୦ ମିଟର ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱର ପ୍ରାଚୀର କାମ କରାଗଲା ଓ ସେପ୍ଟେମ୍ବରରେ କାମ ସରିଲା। ଆଉ କାମ ହେଲା ନାହିଁ, ଇତି ମଧ୍ୟରେ ଗଡ଼ିଗଲାଣି ୨ ବର୍ଷ ୩ ମାସ ସମୟ। ଏଏସଆଇ ମୁଖ୍ୟ କାର୍ଯ୍ୟାଳୟ, କଟକ ବିଭାଗ ଓ ମହାନଗର ନିଗମ ମଧ୍ୟରେ ସମନ୍ୱୟ ଅଭାବ ଏବଂ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏହି ଐତିହ୍ୟ ପୁର୍ନରୁଦ୍ଧାର କାର୍ଯ୍ୟ ବାରବାଂର ବାଧାପ୍ରାପ୍ତ ହେଉଛି। ପୁର୍ନରୁଦ୍ଧାର କାର୍ଯ୍ୟ ପାଇଁ ସିଏମସି ପାଖରେ ୧୨କୋଟି ଟଙ୍କା ପଡ଼ି ରହିଥିବା ଜଣା ପଡ଼ିଛି। ଯାହାର ବିନିଯୋଗ କରିବ ଏଏସଆଇ। ହେଲେ ବିଭାଗୀୟ କର୍ତ୍ତୃକ୍ଷଙ୍କ ଆନ୍ତରିକତା ଅଭାବରୁ ବାରବାଟୀ ଦୁର୍ଗର ସୌନ୍ଦର୍ଯ୍ୟୀକରଣ ଓ ଗଡ଼ଖାଇର ପୁର୍ନରୁଦ୍ଧାର କାର୍ଯ୍ୟ ବିଳମ୍ବ ହେଉଛି। ଗଡ଼ଖାଇର ସୁରକ୍ଷା, ସଂରକ୍ଷଣ, ପୁର୍ନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ ନିମନ୍ତେ ସହରର ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବିଙ୍କ ପକ୍ଷରୁ ଦାବି କରାଯାଇଛି।

ଏଭଳି ଏକ ସମୟରେ ଆମ ଭାଷାର ଭବିଷ୍ୟତକୁ ନେଇ ଶଙ୍କା ଉପୁଜିବା ସ୍ୱାଭାବିକ । ତେଣୁ ପ୍ରାଥମିକ ସ୍ତରରୁ ଆମକୁ ପାଠକ ସୃଷ୍ଟି କରିବାକୁ ପଡ଼ିବ । ବହି କିଭଳି ମୋବାଇଲ ବିକଳ୍ପ ହୋଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି । ଠିକ୍ ଏଇଭଳି ଏକ ସମୟରେ ଉତ୍ତର ପ୍ରଦେଶ ସରକାରଙ୍କ ଭଳି ଆମ ସରକାର ମଧ୍ୟ ବିଦ୍ୟାଳୟଗୁଡ଼ିକରେ ଖବରକାଗଜ ପଠନକୁ ବାଧ୍ୟତାମୂଳକ କରିବା ଦରକାର । ଖବରକାଗଜ ମଧ୍ୟ ଭାଷାକୁ ବଞ୍ଚେଇ ରଖେ, ବୁଦ୍ଧିମନ୍ତ କରେ ଏବଂ ଭାଷାଜ୍ଞାନ ବଢ଼ାଏ । ସମାଜର ସ୍ଥିତିକୁ ସୁଚେଇଦିଏ । ସଚେତନ କରାଏ ମଣିଷକୁ ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୯ ଡିସେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍


## ଅନୁକରଣୀୟ ନିଷ୍ପତ୍ତି

ନିକଟରେ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପାଇଁ ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମା ଆଜିର ଦିନରେ ଖୁବ୍ ଗୁରୁତ୍ୱ ବହନ କରେ । ଛାତ୍ରଛାତ୍ରୀଙ୍କ ପାଇଁ ଖବରକାଗଜ ପଠନ ବାଧ୍ୟତାମୂଳକ କରିବାକୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଜାରି କରିଛନ୍ତି । ପିଲାମାନେ ଦୈନିକ ପ୍ରାର୍ଥନା କ୍ଲାସ୍ ସମୟରେ ୧୦ ମିନିଟ୍ ଲେଖାଏଁ ଉଭୟ ଇଂରାଜୀ ଏବଂ ହିନ୍ଦୀ ଖବରକାଗଜ ପଢ଼ିବେ । ପିଲାମାନେ ଡିଜିଟାଲରେ ଉପଲବ୍ଧ ଇ-ପେପର ପରିବର୍ତ୍ତେ ଛାପା ଖବରକାଗଜ ହିଁ ପଢ଼ିବେ । ଏଥିପାଇଁ ସ୍କୁଲ୍ କର୍ତ୍ତୃପକ୍ଷ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରିବେ ।

ଏହାଦ୍ୱାରା ପିଲାମାନଙ୍କ ପଠନ ଅଭ୍ୟାସ ବୃଦ୍ଧି ହେବ । ପିଲାମାନେ ମୋବାଇଲ୍, ଟିଭି ଆଦି ଦେଖିବାରୁ ଦୂରେଇ ରହି ପଢ଼ାପଢ଼ି ଉପରେ ଅଧିକ ମନୋନିବେଶ କରିବେ । ଅନ୍ୟପଟେ ପଠନ ଅଭ୍ୟାସ ଦ୍ୱାରା ପିଲାମାନଙ୍କ ଚିନ୍ତାଶକ୍ତି, ବିଚାରଶକ୍ତି ଓ ବୁଦ୍ଧିମତାର ବିକାଶ ହେବ । ଡିସେମ୍ବର ୨୩ରେ ଜାରି ହୋଇଥିବା ଏହି ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥନା କ୍ଲାସ୍‌ରେ ସମ୍ପାଦକୀୟ ପୃଷ୍ଠାର ମୁଖ୍ୟ ପଏଣ୍ଟ ସହିତ ପ୍ରମୁଖ ଜାତୀୟ, ଅନ୍ତର୍ଜାତୀୟ, କ୍ରୀଡ଼ା ଓ ବିଭିନ୍ନ ସକରାତ୍ମକ ଖବରକୁ ପଠନ କରାଯିବ । ସମସାମୟିକ ଘଟଣାଗୁଡ଼ିକ ବିଷୟରେ ପିଲାମାନେ ଜାଣିବା ଦ୍ୱାରା ସେମାନଙ୍କ ସାଧାରଣ ଜ୍ଞାନର ବିକାଶ ହୋଇପାରିବ, ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାମାନଙ୍କୁ ସହାୟକ ହେବ । ନିୟମିତ ଖବରକାଗଜ ପଠନ ଦ୍ୱାରା ପିଲାମାନଙ୍କ ଶବ୍ଦଜ୍ଞାନ ଓ ଭାଷାଜ୍ଞାନ ବିକଶିତ ହେବ । ସମ୍ପାଦକୀୟ ପୃଷ୍ଠାର ପ୍ରବନ୍ଧଗୁଡ଼ିକ ପଠନ କରିବା ଦ୍ୱାରା ସେମାନଙ୍କ ଲେଖିବା ଦକ୍ଷତା ବୃଦ୍ଧି ପାଇବ । ପରୋକ୍ଷରେ ସ୍କୁଲ୍‌ଗୁଡ଼ିକ ନିମନ୍ତେ ଜାରି ଏଇ ନିର୍ଦ୍ଦେଶକୁ ଅନ୍ୟ ଘରୋଇ ସ୍କୁଲ୍‌ଗୁଡ଼ିକୁ ମଧ୍ୟ ଅନୁପାଳନ କରିବାକୁ କୁହାଯାଇଛି ।

ଆମ ରାଜ୍ୟ ଏକ ଭାଷାଭିତ୍ତିକ ରାଜ୍ୟ ହୋଇଥିଲେ ମଧ୍ୟ ଆଜିଯାଏଁ ଭାଷା ଆନ୍ଦୋଳନ ଜାରି ରହିଛି । ସରକାରୀ ସ୍ତରରେ ଓଡ଼ିଆ ଭାଷା ଆଧିପତ୍ୟ ବିସ୍ତାର କରିପାରିନି । ଇଂରାଜୀର ପ୍ରଚଳନ ଏବେବି ବଜାଏ ରହିଛି । ଓଡ଼ିଆରେ ବଜାର ଦୋକାନର ନାମ ଫଳକ ଲେଖାଯିବାର ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହା କେଉଁଠି ବି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନି । ଖିଲାପକାରୀଙ୍କ ଉପରେ ଜରିମାନା କରିବାର ଦୃଷ୍ଟାନ୍ତ ବୋଧେ ନାହିଁ ।

ଆମ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ତଥାପି ଆମେ ମନପ୍ରାଣରେ ଆମ ଭାଷାକୁ ଭଲ ପାଇପାରିନେ । ପାଠକ ସଂଖ୍ୟା କମିବା ଏବଂ ନୂଆ ପାଠକ ସୃଷ୍ଟି ନହେବା ଧାରା ଜାରି ରହିଛି ରାଜ୍ୟରେ ।

ଆମ ରାଜ୍ୟର ପୁରୁଖା-ପାକଳ ଲେଖକମାନେ ପିଲାଙ୍କ ପାଇଁ ଲେଖନ୍ତିନି । ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ନାମୀଦାମୀ ଲେଖକମାନେ ଉଭୟ ପିଲାଙ୍କ ପାଇଁ ଏବଂ ବଡ଼ଙ୍କ ପାଇଁ ସମତାଳରେ କଲମ ଚାଳନା କରନ୍ତି । ସେଇ ପିଲାମାନେ ହିଁ ପରବର୍ତ୍ତୀ ସମୟରେ ବଡ଼ଙ୍କ ପାଇଁ ଲେଖାଯାଉଥିବା ଗଳ୍ପ, କବିତା ଏବଂ ଉପନ୍ୟାସର ପାଠକ ହୋଇଥାନ୍ତି । ଆମ ରାଜ୍ୟରେ ଶିଶୁ ସାହିତ୍ୟର ଅବସ୍ଥା ଖୁବ୍ ଦୟନୀୟ ।

ଆଜିର ଉତ୍ତରପିଢ଼ି ମୋବାଇଲ୍ ନିଶାରେ । ମୋବାଇଲ୍‌ରେ ସବୁପ୍ରକାର ମନୋରଞ୍ଜନର ଖୋରାକ ଉପଲବ୍ଧ । ଯେଉଁସବୁ ନିଶିଦ୍ଧ ଦୃଶ୍ୟ ବା ବିଷୟବସ୍ତୁ ଛୋଟ ପିଲାମାନେ ଦେଖିବା କଥା ନୁହେଁ, ତାକୁ ବି ଆଜିକାଲିର ଛୋଟ ଛୋଟ ପିଲାଏ ଦେଖୁଛନ୍ତି । ସେମାନଙ୍କ ହାତରେ ରହିଛି ସ୍ମାର୍ଟଫୋନ୍ । କରୋନା କାଳରେ ଅନ୍‌ଲାଇନ୍ ପାଠପଢ଼ା ପାଇଁ ବାପା ମା' ପିଲାଙ୍କ ହାତରେ ଧରେଇଦେଲେ ସ୍ମାର୍ଟଫୋନ୍, ଯାହା ଆଜି ସେମାନଙ୍କୁ ବିପଥଗାମୀ କରୁଛି । ଯିଏ ଥରେ ସ୍ମାର୍ଟଫୋନ୍‌ର ମାୟାରେ ପଡ଼ିଲାଣି ତାକୁ କ'ଣ ଗଳ୍ପ, ଉପନ୍ୟାସ ବାନ୍ଧି ରଖିପାରିବ?

ଯେଉଁମାନଙ୍କୁ ଆମେ ପାଠକ ବୋଲି ଭାବୁଥିଲେ, ମାନେ ଯୁବକଙ୍କ ପୂର୍ବପିଢ଼ି ଅର୍ଥାତ୍ ଆଜିର ପିଲାଙ୍କ ବାପା ମା'- ସେମାନେ ମଧ୍ୟ ମୋବାଇଲ୍ ନିଶାରେ ନିଶାଗ୍ରସ୍ତ ହୋଇପଡ଼ିଲେଣି । ପିଲାଏ ଏବେ ସେମାନଙ୍କ ମୋବାଇଲ୍ ଗୁରୁ ପାଲଟିଛନ୍ତି । ବାପା ମା' ଯେଉଁଠି ଝୁଣ୍ଟୁଛନ୍ତି ମୋବାଇଲ୍ ବ୍ୟବହାର କରିବାରେ ସେଠି ପିଲାଙ୍କ ସାହାଯ୍ୟ ନେଉଛନ୍ତି । ତେଣୁ ବାପା ମା' ଆଉ ପିଲାଙ୍କୁ କ'ଣ ଶିଖାଇବେ?

ଏଭଳି ଏକ ସମୟରେ ଆମ ଭାଷାର ଭବିଷ୍ୟତକୁ ନେଇ ଶଙ୍କା ଉପୁଜିବା ସ୍ୱାଭାବିକ । ତେଣୁ ପ୍ରାଥମିକ ସ୍ତରରୁ ଆମକୁ ପାଠକ ସୃଷ୍ଟି କରିବାକୁ ପଡ଼ିବ । ବହି କିଭଳି ମୋବାଇଲ ବିକଳ୍ପ ହୋଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି । ଠିକ୍ ଏଇଭଳି ଏକ ସମୟରେ ଉତ୍ତର ପ୍ରଦେଶ ସରକାରଙ୍କ ଭଳି ଆମ ସରକାର ମଧ୍ୟ ବିଦ୍ୟାଳୟଗୁଡ଼ିକରେ ଖବରକାଗଜ ପଠନକୁ ବାଧ୍ୟତାମୂଳକ କରିବା ଦରକାର । ଖବରକାଗଜ ମଧ୍ୟ ଭାଷାକୁ ବଞ୍ଚେଇ ରଖେ, ବୁଦ୍ଧିମନ୍ତ କରେ ଏବଂ ଭାଷାଜ୍ଞାନ ବଢ଼ାଏ । ସମାଜର ସ୍ଥିତିକୁ ସୁଚେଇଦିଏ । ସଚେତନ କରାଏ ମଣିଷକୁ ।

# ପଖାଳ କଂସାରେ ନୂଆ ସକାଳ...

ନୂଆବର୍ଷର ଆଗମନ ଓ ତଜ୍ଜନିତ ପ୍ରସ୍ତୁତି ବର୍ତ୍ତମାନର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ । ଆଉ ଦୁଇଦିନ ପରେ ନୂଆବର୍ଷରେ ଆମେ ପାଦ ଥାପି ଏକ ନୂଆ ଅନୁଭବ ଭିତରକୁ ଯିବା । ନୂଆବର୍ଷ ଆସିଲେ ପୃଥିବୀରେ, ବିଶେଷକରି ଭାରତରେ କି କି ପରିବର୍ତ୍ତନ ଘଟିବ ସେ ସମ୍ପର୍କରେ ଏବେଠୁ କହିବା ସମ୍ଭବ ହୋଇନଥିଲେ ହେଁ ନୂଆବର୍ଷକୁ ନେଇ ଚାଲିଥିବା ବିଶ୍ୱବ୍ୟାପୀ ଆଶା ଓ ଆଶଙ୍କାରୁ ଏହାର ଆଗମନରେ ସମ୍ଭବତଃ କ'ଣ ଘଟିପାରେ ତା'ର ଏକ ପୂର୍ବାନୁମାନ ଦିଆଯାଇପାରେ । ଜାନୁଆରୀ ୧ ତାରିଖରୁ ନୂଆବର୍ଷର ଶୁଭାରମ୍ଭ । ସେଇଦିନ ଅର୍ଥାତ୍ ୧ ଜାନୁଆରୀ ୨୦୨୬ରେ କି ପରିବର୍ତ୍ତନ ଘଟିବ ଆସନ୍ତୁ ଦେଖିବା ।



ଜାନୁଆରୀ ୧ ତାରିଖରୁ ସୂର୍ଯ୍ୟ ପୂର୍ବ ଦିଗ୍‌ବଳୟ ବଦଳରେ ପଶ୍ଚିମ ଆକାଶରେ ଉଦୟ ହେବେ । ସୂର୍ଯ୍ୟର ଉଦୟକାଳୀନ ରଙ୍ଗ ନୀଳ ଦିଶିବ ଏବଂ ମୁଣ୍ଡ ଉପରେ ଥିବାବେଳେ ପୂରା ବାଇଗଣୀ ବର୍ଣ୍ଣ ଧାରଣ କରି ଅସ୍ତ ବେଳେ ଗାଢ଼ ସବୁଜ ହେବ ।

ଋତୁଚକ୍ରରେ ବ୍ୟାପକ ପରିବର୍ତ୍ତନ ଘଟି ଜାନୁଆରୀ ମାସରେ ମେ' ମାସର ତାତି ଅନୁଭୂତ ହେବ । ଆମ୍ବଗଛରେ ଲେମ୍ବୁ ଏବଂ ନଡ଼ିଆ ଗଛରେ ପଣସ ଫଳିବ । ସମୁଦ୍ର ପାଣି ମଧୁର ହୋଇଯିବ । ଦିନକ ୨୫ ଘଣ୍ଟା ହେବ । ଗଧ ସୁମଧୁର ସ୍ୱରରେ ଭକ୍ତିସଂଗୀତ ଗାନ କରିବ । ଲୋକଙ୍କ ମନରେ ଏତେ ଭକ୍ତିଭାବ ସୃଷ୍ଟି ହେବ ଯେ, ସେମାନେ ରୋଗ ସୃଷ୍ଟିକାରୀ ମଶାକୁ ମଧ୍ୟ ମାରିବାକୁ ପସନ୍ଦ କରିବେ ନାହିଁ ।

ଜାନୁଆରୀ ମାସରୁ ଯୁଦ୍ଧ ସମ୍ପୂର୍ଣ୍ଣ ଲୋପ ପାଇଯିବ ବିଶ୍ୱରୁ । ଏତେ ଫସଲ ଅମଳ ହେବ ଯେ ଖାଇବାକୁ ଲୋକ ନଥିବେ । ଗାଡ଼ିମୋଟର ରାସ୍ତାରେ ନ ଯାଇ ଆକାଶରେ ଉଡ଼ିବ । ପୁରୁଷଲୋକଗୁଡ଼ା ଗେଡ଼ା ହୋଇଯିବେ, ମହିଳାମାନଙ୍କ ଉଚ୍ଚତା ବଢ଼ିଯିବ । ସେମାନେ ପୁରୁଷ ପରି ଦେଖାଯିବେ । ମଣିଷର ଆୟୁଷ ବଢ଼ିଯିବ ।

ନୂଆବର୍ଷରେ ନଳକୂପରୁ ପାଣି ବଦଳରେ କ୍ଷୀର ବାହାରିବ । ଆଉ କୂଅରୁ ପେଟ୍ରୋଲ । ମଦ ପିଇଲେ ନିଶା ହେବନାହିଁ । ପରସ୍ପରକୁ ସାହାଯ୍ୟ କରିବା ପାଇଁ ଲୋକେ ଠେଲାପେଲା ହେବେ । ଯୌତୁକ ଶବ୍ଦ କେହି ଉଚ୍ଚାରଣ କରିପାରିବେ ନାହିଁ, କଲେ ପାଟି ଖନିମାରିବ । ଲୋକେ ମୁନିଋଷି ଭଳି ଆଚରଣ କରିବେ । ଭାରତରେ ମାଳମାଳ ସନ୍ଥ ବୁଲିବେ।

ଆମେ ସମସ୍ତେ ଭଲଭାବେ ଜାଣୁ ଯେ ଉପରୋକ୍ତ ସମ୍ଭାବନା ମଧ୍ୟରୁ କୌଣସି ଗୋଟିଏ ବି ନୂଆବର୍ଷର ଆଗମନ ପରେ ବାସ୍ତବ ରୂପ ନେବ ନାହିଁ । ତା'ହେଲେ ନୂଆବର୍ଷକୁ ନେଇ ଏତେ ଆଗ୍ରହ ଓ ଆଡମ୍ବର କାହିଁକି?

ନୂଆବର୍ଷର ପ୍ରଥମ ଦିନରେ କ'ଣ ହେବ?

ହେବ ଏଇଆ- ବର୍ଷର ପ୍ରଥମ ସୂର୍ଯ୍ୟ ସେଇ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମରେ ଅସ୍ତ ହେବ । ଉଦୟ ବେଳେ ସୂର୍ଯ୍ୟ ପ୍ରଥମେ ଲାଲ ଦିଶିବ, ଦିଗ୍‌ବଳୟର ଯେତେଦୂରକୁ ଯିବ ରଙ୍ଗ ସେତେ ଫିକାପଡ଼ିବ । ଦିନକ ସେଇ ୨୪ ଘଣ୍ଟା ଥିବ । ଗରିବ ଲୋକେ ଝୋପଡ଼ି ଘରେ ବା ଫୁଟ୍‌ପାଥ୍‌ରେ କିମ୍ବା ହ୍ୟୁମ୍ ପାଇପରେ ଥାଇ ଅଳସ ଭାଙ୍ଗିବେ । ଧନୀଲୋକେ ବାଲ୍‌କୋନୀରେ ଠିଆ ହୋଇ ବାମ୍ପଉଠା କଫି କପ୍ ଧରି ଖବରକାଗଜରୁ ବିଦେଶୀ କାର୍‌ର ନୂଆ ମଡ଼େଲର ଛବି କାଢ଼ି ଦେଖୁଥିବେ ।

ଜାନୁଆରୀ ପହିଲାରେ ଶ୍ରମିକମାନେ କଳକାରଖାନାକୁ ଯିବେ, ଆଉ ଚାକିରିଆ କାର୍ଯ୍ୟାଳୟ । ଜାନୁଆରୀ ୨ ତାରିଖ ଦିନ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲରେ ଅନ୍ୟାନ୍ୟ ଦିନ ଭଳି ହତ୍ୟା, ଧର୍ଷଣ, ସରକାରୀ ଅର୍ଥ ତୋଷରପାତ, ଭ୍ରଷ୍ଟାଚାର, ଲୁଟ୍, ରାହାଜାନିର ଅନେକ ଖବର ଥିବ । ଚାକିରିଆମାନେ ଗତବର୍ଷ ଯେତିକି ବେତନ ପାଉଥିଲେ ଫେବୃଆରୀରେ ମଧ୍ୟ ସେତିକି ପାଇବେ । ଜିନିଷପତ୍ରର ଦର ୩୧ ଡିସେମ୍ବର ପରି ଥିବ । ଗାଁ ଗହଳିରେ ବିଜୁଳି ସମସ୍ୟାକୁ ନେଇ ଲୋକେ ପାଟିତୁଣ୍ଡ କରୁଥିବେ । ଠକମାନେ ପୂର୍ବବତ୍ ରାସ୍ତାଘାଟରେ ନିର୍ବିଘ୍ନରେ ବୁଲୁଥିଲେ । ଚାକିରି ଲୋଭରେ କୋଟି କୋଟି ବେକାର ନିଯୁକ୍ତି ବିଜ୍ଞାପନ ପାଇଁ ଖବରକାଗଜ ଖେଳାଉଥିବେ ।

ନେତାମାନେ ୨୦୨୫ରେ ନିଜର ସ୍ୱାର୍ଥ ପାଇଁ ଯେମିତି ଆଗ୍ରହୀ ଥିବେ ଛବିଶରେ ମଧ୍ୟ ସେଇପରି ମନୋଭାବ ପୋଷଣ କରିବେ । ମନ୍ଦିରକୁ ଭକ୍ତମାନେ ଯେମିତି ଆଗରୁ ଯାଉଥିଲେ ସେମିତି ଯାଉଥିବେ । ୨୦୨୫ରେ କାମ ପାଇଁ ଦଉଡ଼ି ଦଉଡ଼ି ହାଲିଆ ହୋଇଥିବା ଲୋକଟା ୨୦୨୬ରେ ମଧ୍ୟ ସେମିତି କାମ ପାଇଁ ଦୌଡୁଥିବ । ଜାନୁଆରୀର ତାରିଖ ଗଡୁଥିବ, ଲୋକଙ୍କ ଦୁର୍ଦ୍ଦଶା ବଢୁଥିବ...

ଏହାହିଁ ଚାଲିଆସିଛି ବର୍ଷ ବର୍ଷ ଧରି । କାରଣ ସମୟ ବା ତାରିଖ କେବେବି ମଣିଷର ମନୋବୃତ୍ତି ବଦଳାଇପାରିନାହିଁ । ବରଂ ମନୋବୃତ୍ତି ସମୟ ଏବଂ ତାରିଖ ବଦଳାଇ ଦେଇଛି । ଗୋରମାନେ ଆମ ଦେଶକୁ ଆସିବା ପୂର୍ବରୁ ଆମ ଦେଶରେ ଜାନୁଆରୀର ପ୍ରଚଳନ ନଥିଲା । ଆମ ପାଞ୍ଜିରେ ତ ବୈଶାଖ-ଜ୍ୟେଷ୍ଠ ! ସେଠି ଜାନୁଆରୀ କାଇଁ ଯେ ବିଂଶ, ଏକବିଂଶ ଶତାବ୍ଦୀର ହିସାବ ମିଳିବ ।

ଭାରତରେ ଗୋରାମାନଙ୍କ ଆଗମନ ପରେ ଏଇ ନୂଆବର୍ଷର ପ୍ରଚଳନ । ତେଣୁ ବିଦେଶୀ ଚଳଣିରେ ପ୍ରଭାବିତ ଭାରତୀୟଙ୍କ ପାଇଁ ଜାନୁଆରୀ ପହିଲାର ଆଗମନ ଏକ ରୋମାଞ୍ଚକର ଅନୁଭୂତି । ମାତ୍ର ଘନ ଜଙ୍ଗଲରେ ରହୁଥିବା ଲୋକଙ୍କ ପାଇଁ, ଝୋପଡ଼ିରେ ରହୁଥିବା ଦରିଦ୍ର ଅସହାୟକଙ୍କ ପାଇଁ ବର୍ଷର ପରିବର୍ତ୍ତନ ସକାଳର ନାଲି ସୁରୁଜ ଛଡ଼ା ଆଉ କିଛି ନୁହେଁ । ପଖାଳ କଂସାରେ ତା'ର ପ୍ରତିଫଳନରୁ ସେମାନଙ୍କ ନୂଆ ଦିନର ଆରମ୍ଭ । ନୂଆବର୍ଷରେ କୋଟି କୋଟି ଭୋକିଲା ଲୋକଙ୍କ ପେଟର ନିଆଁ କ'ଣ ନୂଆବର୍ଷର ନୂଆ ସକାଳରେ ଲିଭିଯିବ? କେବେ ନୁହେଁ । ତେଣୁ ସେ ଆସିଲେ କେତେ ନଆସିଲେ କେତେ? ସେଥିପାଇଁ ଏତେ ହୋ-ହଲ୍ଲା ଓ ଆୟୋଜନ ମତେ ହିପୋକ୍ରାସି ଭଳି ଲାଗେ ।


**ଭାରତରେ ଗୋରାମାନଙ୍କ ଆଗମନ ପରେ ଏଇ ନୂଆବର୍ଷର ପ୍ରଚଳନ । ତେଣୁ ବିଦେଶୀ ଚଳଣିରେ ପ୍ରଭାବିତ ଭାରତୀୟଙ୍କ ପାଇଁ ଜାନୁଆରୀ ପହିଲାର ଆଗମନ ଏକ ରୋମାଞ୍ଚକର ଅନୁଭୂତି । ମାତ୍ର ଘନ ଜଙ୍ଗଲରେ ରହୁଥିବା ଲୋକଙ୍କ ପାଇଁ, ଝୋପଡ଼ିରେ ରହୁଥିବା ଦରିଦ୍ର ଅସହାୟକଙ୍କ ପାଇଁ ବର୍ଷର ପରିବର୍ତ୍ତନ ସକାଳର ନାଲି ସୁରୁଜ ଛଡ଼ା ଆଉ କିଛି ନୁହେଁ । ପଖାଳ କଂସାରେ ତା'ର ପ୍ରତିଫଳନରୁ ସେମାନଙ୍କ ନୂଆ ଦିନର ଆରମ୍ଭ । ନୂଆବର୍ଷରେ କୋଟି କୋଟି ଭୋକିଲା ଲୋକଙ୍କ ପେଟର ନିଆଁ କ'ଣ ନୂଆବର୍ଷର ନୂଆ ସକାଳରେ ଲିଭିଯିବ? କେବେ ନୁହେଁ । ତେଣୁ ସେ ଆସିଲେ କେତେ ନଆସିଲେ କେତେ? ସେଥିପାଇଁ ଏତେ ହୋ-ହଲ୍ଲା ଓ ଆୟୋଜନ ମତେ ହିପୋକ୍ରାସି ଭଳି ଲାଗେ ।**


ଏହି ପରିପେକ୍ଷୀରେ ଉପେକ୍ଷୀତ ବୈଶାଖ କଥା ଭାବିଲେ ମତେ ଭାରି ବ୍ୟାସ୍ତ ଲାଗେ। ବୈଶାଖ ପହିଲା ତେବେ ଆସେ ସେ ହିସାବ ଏଦେଶର ଅଧାଲୋକଙ୍କ ପାଖରେ ହୁଏତ ନଥିବା ତଥାପି ୨୦୨୬ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

# କାହା ପାଇଁ ବସୁଧା?

**ଡିଙ୍କି ମହାକାଳି ଚକୁଳି**


**ସମରେନ୍ଦ୍ର ବଳିଆରସିଂହ**


ପୃଥିବୀର ଆଉ ଏକ ନାଁ ବସୁଧା । ବିଗତ ରାଜ୍ୟ ସରକାରଙ୍କର ଏକ ଯୋଜନାର ନାଁ ଥିଲା ବସୁଧା । ଯେମିତି କାଳିଆ, ପିଠା, ସେମିତି ବସୁଧା । ପିଠା ଏକ ଖାଦ୍ୟପଦାର୍ଥ ନୁହେଁ, କାଳିଆ ଜଗତର ନାଥ ଜଗନ୍ନାଥ ବା କଳାଠାକୁର ନୁହଁନ୍ତି, ସେମିତି ବସୁଧା ପୃଥିବୀ ନୁହେଁ । ତେବେ ଅଧିକାଂଶ ଲୋକେ ଭାବନ୍ତି କାଳିଆ ଯୋଜନା କାଳିଆ ଠାକୁରଙ୍କ ନାଁରେ ହୋଇଛି । ପିଠା ଯୋଜନା ପାଇଁ ହେଉଥିବା ସଭାରେ ଅନେକ ମହିଳା ଘରୁ ପିଠା କରି ଆଣି ପହଞ୍ଚିଥିଲେ । ତେଣୁ ବସୁଧା ଯୋଜନାକୁ ପୃଥିବୀର ଆଉ ଏକ ନାମ ଭାବେ ଭାବନ୍ତୁନାହିଁ । ଓଡ଼ିଆ ଭାଷାକୁ ପ୍ରାଣପଣେ ଭଲ ପାଉଥିବା ବିଗତ ସରକାର ବିଭିନ୍ନ ଇଂରାଜୀ ଶବ୍ଦକୁ ମିଶାଇ ଯୋଜନା କରିଥିଲେ ଏବଂ ସେହି ଶବ୍ଦଗୁଡ଼ିକୁ ନେଇ ଏକ ସଂକ୍ଷିପ୍ତ ନାମ ରଖିଥିଲେ, ଯାହା ବେଶ୍ ଲୋକପ୍ରିୟ ହୋଇଥିଲା । ବସୁଧା ଯୋଜନା ହେଉଛି ପରିଷ୍କାର ପାନୀୟ ଜଳ ଯୋଗାଣର ଯୋଜନା। ବକ୍ସି ଜଗବନ୍ଧୁ ଆସୁଅର୍ଡ ଡ୍ରିଙ୍କିଙ୍ଗ୍ ୱାଟର ଟୁ ଅଲ୍ ହାବିଟେସନସ (Buxi Jagabandhu Assured Drinking Water to Habitations) ହେଉଛି ବସୁଧା (BASUDHA)। ଇଂରାଜୀ ଶବ୍ଦ Buxi ରୁ B, Assured ରୁ ASU, Drinking ରୁ D, Habitations ରୁ HA ଶବ୍ଦ ନେଇ ବସୁଧାର ପୂର୍ଣ୍ଣରୂପ । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୧୮ ମାର୍ଚ୍ଚ ୨୧ରେ ଏହି ଯୋଜନାର କାର୍ଯ୍ୟକାରିତା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୧୮ ମସିହା ନଭେମ୍ବର ୨୨ ତାରିଖରେ ଗଞ୍ଜାମ ଜିଲ୍ଲାର ହୁମାରେ ଶୁଭାରମ୍ଭ ହୋଇଥିଲା ଏହି ଯୋଜନା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ଅସଲରେ ୨୦୧୪-୧୫ ମସିହାରେ ରାଜ୍ୟ ବଜେଟ୍‌ରେ ଗ୍ରାମାଞ୍ଚଳର ସବୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଆରମ୍ଭ ହୋଇଥିଲା Odisha Rural Drinking Water Programme(ORDWP) । ପରବର୍ତ୍ତୀ ସମୟରେ ଏହାକୁ ବକ୍ସି ଜଗବନ୍ଧୁଙ୍କ ନାମରେ ନୂତନ ଭାବେ ନାମକରଣ ବସୁଧା (BASUDHA) ଭାବରେ କରାଗଲା ।

ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଦୁଇଶତ ବର୍ଷ ପୂର୍ତ୍ତି ଅବସରରେ ଏହାର ମହାନାୟକ ବକ୍ସି ଜଗବନ୍ଧୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କର ଏହି ପ୍ରକଳ୍ପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଥିଲା । ୧୮୧୭ ମସିହାରେ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଗଞ୍ଜାମର ଘୁମୁସରରୁ ୪୦୦କନ୍ଧ ଖୋର୍ଦ୍ଧା ମାଡ଼ିଆସିଥିଲେ । ତେଣୁ ପାଇକ ବିଦ୍ରୋହ ପାଇଁ ଗଞ୍ଜାମ ଜିଲାର ଭୂମିକା ଅନସ୍ୱୀକାର୍ଯ୍ୟ । ଦ୍ୱିତୀୟତଃ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘର ଏହି ଜିଲାରେ ଏବଂ ସେ ଏହି ଜିଲ୍ଲାରୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିଲେ, ଏବେ ମଧ୍ୟ କରୁଛନ୍ତି । ଏହିସବୁ କାରଣରୁ ବକ୍ସିଙ୍କ ନାମରେ ନାମିତ ବସୁଧା ଯୋଜନାର ଆରମ୍ଭ ଗଞ୍ଜାମ ଜିଲାରୁ ହୋଇଥିଲା। ଏହି ଯୋଜନାରେ ୨୦୨୫ ସୁଦ୍ଧା ଗ୍ରାମାଞ୍ଚଳର ସବୁ ଘରକୁ ବିଶୁଦ୍ଧ ଜଳଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା ଏବଂ ଏଥିପାଇଁ ୫୦ ହଜାର କୋଟିର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇଥିଲା। ବସୁଧା ଯୋଜନା ପାଇଁ ଏକ ହେଲ୍‌ପ ଲାଇନ୍ ନମ୍ବର ୧୯୧୬ ମଧ୍ୟ ଜାରି କରାଯାଇଥିଲା । ପାନୀୟ ଜଳ ଯୋଗାଣ ନେଇ ଯେକୌଣସି ଅଭିଯୋଗ ଆପଣ ଏହି ନମ୍ବରକୁ ଜଣାଇ ପାରିବାର ବ୍ୟବସ୍ଥା କରାଯାଇଥିଲା । ଯୋଜନା ଭଲ, ଜନମଙ୍ଗଳକାରୀ । ତେବେ ଯୋଜନାର ନାମକରଣକୁ ନେଇ ଉଠିଥିଲା ପ୍ରଶ୍ନ। କୁହନ୍ତୁ ତ, କେତେଜଣ ଜାଣିଛନ୍ତି ଯେ, ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ ପାଇକ ସର୍ଦାର ବକ୍ସି ଜଗବନ୍ଧୁଙ୍କ ନାମରେ ଏହା ନାମିତ? ବକ୍ସିଙ୍କ ନାମରେ ଯୋଜନା, କିନ୍ତୁ ଏଥିରେ ବକ୍ସି ଜଗବନ୍ଧୁଙ୍କ ଚିହ୍ନ ବର୍ଣ୍ଣ ରହିଲାନି । ଏପରିକି ହେଲପ ଲାଇନ୍ ନମ୍ବର ୧୯୧୬କୁ ଫୋନ୍ କରି ଯଦି ପଚାରାଯାଉଥିଲା, ଏ ଯୋଜନାର ପୂରା ନାମ ବା ଫୁଲ୍ ଫର୍ମଟି କ'ଣ, ଉତ୍ତର ମିଳୁଥିଲା ଯେ, ଏହା ହେଉଛି ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯୋଜନା। ଏ ଯୋଜନା ବାବଦରେ ଆପଣ ଗୁଗଲ ସର୍ଚ୍ଚ କରିବେ, ବକ୍ସିଙ୍କ ଚିହ୍ନବର୍ଣ୍ଣ ପାଇବେନି। ଯୋଜନାର ପ୍ରଚାର, ପ୍ରସାର ପାଇଁ ପ୍ରସ୍ତୁତ ଡିଜାଇନରେ ମଧ୍ୟ ବକ୍ସି ନାହାନ୍ତି। ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ କେବଳ ଓଡ଼ିଆରେ ଲେଖାଯାଇଛି ବସୁଧା, ଓଡ଼ିଆ ସହ ଇଂରାଜୀରେ ଲେଖାଯାଇଥିଲେ ଲୋକେ ହୁଏତ ଜାଣନ୍ତେ ଏହା ବକ୍ସିଙ୍କ ନାମରେ ନାମିତ ବୋଲି। ବକ୍ସିଙ୍କ ଚିତ୍ର ବି ଅଙ୍କାଯାଇଥିଲେ ଲୋକେ ଜାଣିଥାନ୍ତେ! ଓଡ଼ିଶାର ଗାଁ ଗହଳିରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଜୟଗାଥା ପହଞ୍ଚିପାରିଥାନ୍ତା!

ପାଇକ ବିଦ୍ରୋହରେ ସବୁ ବର୍ଗର ପ୍ରତିନିଧିତ୍ୱ ରହିଥିଲା। ଏହାକୁ ନେଇ ବିଶ୍ୱର ଐତିହାସିକମାନେ ଗବେଷଣା କରୁଛନ୍ତି, ଅନୁସନ୍ଧାନ କରୁଛନ୍ତି। ତେବେ ଓଡ଼ିଆଭାବେ ଆମେ ଏହାକୁ ନେଇ ଯେଭଳି ଗର୍ବ ଓ ଗୌରବ ଅନୁଭବ କରିବାକଥା, କରିପାରୁନାହୁଁ । ଏହାହିଁ ବିଡ଼ମ୍ବନା । ଇତିମଧ୍ୟରେ ନୂଆ ସରକାର ଆସିଲେଣି, ପୁଣି ବିଜେପି ସରକାର । ଆଶା କରିବା, ବର୍ତ୍ତମାନ ସରକାର ଏ ଦିଗରେ ଉଦ୍ୟମ କରିବେ । ବସୁଧା ଯୋଜନାରେ ବକ୍ସିଙ୍କ ଉପସ୍ଥିତିର ପ୍ରଚାର, ପ୍ରସାର କରାଇବେ। ଲୋକେ ଜାଣନ୍ତୁ ଯେ, ଏହି ଯୋଜନା ବକ୍ସିଙ୍କ ନାମରେ ନାମିତ ।


*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*


# ମୋବାଇଲରେ ପାଠ ପଢ଼ା


**ଗିରିଧାରୀ ସାମଲ**


ମୋବାଇଲ ଆଁରେ ପୁରା ଶୈଶବ । ଖେଳକୁଦ, ଗୀତନାଚ, ଆଇମାଆ କାହାଣୀ, ଅଜାଙ୍କ ସହ ବଜାରବୁଲା ଆଦି ସବୁ କିଛି ଏବେ କେବଳ ବହିର ପୃଷ୍ଠା ପାଲଟିଛି। ବାସ୍ତବ ଜୀବନରେ ତ ସେ ସବୁର ସ୍ଥାନ ମୋବାଇଲ ଫୋନ ନେଇସାରିଛି। ବିଶେଷକରି କୋଭିଡ଼ ମହାମାରୀ ପରଠାରୁ ପାଠପଢ଼ାରେ ମୋବାଇଲକୁ ଯୋଡ଼ାଯିବା ପରେ ଏହି ସମସ୍ୟା ଅଧିକ ବୃଦ୍ଧି ପାଇଛି । ଅନଲାଇନ କ୍ଲାସ, ଅନଲାଇନ ଟ୍ୟୁସନ, ହ୍ୱାଟସଆପରେ ହୋମୱାର୍କ ଯୋଗୁଁ ପିଲାଟିଏ ମୋବାଇଲକୁ ଧରିବାକୁ ବାଧ୍ୟ ହେଉଛି । ଏଭଳି ପରିସ୍ଥିତିରେ ଅଭିଭାବକ ଚାହିଁଲେ ମଧ୍ୟ ନିଜ ପିଲାକୁ ମୋବାଇଲଠୁ ଦୂର କରିପାରୁନାହାନ୍ତି ।

ଚଳିତ ମାସ ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୧୨ ବର୍ଷ ବୟସ ଭିତରେ ପିଲାଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦେଲେ ଶିଶୁ ଭିତରେ ମୁଣ୍ଡ ବିନ୍ଧା, ନିଦ୍ରାହୀନତା, ଦୃଷ୍ଟିହୀନତା, ମାନସିକ ଅସ୍ଥିରତା ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ଜର୍ଣ୍ଣାଲ ଅଫ ଦି ହ୍ୟୁମାନ ଡେଭଲପମେ ଆଣ୍ଡ କ୍ୟାପାବିଲିଟିଜରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ପିଲାମାନଙ୍କୁ ୧୩ ବର୍ଷ ବୟସ ପୂର୍ବରୁ ସ୍ମାର୍ଟଫୋନ ଦେବା ଅନୁଚିତ। ଏହା ମାନସି ରୋଗର କାରଣ ହୋଇପାରେ। ଏହା ପିଲା ଭିତରେ ଜୀବନ ହାରିବା ଭଳି ମାନସିକତା ବି ସୃଷ୍ଟି କରିପାରେ ।

ପିଲାମାନଙ୍କୁ ମୋବାଇଲ ଜରିଆରେ କ୍ଲାସ ୱାର୍କ ପଠାଇବା, ହୋମୱାର୍କ ଦେବା ଆଦିରୁ ଶିକ୍ଷକ ଶିକ୍ଷୟିତ୍ରୀ ବିରତ ରହିବା ଉଚିତ। କରୋନା ପୂର୍ବରୁ ପିଲାଏ ପାଠପଢ଼ା କ୍ଷେତ୍ରରେ ମୋବାଇଲ ଉପରେ ନିର୍ଭର କରୁନଥିଲେ। ସେତେବେଳେ କ'ଣ ସେମାନେ ପାଠ ପଢୁ ନଥିଲେ? ନା ସେତେବେଳେ ପିଲା କେହି ଡାକ୍ତର, ଇଞ୍ଜିନିୟର ହେଉ ନଥିଲେ? ଏବେ କିଛି ବର୍ଷ ହେଲା ପିଲାମାନଙ୍କୁ ପାଠ ପଢ଼ିବାକୁ କହିଲେ ସେମାନେ ଆଗ ମୋବାଇଲ ମାଗୁଛନ୍ତି। କାହିଁକି ନା, ସେମାନଙ୍କର ଅଧା ପାଠ ରହୁଛି ହ୍ୱାଟସଆପ ଗ୍ରୁପରେ। ମୋବାଇର କୁପରିଣାମ ଜାଣିବା ପରେ ବି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାରଣ କରିପାରୁନାହାନ୍ତି। ବାରଣ କଲେ ପଢ଼ାରେ କ୍ଷତି ହେବା ଭୟ ରହୁଛି। ବିଚରା ଅଭିଭାବକ କ'ଣ କରିବେ?

ଆଜିକାଲି ସବୁ ପିଲା ମୋବାଇଲ ଧରୁଛନ୍ତି। ଟିକେ ଧନୀ ଘର ହେଲେ ତ ପିଲାଙ୍କୁ ବ୍ୟକ୍ତିଗତ ଫୋନ ଦିଆଯାଉଛି। ଏହା ଅବାଟକୁ ଯିବା ପାଇଁ ବାଟ ଖୋଲି ଦେଉଛି। ସେଥିପାଇଁ ତ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ମୋବାଇଲ ବ୍ୟାନ କରିଦେଲା। ଏବେ ପିଲାମାନେ ମୋବାଇଲ ସହ ଏତେ ଅଭ୍ୟସ୍ତ ଯେ ବାପାମାଆ କହିଲେ ବି ସେମାନେ ଛାଡ଼ିବେନି। ଆମେ ସେମାନଙ୍କ ହାତରୁ ସିଧା ମୋବାଇଲ ଛଡ଼ାଇ ନେଇପାରିବା ନାହିଁ। ହେଲେ ସେମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖିବା ଲାଗି ବିଭିନ୍ନ ବାଟ ଅଛି। ଅଭିଭାବକମାନଙ୍କ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସଫ୍ଟୱେର ଅଛି। ସେମାନେ ସେହି ସଫ୍ଟୱେର ଜରିଆରେ ପିଲାଙ୍କ ଉପରେ ନଜର ରଖିପାରିବେ। ପିଲାଙ୍କ ମୋବାଇଲରେ ନିଜ ମେଲ ଆଇଡି ଦେଲେ ସେମାନଙ୍କ ସର୍ଚ୍ଚ ହିଷ୍ଟ୍ରି ଆପଣ ଦେଖିପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଲିଗ୍ରାମ ଓ ସ୍ନାପଚାଟ କିମ୍ବା କିଛି ଗେମ ଆପ ଦେଖିଲେ ତୁରନ୍ତ ତାହାକୁ ହଟାଇଦେବେ। ଏଗୁଡ଼ିକ ସବୁ ଏକ ପ୍ରକାରର ନିଶା। ପିଲା ଏହା କବଳରେ ପଡ଼ିଗଲେ ମୁକୁଳିବା ମୁସ୍କିଲ।

ପୁଣି ବହୁ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ବି ସହୁଛନ୍ତି। ବିଭିନ୍ନ ପ୍ରକାର ଅନଲାଇନ ଗେମ କେବଳ ଟଙ୍କା ଶୋଷିବାକୁ ଅଛି। ପିଲା ଥରେ ଗେମ ନିଶାରେ ପଡ଼ିଗଲେ ଆପ ଯେତେଥର ଟଙ୍କା ମାଗିବ ସେମାନେ ଖେଳ ଆଶାରେ ସେତେଥର ନିଜ ବାପାମାଆଙ୍କ ୟୁପିଆଇରୁ ଟଙ୍କା ଦେଇଚାଲିବେ। ବିଭିନ୍ନ ଆପରେ ତ ଅଟୋପେ ସେଟିଂ ରହିଛି। ଥରେ ଲଗଇନ କଲେ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା କଟି ଚାଲିବ। ସେଥିପାଇଁ ପିଲାଙ୍କର ନିଶା ହେବା ପୂର୍ବରୁ ଅଭିଭାବକ ତାହାକୁ ରୋକିବା ଜରୁରୀ। ପିଲାଙ୍କ ପାଇଁ ମୋବାଇଲ ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନର ଭଣ୍ଡାର ପାଲଟିଛି ଏହାକୁ କେହି ଅସ୍ୱୀକାର କରିବେ ନାହିଁ କିନ୍ତୁ ଏଥିରେ ନିୟନ୍ତ୍ରଣ ରହିବା ଜରୁରୀ।


*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*


## ଲୋକଶକ୍ତି ଆଗରେ ଲୋକ ପ୍ରତିନିଧି ଭୀଷଣ ଅସହାୟ



ମହାଶୟ,

ନିବନ୍ଧଟି ଚମତ୍କାର ହୋଇଛି ।

**ପ୍ରିୟଦର୍ଶନ ଦାସ,** ନୟାପଲ୍ଲୀ, ଭୁବନେଶ୍ୱର

ମହାଶୟ,

ଲୋକ ମତକୁ ସମ୍ମାନ ଦେଇ ସରକାର ବେତନ ଓ ଭତ୍ତା ବୃଦ୍ଧିକୁ ବନ୍ଦ କରିବା ଉଚିତ । ସମୟପୋଯୋଗୀ ଲେଖା ପାଇଁ ଧନ୍ୟବାଦ ।

**ନିର୍ମଳ ଚନ୍ଦ୍ର ସାମଲ,** ଭୁବନେଶ୍ୱର

ମହାଶୟ,

ଶାସନରେ ଆପାରଗତା ।

**ହିମାଂଶୁ ସାହୁ,** ଜଟଣୀ

ମହାଶୟ,

ଆଜ୍ଞା ନମସ୍କାର, 'ଲୋକ ପ୍ରତିନିଧି ଭୀଷଣ ଅସହାୟ ଲୋକ ଶକ୍ତି ଆଗରେ' ଖୁବ୍ ସୁନ୍ଦର ଚେତାବନୀ ଦେଇଛନ୍ତି । ଆମେ ନନ୍ଦିନୀ ଶତପଥୀଙ୍କ ସମୟରୁ ବିଭିନ୍ନ ସରକାରଙ୍କ କାର୍ଯ୍ୟକଳାପ ଅତି ନିକଟରୁ ଦେଖିବାକୁ ସୁଯୋଗ ପାଇଛୁ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ୍ ଆପଣ ଦର୍ଶାଇଛନ୍ତି । ସେତେବେଳେ ଚଳଣି ଅଳ୍ପ ପଇସାରେ ହେଉଥିଲା । ବିଧାୟକମାନେ ବସ୍‌ରେ ଯାତାୟାତ କରୁଥିଲେ । ୧୯୯୦ ପରେ ଏହା ପରିବର୍ତ୍ତନ ହେଲା । ୨୦୨୪ ନିର୍ବାଚନ ଲୋକ ଶକ୍ତିଙ୍କ ଇଚ୍ଛା ହେଲା ପରିବର୍ତ୍ତନ କରି ନୂତନ ଡବଲ ଇଞ୍ଜିନି ସରକାର ଆଣିବାକୁ, ଉନ୍ନୟନ କାମ ସବୁ ଲୋକ କଲ୍ୟାଣ ଯୋଜନା କରିବାକୁ । ଲୋକଙ୍କୁ ସେବା ଦେଇ ଏହି ସରକାର ଆଦର ପାଇଥାନ୍ତେ । କିନ୍ତୁ ଦରମା ବୃଦ୍ଧି ଅତି ମାତ୍ରାରେ ଏହା ତାଙ୍କର ସ୍ୱାର୍ଥ ପାଇଁ ବିଚାର କରିଥିବା ପ୍ରମାଣିତ ହେଲା । ଏହାକୁ ସ୍ଥଗିତ ରଖିବାକୁ ସିଦ୍ଧାନ୍ତ ନେବା ଯଥାର୍ଥ.. କ୍ଷମତାରେ ଥିବା ବ୍ୟକ୍ତିଙ୍କୁ କିଛି ଉପଦେଶ ଦେବା । ବିଧାନ ବିରୁଦ୍ଧ । କିନ୍ତୁ ଜନମାନସରେ, ଜନମତ ରହିଗଲା । ଧନ୍ୟବାଦ ।

**କୃପାନିଧି ବିଶ୍ୱାଳ,** ଭୁବନେଶ୍ୱର

ମହାଶୟ,

ଓଡ଼ିଆରେ ଗୋଟିଏ ଢଗ ଅଛି, ମୋହବତିଆଙ୍କ ହଜାରେ ଘ*ଟା । ଅର୍ଥାତ୍ ଯିଏ ସମସ୍ତଙ୍କୁ ଖୁସି କରିବାକୁ ଚେଷ୍ଟା କରେ, ସେ କାହାରିକୁ ଖୁସି କରି ନପାରି ଶେଷରେ ଉପହସିତ ହୁଏ । ଲୋକପ୍ରିୟତା ହାସଲ କରିବା ପାଇଁ ବାରମ୍ବାର ନିଷ୍ପତ୍ତି ବଦଳାଇବା ଚରମ ମୂର୍ଖତା ଛଡ଼ା ଆଉ କିଛି ନୁହେଁ । ଦୃଢ଼ ଓ ଅଭିଜ୍ଞ ନେତୃତ୍ୱ ତାହାକୁ କୁହନ୍ତି, ଯିଏ ଯେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ତା'ର ପ୍ରତ୍ୟେକ ଦିଗ ପ୍ରତି ବିଭିନ୍ନ ଦୃଷ୍ଟି କୋଣରୁ ସହସ୍ର ଥର ଆଲୋଚନା କରିବା ପରେ ନିଷ୍ପତ୍ତି ନିଅନ୍ତି ଓ ଥରେ ନିଷ୍ପତ୍ତି ନେବା କୌଣସି ପରିସ୍ଥିତିରେ ବି ତାହାକୁ ବଦଳାନ୍ତି ନାହିଁ । ଏହା ଘର କଥା ନୁହେଁ, ସାଢ଼େ ଚାରିକୋଟି ଜନସଂଖ୍ୟା ବିଶିଷ୍ଟ ଓଡ଼ିଶା ରାଜ୍ୟର କଥା । ବୁଝି ବିଚାରି କାର୍ଯ୍ୟ ନ କଲେ, ଜଗତେ କେବଳ, ଜନେ ହସିବେ ଏହି ତହୁଁ ଫଳ ।

**କୈଳାସ ଚନ୍ଦ୍ର ସାମନ୍ତରାୟ,** ଅଣ୍ଡେଇ, ପାଟକୁରା

ବହୁବର୍ଷ ତଳେ ଭାରତ ଜନ୍ମିତ ବିଖ୍ୟାତ ବ୍ରିଟିଶ ଲେଖକ ରୁଡିୟାର୍ଡ କିପଲିଙ୍ଗ୍ ହିମାଚଳର ସ୍ପିତି ଉପତ୍ୟାକାକୁ ଭ୍ରମଣରେ ଯାଇଥିଲେ । ସ୍ପିତିର ରମଣୀୟ ପରିବେଶରେ ସେ ଆତ୍ମହରା ହୋଇଯାଇଥିଲେ । ଏହି ଅନୁଭବ ସମ୍ପର୍କରେ ସେ ଲେଖିଥିଲେ- 'ମୁଁ ଶେଷରେ ପୃଥିବୀ ଭିତରେ ଆଉ ଏକ ପୃଥିବୀକୁ ପ୍ରବେଶ କଲି । ଯେଉଁଠି ବଡ଼ ବଡ଼ ପାହାଡ଼ କେବଳ ପଥରରେ ସଜେଇ ହୋଇ ହିମାଳୟ ଆଗରେ ଆଣ୍ଠୁମାଡ଼ି ବସିଛନ୍ତି । ଈଶ୍ୱର ନିଶ୍ଚୟ ଏଇଠି ରୁହନ୍ତି ।' ଏ ଭାବନା ଆଜି ବି ଆସେ ପର୍ଯ୍ୟଟକଙ୍କ ମନରେ ଯେଉଁମାନେ ସ୍ପିତି ଭ୍ରମଣରେ ଯାଆନ୍ତି ।





# ସ୍ପିତି ଉପତ୍ୟାକା ଈଶ୍ୱରଙ୍କ ବାସସ୍ଥାନ!

ହିମାଚଳପ୍ରଦେଶର ହିମାଳୟ ମଧ୍ୟରେ ରହିଛି ଏହି ଅଞ୍ଚଳ । ଏହାର ସୌନ୍ଦର୍ଯ୍ୟକୁ ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ କାହା ପକ୍ଷରେ । ଏହା ଏକ ଶୀତଳ ମରୁଭୂମି । ଶୁଷ୍କ ପର୍ବତ, ସବୁଜିମା ଓ ଗଭୀର ଗଣ୍ଡର ଅପୂର୍ବ ସମାଗମ ଏହି ଉପତ୍ୟାକା । ତିବ୍ବତର ସହ ଭୌଗୋଳିକ ନିକଟତା ଯୋଗୁଁ ବୌଦ୍ଧଧର୍ମର ପ୍ରଭାବ ଅଧିକ ଏଠାରେ । ଉପତ୍ୟାକାର ଆକାର ପ୍ରାୟତଃ ଗୋଲାକାର । ଏହି ଉପତ୍ୟାକାରେ ରହିଛି ଅନେକ ଗୋମ୍ପା ବା ବୌଦ୍ଧମଠ । ଏସବୁଥିରେ ବୌଦ୍ଧଧର୍ମର ଆଦ୍ୟ ସମୟର କଳା, ଗ୍ରନ୍ଥ ଓ ପ୍ରତିମା ସବୁ ସୁରକ୍ଷିତ ଭାବରେ






ରହିଛି । ଏହି ସ୍ଥାନ ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କର ଅନ୍ୟତମ ପ୍ରିୟ ସ୍ଥାନ । ସ୍ପିତି ଉପତ୍ୟାକାରେ ଏମିତି ସବୁ ଗ୍ରାମ ଅଛି ଯାହା ରୋମାଞ୍ଚପ୍ରିୟ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ବୋଲି ମନେ କରାଯାଇପାରେ । ସ୍ପିତିର ନାକୋ-ଟାବୋ-କାଜା ଗ୍ରାମ ତ୍ରିଭୁଜ ଏମିତି ଏକ ସ୍ଥାନ । ବଘୁର ପ୍ରାକୃତିକ ଭୂଭାଗ ମଧ୍ୟରେ ସରଳ ଗ୍ରାମ୍ୟ ପରିବେଶ ସମୁଦ୍ର ପତ୍ତନରୁ ୧୨,୫୦୦ ଫୁଟ୍ ଉଚ୍ଚତାରେ ଥିବା ଏହି ନିଭୃତ ଅଞ୍ଚଳ ରୋମାଞ୍ଚପ୍ରିୟ ପ୍ରକୃତି ପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ସ୍ୱପ୍ନ ସଦୃଶ । ଯେଉଁମାନେ ରୁଡିୟାର୍ଡ କିପଲିଙ୍ଗ୍‌ଙ୍କ ଉପରୋକ୍ତ ଉକ୍ତି ପଢ଼ିଛନ୍ତି ସେମାନେ ବି ଏଠାକୁ ଆସି ସେଇ ଅନୁଭବ ନେଇ ଫେରନ୍ତି । ପୃଥିବୀ ଭିତରେ ଭିନ୍ନ ଏକ ପୃଥିବୀର ସୌନ୍ଦର୍ଯ୍ୟରେ ବିମୋହିତ ହୁଅନ୍ତି ସମସ୍ତେ । ଆସନ୍ତୁ ଜାଣିବା କ'ଣ ଅଛି ଏଠି ।

## ସ୍ପିତି ନଦୀ


ହିମାଚଳପ୍ରଦେଶର ଏହି ଶୁଷ୍କ କିନ୍ତୁ ସୁନ୍ଦର ଭୂମିକୁ ପୋଷଣ ଦିଏ ନିରବରେ ବହିଯାଉଥିବା ରୂପେଲୀ ନଈ ସ୍ପିତି । ଶୀତ ପରେ ବରଫ ତରଳେ, ନଦୀ ଦୁଇପାର୍ଶ୍ୱରେ ଜୀବନ ଚଳଚଞ୍ଚଳ ହୋଇଯାଏ । ବରଫର ଚାଦର ବହିଗଲା ପରେ ସେଠି ସୃଷ୍ଟି ହୁଏ ସବୁଜ ଘାସର କୋମଳ ଘଞ୍ଚ ଗାଲିଚା । ଚମରୀ ଗାଈ, ଛେଳି, ମେଣ୍ଢା ଏମାନେ ସମସ୍ତେ ଆସନ୍ତି ସେଠାକୁ ଚରିବା ପାଇଁ । ଏଇ ଜୀବଜନ୍ତୁ ତ ସ୍ଥାନୀୟ ଲୋକଙ୍କ ଜୀବନଧାରଣର ମୁଖ୍ୟ ମାଧ୍ୟମ । କ୍ଷୀରରୁ ଲହୁଣୀ, ଛେନା ଆଦି ପ୍ରସ୍ତୁତି ହୁଏ, ଉଲ୍‌ରୁ ଟେଣ୍ଟ ଓ କମ୍ବଳ ଆଦି ତିଆରି ହୁଏ ।



ଆଉ ସେମାନଙ୍କ ମାଂସରୁ ପୁଷ୍ଟିକର ସ୍ୱାଦିଷ୍ଟ ଖାଦ୍ୟ ମିଳେ । ଏଇସବୁ ଜୀବଜନ୍ତୁ ସାଧାରଣ ଗ୍ରାମବାସୀଙ୍କ ମୁଖ୍ୟ ସମ୍ପଦ ।

## ହ୍ରଦକୂଳିଆ ଗାଁ ନାକୋ

ଶାନ୍ତ ଆଉ ପୋଷ୍ଟକାର୍ଡର ଫଟୋ ପରି ମନୋରମ ନାକୋ ଗାଁ ଅଛି ନାକୋ ହ୍ରଦ କୂଳରେ । ଏହି ହ୍ରଦ ବି ଦେଖିବା ପରି ସ୍ଥାନ । ହ୍ରଦର ଶାନ୍ତ ସ୍ୱଚ୍ଛ ଜଳରେ ନୀଳ ଆକାଶ, ତୁଷାରାଚ୍ଛାଦିତ ପର୍ବତ ଓ ସବୁଜ ଗଛର ନିଖୁଣ ପ୍ରତିବିମ୍ବ ସୃଷ୍ଟିହୁଏ । ବରଫ ଘୋଡେଇ ହୋଇଥିବା ପର୍ବତ ଓ ନୀଳ ଆକାଶ ଏହି ହ୍ରଦରେ ମିଶିଗଲା ପରି ମନେହୁଏ । ନାକୋ ଗାଁ ବର୍ଷସାରା ସୁନ୍ଦର, ହେଲେ ଶୀତରେ ଏକଦମ୍ ବଦଳିଯାଏ ଏହାର ମନୋରମ ଚେହେରା, ଅନ୍ୟ ଏକ ରୂପ ନେଇଯାଏ, ଅବାସ୍ତବ, ସ୍ୱପ୍ନ ପରି ମନେହୁଏ । ଶୀତରେ ନାକୋରେ ପହଞ୍ଚିବା ଭୀଷଣ କଷ୍ଟକର । ଅକ୍ଟୋବର ଶେଷ ସୁଦ୍ଧା ସ୍ପିତିରେ ବରଫ ପଡ଼େ, ଧୀରେ ଧୀରେ ରୋହତାଙ୍ଗ ଓ କୁଞ୍ଜୁମ ପାସ୍ ବନ୍ଦ ହୋଇଯାଏ । କହିବାକୁ ଗଲେ ନାକୋରେ ପହଞ୍ଚିବାର ସହଜ ରାସ୍ତା ବନ୍ଦ ହୋଇଯାଏ ।



## ସ୍ୱପ୍ନାବିଷ୍ଟ କରୁଥିବା ବୌଦ୍ଧମଠ

ହିମାଳୟର ଅଜନ୍ତା କୁହାଯାଉଥିବା ଟାବୋ ଚୋସ୍-ଖୋର୍ ବୌଦ୍ଧମଠ ହଜାରେରୁ ଅଧିକ ବର୍ଷ ତଳେ ସ୍ଥାପିତ ହୋଇଥିଲା । ୯୯୬ ଖ୍ରୀଷ୍ଟାବ୍ଦରେ ଏହି ବୌଦ୍ଧମଠ ନିର୍ମିତ ହୋଇଥିଲା ବୋଲି ଐତିହାସିକ ପ୍ରମାଣ ମିଳିଛି । ମାତ୍ର ବାହ୍ୟ ସମାଜଠାରୁ ଅପହଞ୍ଚ ଦୂରତାରେ ଥିବାରୁ ଏହାର ଗୌରବମୟ ଐତିହ୍ୟ, ପରମ୍ପରା ଓ ବୌଦ୍ଧ ସଂସ୍କୃତି ଏକଦମ୍ ବିଶୁଦ୍ଧ, ଅକ୍ଷତ ଅବସ୍ଥାରେ ଅଛି । ଟାବୋ ଉପତ୍ୟାକାରେ ହାଡଭଙ୍ଗା





ପାହାଡ଼ି ଶୀତରେ ଅଚଳ ମହାମେରୁ ପରି ଶହ ଶହ ବର୍ଷ ଧରି ଛିଡ଼ା ହୋଇ ରହିଥିବା ଏହି ପ୍ରାଚୀନ ବୌଦ୍ଧମଠର ସ୍ଥାପତ୍ୟ ଓ ଆଧ୍ୟାତ୍ମିକ ସମ୍ପନ୍ନତା ଏବେବି ଅକ୍ଷୁଣ୍ଣ ରହିଛି । ଏହି ବୌଦ୍ଧ ମଠ ନିଜର ସୂକ୍ଷ୍ମ ପ୍ରାଚୀର କଳା ଓ ପ୍ଲାଷ୍ଟର କାରୁକାର୍ଯ୍ୟ ପାଇଁ ବିଖ୍ୟାତ । ଦଲାଇଲାମାଙ୍କ ଭାଷାରେ ବୌଦ୍ଧ ସଂସ୍କୃତିର ପ୍ରସାର ପାଇଁ ବୌଦ୍ଧ-ତିବ୍ବତୀୟ ସହଯୋଗର ଶ୍ରେଷ୍ଠ ନମୁନା ଟୋବୋ ବୌଦ୍ଧ ମଠର କଳାକୃତି । ଲାଲ୍-ମାଟିଇଟାର ବାହ୍ୟଭାଗ ଓ କାରୁକାର୍ଯ୍ୟ ମଣ୍ଡିତ ଅଭ୍ୟନ୍ତରର ବୌଦ୍ଧମଠର ଉଭୟ ପାର୍ଶ୍ୱ ମଧ୍ୟରେ ଭିନ୍ନ ଅନୁଭୂତି ଆଣେ । ଟାବୋ ବୌଦ୍ଧ ମଠକୁ ଛାଡ଼ି ଅନେକ ଛୋଟ ଛୋଟ ଗୁମ୍ଫାକୁ ସନ୍ନ୍ୟାସୀମାନେ ଧ୍ୟାନ ପାଇଁ ବ୍ୟବହାର କରୁଥିଲେ । ଏହି ବୌଦ୍ଧମଠ ପରିସରରେ ୯ଟି ମନ୍ଦିର, ୨୩ଟି ଗୁମ୍ଫା ମନ୍ଦିର ଓ ଗୋଟିଏ ସନ୍ନ୍ୟାସୀମାନଙ୍କ କୋଠରୀ ରହିଛି । ସନ୍ନ୍ୟାସିନୀମାନଙ୍କ ପାଇଁ ମଧ୍ୟ ଭିନ୍ନ ବ୍ୟବସ୍ଥା ଅଛି ଏଠାରେ । ବର୍ତ୍ତମାନ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଇତିହାସ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅନେକ ସ୍ଥାନର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି ।

## ପୁରୁଣା ରାଜଧାନୀ ଧାନ୍‌କେର

ସମୁଦ୍ର ପତ୍ତନରୁ ୧୩,୦୦୦ ଫୁଟ ଉଚ୍ଚତାରେ ରହିଛି ଧାନ୍‌କେର୍ ଗ୍ରାମ । ଟାବୋ ଓ କାଜା ଗ୍ରାମ ମଝିରେ ଥିବା ଏହି ଗ୍ରାମ ଏକ ସ୍ପିତି ରାଜ୍ୟର ରାଜଧାନୀ ଥିଲା । ସପ୍ତଦଶ ଶତାବ୍ଦୀରେ ଏହା ସ୍ପିତିର ଶାସକ ନୋନୋ ରାଜବଂଶର ପ୍ରଶାସନିକ କେନ୍ଦ୍ର ଥିଲା । ସ୍ଥାନୀୟ ଭାଷାରେ ଧାନେକର ଶବ୍ଦର ଅର୍ଥ ହେଉଛି- ଅପରିଚିତଙ୍କ ପାଇଁ ଅପହଞ୍ଚ ଥିବା ପର୍ବତର ଏକ ସ୍ଥାନ । ଏ ସ୍ଥାନ ଥୁଣ୍ଟା ପର୍ବତମାନଙ୍କ ଦ୍ୱାରା ପରିବେଷ୍ଟିତ । ପ୍ରକୃତ ନିକାଞ୍ଚନତା ଖୋଜୁଥିବା ଲୋକଙ୍କ ପାଇଁ ପ୍ରକୃଷ୍ଟ ସ୍ଥାନ । ଏହି ଗାଁର ଉଚ୍ଚତମ ସ୍ଥାନରେ ଅଛି ଧାନକର୍ ଗୋମ୍ପା । ଗେଲୁଗ୍‌ପା ବୌଦ୍ଧ ଶୃଙ୍ଖଳର ଏହି ବେଦ୍ଧମଠ । ଏଠାରୁ ପରିବେଶକୁ ଉପଭୋଗ କରିବା ସତରେ ଖୁବ୍ ମନଲୋଭା । ସ୍ପିତି ଓ ପିନ୍ ନଦୀର ସଙ୍ଗମ ଅଛି ଏହି ବୌଦ୍ଧମଠ ଆଗରେ । ଏହି ଆଶ୍ରମରୁ



ଅଣଓସାରିଆ ପାହାଡ଼ି ରାସ୍ତାରେ ଏକଘଣ୍ଟା ଚଢ଼ିବା ପରେ ଆଉ ଏକ ପାହାଡ଼ର ଶୀର୍ଷ ପାଖରେ ପହଞ୍ଚିହୁଏ । ଏଠାରେ ଆପଣଙ୍କୁ ସ୍ୱାଗତ କରିବ ଧାନ୍‌କେର୍ ହ୍ରଦ । କାଚକେନ୍ଦୁ ପାଣି, ପଛରେ ତୁଷାରାଚ୍ଛାଦିତ ପର୍ବତ ଓ ହ୍ରଦରେ ମେଘର ପ୍ରତିଛବି । ଯେକୌଣସି ମଣିଷ ମନରେ ସାଇତି ହୋଇ ରହିଲା ଭଳି ଛବିଟିଏ ।

## ଜୀବାଶ୍ମର ଗାଁ ଲାଙ୍ଗ୍‌ଜା

ଚାରିପଟେ ପର୍ବତ ଘେରେଇ ହୋଇ ଗିନା ପରି ଆକାରର ଏକ ଛୋଟ ଅଞ୍ଚଳ ଅଛି ସ୍ପିତି ଉପତ୍ୟକାରେ । ଏହି ଗାଁର ନାଁ ଲାଙ୍ଗ୍‌ଜା । ଗାଁରେ ପଶିଲେ ଆପଣଙ୍କୁ ସ୍ୱାଗତ କରିବ ଧ୍ୟାନରତ ବୁଦ୍ଧଙ୍କ ବିଶାଳ ପ୍ରତିମା । ଏହି ଗାଁ ଖ୍ୟାତ ଜୀବାଶ୍ମ ସଂରକ୍ଷିତ ଅଞ୍ଚଳ ଭାବରେ । ନିୟୁତ ନିୟୁତ ବର୍ଷ ପୂର୍ବେ ସ୍ପିତି ଉପତ୍ୟାକା ଟେଥିସ୍ ସାଗର ତଳେ ବୁଡ଼ି ରହିଥିଲା । ତେଣୁ ସାମୁଦ୍ରିକ ଜୀବନର ଜୀବାଶ୍ମ ଏଠାରେ ବିକ୍ଷିପ୍ତ ଭାବରେ ପଡ଼ିଥିବାର ଦେଖାଯାଏ ।

## କାଜା

ସ୍ପିତିର ପ୍ରଶାସନିକ କେନ୍ଦ୍ର କାଜାକୁ ଯିବା ସମୟରେ ଅନେକ ପାହାଡ଼ଚଢ଼ା ରାସ୍ତା ବି ପଡେ । ଯର୍ପ୍ୟଟକମାନେ ଏସବୁ ରାସ୍ତା କଡ଼ରେ ତମ୍ବୁଟାଣି ରାତିରେ ପ୍ରକୃତିକୁ ଉପଭୋଗ କରନ୍ତି । ଦିନ ଯେତିକି ସୁନ୍ଦର ଏଠାରେ ସେତିକି ସୁନ୍ଦର ରାତିର ତାରାଖଚିତ ଆକାଶ । ୧୨,୦୦୦ ଫୁଟ ଉଚ୍ଚତାରେ ଥିବା କାଜା ଏମିତି ଏକ ସ୍ଥାନ ଯେଉଁଠାରେ ପର୍ଯ୍ୟଟକମାନେ ଏକାନ୍ତରେ ନିରବରେ ଘଣ୍ଟା ଘଣ୍ଟା ବସି ବସି କଟାନ୍ତି । ଏଠାରେ ଅଛି ଚତୁର୍ଦ୍ଦଶ ଶତାବ୍ଦୀର ଟାଙ୍ଗ୍ୟୁଦ୍ ଗୋମ୍ପା । ପୁରାତନ ଦୁର୍ଗ ଶୈଳୀରେ ନିର୍ମିତ ହୋଇଛି ଏହି ବୌଦ୍ଧମଠ । କ୍ୟୁ ବୌଦ୍ଧମଠ ଏଠାରୁ ମାତ୍ର ୧୨ କିଲୋମିଟର ଦୂର, ୭ କିଲୋମିଟର ଦୂରରେ ରହିଛି କିବର୍, ଯାନବାହାନରେ ପହଞ୍ଚିବାର ଶେଷ ସ୍ଥାନ ଏହା ।



## ଅକ୍ଷତ ଗ୍ରାମ୍ୟ ଜୀବନ

ସ୍ପିତିର ଗାଁଗୁଡ଼ିକରେ ହିମାଚଳି ଶୈଳୀରେ କାଠଗଣ୍ଡି ଓ ପଥରରେ ଘର ତିଆରି ହୁଏ । ଘରର ଛାତରେ ଶୀତଦିନ ପାଇଁ ଗୋଖାଦ୍ୟ ଗଚ୍ଛିତ ହୋଇରହିଥାଏ । ଫରଫର ହୋଇ ଉଡୁଥିବା ତିବ୍ବତୀୟ ପ୍ରାର୍ଥନା ପତାକା ମାଳା, ପ୍ରାର୍ଥନା ପଥର ଓ ଘାସ ଚରୁଥିବା ଚମରୀ ଗାଈ ଯେକୌଣସି ପର୍ଯ୍ୟଟକର କ୍ଲାନ୍ତ ଆଖିକୁ ପୁଣିଥରେ ସତେଜ କରିଦିଏ ଏଠାରେ । ବେଳେ ବେଳେ ପୁରୁଣା ବିବାହ ନୃତ୍ୟ ଖାର୍ ଦେଖିବାର ସୁଯୋଗ ବି ମିଳିଯାଏ ପର୍ଯ୍ୟଟକଙ୍କୁ । ସ୍ପିତିର ଗାଁଗୁଡ଼ିକ ଅପହଞ୍ଚ । କିନ୍ତୁ ଭାରତର ସବୁଠାରୁ ବନ୍ଧୁବତ୍ସଳ ଓ ହୃଦୟବାନ୍ ଲୋକ ଏଠାରେ ରୁହନ୍ତି । ପର୍ଯ୍ୟଟକମାନଙ୍କୁ ଆଦର କରନ୍ତି । ପରିବାର ପୋଷଣ ପାଇଁ କଠିନ ପରିଶ୍ରମ କରୁଥିବା ସ୍ଥାନୀୟ ଲୋକେ କିନ୍ତୁ ଅତିଥି ଅଭ୍ୟର୍ଥନାରେ ଖୁବ୍ ପାରଙ୍ଗମ । ସବୁବେଳେ ଶାନ୍ତିର ଝଲକ ମିଳୁଥାଏ



ସେମାନଙ୍କ ଚେହେରାରୁ । ଏଠାର ମହିଳାମାନେ ଦୃଢ଼ମନା ଓ ପରିଶ୍ରମୀ । ବରଫ ତରଳିରେ ଏଠାରେ ମହିଳାମାନଙ୍କର ବାର୍ଷିକ ଖରାଦିନିଆ କାମ ଆରମ୍ଭ ହୋଇଯାଏ । ପୋଷାଜୀବମାନଙ୍କୁ ଚାରଣଭୂମିକୁ ଦେବାକୁ ହୁଏ । ବାର୍ଲି, ଆଳୁ ଓ ମଟର ଚାଷ ପାଇଁ ଜମି ଚାଷ କରାଯାଏ । ହଁ ଏ ମଧ୍ୟରେ ପର୍ଯ୍ୟଟକମାନଙ୍କ ଚା' ଜଳଖିଆ ଆଦି ମଧ୍ୟ ବୁଝିବାକୁ ହୁଏ । ଏସବୁରେ ମୁଖ୍ୟ ଭୂମିକା ଥାଏ ମହିଳାମାନଙ୍କର । ହଁ ସ୍ପିତିରେ ଆପଣ ଆଉ ଏକ ଅନନ୍ୟ ଅନୁଭବ ପାଇବେ ଛୋଟ ପିଲାଙ୍କଠାରେ । ସରଳ, ଉତ୍‌ଫୁଲ୍ଲ, କୌତୂହଳୀ ଆଉ ସୂର୍ଯ୍ୟକିରଣ ପରି ସତେଜ ଚମକ୍‌ଦାର ଶିଶୁ । ହସ ହସ ମୁହଁ । କଷ୍ଟକର ଜୀବନର ଭୟ ନାହିଁ । ପର୍ଯ୍ୟଟକଙ୍କୁ ଖୁବ୍ ଆଗ୍ରହରେ ଭେଟନ୍ତି । ସହରୀ ପିଲାଙ୍କ ପରି ମଉଳା ଚେହେରା ନଥାଏ ସେମାନଙ୍କଠାରେ । ପ୍ରକୃତି ପ୍ରତିକୂଳ ହେଲେବି ତା' ଭିତରେ ଜୀବନର ସୌନ୍ଦର୍ଯ୍ୟ ଅନୁଭବ କିପରି କରାଯାଏ, ଏହି ପିଲାଙ୍କ ଚେହେରା ଶିଖାଇ ଦିଏ ।

## ଲାଲୁଙ୍ଗ ବୌଦ୍ଧମଠ

ଧାନକର୍‌ଠାରୁ ୧୨କି.ମି. ଦୂରରେ ଅଛି ଏକ କ୍ଷୁଦ୍ର ପାରମ୍ପରିକ ଜନବସତି ଲାଲୁଙ୍ଗ୍ । ଏଠାରେ ଥିବା ମଧ୍ୟଯୁଗୀୟ ବୌଦ୍ଧମଠ ଦେଖିବା ଯୋଗ୍ୟ । ସ୍ପିତି ଉପତ୍ୟାକାରେ ସାଧାରଣ ଲୋକଙ୍କ ନଜର ଠାରୁ ଦୂରରେ ଅଛି ଏହି ବୌଦ୍ଧମଠ । ସ୍ଥାନୀୟ ଭାଷାରେ ଲାଲୁଙ୍ଗର ଅର୍ଥ 'ଦେବତାଙ୍କ ସ୍ଥାନ' । ଟାଙ୍ଗମାରା ପାହାଡ଼ର ପାଦଦେଶରେ ଅଛି ଏହି ବୌଦ୍ଧାଶ୍ରମ । ଟାଙ୍ଗମାର ପାହାଡ଼ର ରଙ୍ଗ ବଦଳେ, କେବେ ଏହା ଲାଲ୍ ତ କେବେ ହଳଦିଆ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଦେବତାଙ୍କ ମନୋଭାବକୁ ନେଇ ପାହାଡ଼ର ରଙ୍ଗ ବଦଳେ । ଦେବତା ରାଗିଗଲେ ପାହାଡ଼ର ରଙ୍ଗ ଲାଲ ହୋଇଯାଏ, ଖୁସିଥିଲେ ହଳଦିଆ ରଙ୍ଗ ଧାରଣ କରେ ପାହାଡ଼ । ସମୁଦ୍ର ପତ୍ତନରୁ ୩୬୫୮ ମିଟର ଉଚ୍ଚତାରେ ଥିବା ଏହି ବୌଦ୍ଧମଠ ସ୍ପିତି ଉପତ୍ୟାକାର





ଅନ୍ୟତମ ପୁରାତନ ବୌଦ୍ଧମଠ । ଏହି ବୌଦ୍ଧମଠ ସହ ମନ୍ଦିର ସଂଲଗ୍ନ ରହିଛି । ଏହାକୁ ସାର୍‌ଖାଙ୍ଗ ବା ଗୋଲ୍‌ଡେନ୍ ଟେମ୍ପୁଲ୍ ମଧ୍ୟ କୁହାଯାଏ । ମନ୍ଦିରରେ ଅନେକ ଦେବୀ ଦେବତାଙ୍କ ସ୍ୱର୍ଣ୍ଣ ଆଚ୍ଛାଦିତ ପ୍ରତିମୂର୍ତ୍ତି ରହିଛି । ଏହି ମନ୍ଦିରର ଅନ୍ୟଥମ ମୁଖ୍ୟ ଆକର୍ଷଣ ଆକର୍ଷକ ରଙ୍ଗିନ ପ୍ରାଚୀର କଳା ଓ ସୂକ୍ଷ୍ମ କାଠ ଖୋଦେଇ ମେଢ଼ । ପୂର୍ବେ ଏଠାରେ ୯ଟି ମନ୍ଦିର ଦୁଇଟି ପ୍ରାଚୀର ପରିବେଷ୍ଟନୀ ଭିତରେ ରହିଥିଲା । ଏବେ ଏହାର ସଂଖ୍ୟା ଅନେକ ବଢ଼ିଛି । ମନ୍ଦିରର ଗର୍ଭଗୃହରେ ୫୦ଟି ପ୍ରତିମା ରହିଛି । ମନ୍ଦିର ବାହାରେ ବୁଦ୍ଧଙ୍କର ଚାରିଦିଗକୁ ଚାହିଁଥିବା ଚାରୋଟି ପ୍ରତିମା ଅଛି । ବୌଦ୍ଧମଠ ଯେତେ ପୁରୁଣା ଏହି ମୂର୍ତ୍ତି ମଧ୍ୟ ସେତେ ପୁରୁଣା ବୋଲି ବିଶ୍ୱାସ କରାଯାଏ । ମନ୍ଦିର ବାହାରେ ଅନ୍ଧାରିଆ ଗୋଲାକାର ପାଦଚଲା ରାସ୍ତା ଅଛି, ମନ୍ଦିର ପ୍ରଦକ୍ଷିଣ ପାଇଁ ଏହି ରାସ୍ତା ଉଦ୍ଦିଷ୍ଟ । ଏହି ମନ୍ଦିରରେ ଚମତ୍କାର ପ୍ରାର୍ଥନାଚକ୍ର ଲଗାଯାଇଛି । ଏହି ବୌଦ୍ଧମଠ ଟାବୋ ବୌଦ୍ଧମଠ ପରି ପୁରୁଣା ସମୟରେ ଶିକ୍ଷା ଓ ତର୍କର କେନ୍ଦ୍ର ଭାବରେ ବିକଶିତ କରାଯାଇଥିଲା ।



ଦଶମ ଶତାବ୍ଦୀରେ ହିମାଳୟ ଅଞ୍ଚଳର ଜନସ୍କାର, ଗୁଗେ, ସ୍ପିତି, କିନୌର ଆଦିକୁ ଶାସନ କରୁଥିବା ବୌଦ୍ଧସନ୍ଥ ରିନ୍‌ଚେନ୍ ଜାଙ୍ଗୋପୋଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଲୋକକଥା ଅନୁଯାୟି-ରୀନ୍‌ଚେନ୍ ଜାଙ୍ଗପୋ ଏଠାରେ ୱିଲୋ ଗଛଟିଏ ପୋତି କହିଥିଲେ ଯଦି ଗଛଟି ବର୍ଷେ ପର୍ଯ୍ୟନ୍ତ ବଞ୍ଚରୁହେ ତେବେ ଏଠାରେ ଏକ ମନ୍ଦିର ନିର୍ମିତ ହୋଇଯିବ । ଏହାପରେ ଅଞ୍ଚଳର ଦେବତାମାନେ ମିଶି ଗୋଟିଏ ଦିଗରେ ମନ୍ଦିର ଗଢ଼ିଦେଲେ । ଏବେ ବି ସେହି ଗଛ ବୌଦ୍ଧ ମଠ ବାହାରେ ଅଛି । ଲୋକେ ବିଶ୍ୱାସ କରନ୍ତି ମନ୍ଦିରର ମୁଖ୍ୟ ଦେବତା ଲାଲୁଙ୍ଗ ଉପତ୍ୟକାର ସବୁଦେବତାଙ୍କ ମୁଖ୍ୟ । ସେ ଗାଁ ପଛପଟେ ଥିବା ଟାଙ୍ଗ୍‌ମାର୍ ପର୍ବତରୁ ବାହାରନ୍ତି ।

ଲାଲୁଙ୍ଗ ବୌଦ୍ଧମଠରେ ପର୍ଯ୍ୟଟକମାନଙ୍କର ରହିବା ଖାଇବାର କୌଣସି ବ୍ୟବସ୍ଥା ନାହିଁ । ତେବେ ଏଠାରେ ଘରୋଇ ଅତିଥିଶାଳା ଓ ରେଷ୍ଟୁରାଣ୍ଟ ଅଛି । ପେଇଙ୍ଗ୍ ଗେଷ୍ଟ ଭାବରେ ସ୍ଥାନୀୟ ପରିବାର ସହ ରହିବାର ସୁବିଧା ମିଳିପାରେ ।

## ହିକ୍କିମ୍

କୋମିକ୍ ଯିବା ରାସ୍ତାରେ ଲାଙ୍ଗ୍‌ଦା ଗ୍ରାମଠାରୁ ୬କିମି. ଦକ୍ଷିଣରେ ଅଛି ହିକ୍କିମ୍ ଜନପଦ । ୪୪୪୦ ମିଟର ଉଚ୍ଚତାରେ ଥିବା ଏହି ଗ୍ରାମରେ ଅଛି ଏକ ପୋଷ୍ଟ ଅଫିସ୍ ଯାହାକି ବିଶ୍ୱରେ ଉଚ୍ଚତମ ସ୍ଥାନରେ ଥିବା ପୋଷ୍ଟ ଅଫିସ୍ । ଏହି ଗାଁକୁ ଦେଖିଲେ ଲାଙ୍ଗ୍‌ଦା ଗ୍ରାମ ପରି ମନେହେବ କାରଣ ଏହାର ଆକାର ମଧ୍ୟ ଗିନାଟିଏ ପରି । ଏହାର କମନୀୟ ଚେହେରେ ଯେକୌଣସି ପର୍ଯ୍ୟଟକଙ୍କ ମନ ମୋହିନେବ । ପର୍ଯ୍ୟଟକମାନେ ଏଠାରେ ନିଜ ଯାନବାହାନ ରଖି କେବଳ ଚାଲିବୁଲି କିଛି ସମୟ କାଟନ୍ତି । ହିକ୍କିମର ଘରଗୁଡ଼ିକ ମାଟି ଓ ପଥର ଗୋଟିରେ ତିଆରି । ସବୁ ଘରର ରଙ୍ଗ ଧଳା ।



ବାହାରେ ପ୍ରାର୍ଥନା ପତାକା ଫରଫର ହୋଇ ଉଡଉଥାଏ । ଏଥିରୁ ବୁଝିହୁଏ ଗାଁରେ ବୌଦ୍ଧଧର୍ମର ରାଜୁତି ଅଛି । ରାସ୍ତାକଡ଼ରେ ଥିବା ଏହି ଘରଗୁଡ଼ିକୁ ଯିବା ପାଇଁ ଖୁବ୍ ଗଡ଼ାଣିଆ ପାଦଚଲା ରାସ୍ତାରେ ଯିବାକୁ ହୁଏ । ଏଠାରେ ରହିବା ପାଇଁ ହୋଟେଲ୍ ବା ଲଜ୍ ନାହିଁ । କିନ୍ତୁ ସ୍ଥାନୀୟ ଲୋକଙ୍କ ଘରେ ଅତିଥି ଭାବରେ ରହିପାରିବେ ଆପଣ । ଖୁବ୍ ଆରାମ ଦେବାଭଳି ବ୍ୟବସ୍ଥା ଘରଗୁଡ଼ିକରେ ନଥିଲେ ବି ଏସବୁ ଏକଦମ୍ ପରିଷ୍କାର ପରିଚ୍ଛନ୍ନ । ହଁ ଅତିଥିମାନଙ୍କୁ ତିନିଓଳି ଗରମ ଗରମ ଖାଦ୍ୟ ରାନ୍ଧି ପରଷିବାରେ ଗ୍ରାମବାସୀମାନେ ଖୁବ୍ ପ୍ରବୀଣ । ତୁଷାରପାତ ଯୋଗୁ ଶୀତମାସ ଗୁଡ଼ିକରେ ଏହା ଅବଶିଷ୍ଟ ଜଗତ ଠାରୁ ବିଚ୍ଛିନ୍ନ ହୋଇଯାଏ ।

## କି ବୌଦ୍ଧମଠ

ସ୍ପିତି ଉପତ୍ୟାକାକୁ ସ୍ଥାନୀୟ ଲୋକେ କୁହନ୍ତି 'ପିତି' । ଦକ୍ଷିଣ ଓ ପଶ୍ଚିମରେ ଏହା କୁଲୁ ଓ ଲାହୋଲ୍ ଦ୍ୱାରା ଉତ୍ତରରେ ଲଦାଖ୍ ଓ ଦକ୍ଷିଣ-ପୂର୍ବରେ କନ୍ନା ଉପତ୍ୟାଗ ଦ୍ୱାରା ପରିବେଷ୍ଟିତ । ଉଭୟ ନୃତତ୍ତ୍ୱ ଓ ସ୍ଥାପତ୍ୟ ଦୃଷ୍ଟିରୁ ସ୍ପିତି ଏକ ଜୀବନ୍ତ ସଂଗ୍ରହାଳୟ । ଅନେକ ପାହାଡ଼ ଏକଦମ୍ ଥୁଣ୍ଟା, ଗଛଟିଏ ବି ନାହିଁ । ହଜାର ହଜାର ବର୍ଷ ଧରି ପବନ, ସୂର୍ଯ୍ୟ ଓ ତୁଷାର ସବୁମିଶି କେବଳ ପଥର ଅବଶେଷ ରଖିଛନ୍ତି ଏସବୁ ପାହାଡ଼ ପର୍ବତରେ । ଏସବୁ ପାହାଡ଼ ଏକଦମ୍ ଚିକ୍କଣ । ଏହି ପାହାଡରୁ ବହିଆସିଥିବା ନଦୀର ଜଳ ଏକ ସ୍ୱଚ୍ଛ । ଆକାଶର ପ୍ରତିଛବି ଏକଦମ୍ ଅବିକଳ ମିଶିଯାଏ ନଦୀଜଳରେ । ପାଣିପାଗ, ଜଳବାୟୁ ଓ ପ୍ରାକୃତିକ ପରିବେଶ ଠିକ୍ ଲଦାଖ୍ ପରି ତିବ୍ବତୀୟ ବୌଦ୍ଧଧର୍ମର ପ୍ରାଧାନ୍ୟ ଯୋଗୁଁ ଲିଟିଲ୍ ତିବ୍ବତ ମଧ୍ୟ କୁହାଯାଇପାରେ ସ୍ପିତିକୁ । କି ଗୋମ୍ପା ବା କି ବୌଦ୍ଧମଠ ଅଛି କାଜାଠାରୁ ୭କି.ମି. ଦୂରରେ ତଥା ସମୁଦ୍ରପତ୍ତନରୁ ୪୧୧୬ ମିଟର ଉଚ୍ଚତାରେ, ଏହା ସ୍ପିତି ଉପତ୍ୟାକାର ବୃହତ୍ତମ ବୌଦ୍ଧମଠ । ଏକାଦଶ ଶତାବ୍ଦୀରେ ସ୍ଥାପିତ ହୋଇଥିଲା ଏହା । ଏଠାରେ ପୁରାତନ ପାରମ୍ପରିକ ବୌଦ୍ଧ ଚାଦର ଓ ଚିତ୍ରକଳା ରହିଛି । ଏବେବି ବହୁ ସଂଖ୍ୟକ ବୌଦ୍ଧ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ରୁହନ୍ତି ଏଠାରେ । ବୌଦ୍ଧ ସନ୍ନ୍ୟାସୀମାନଙ୍କର ଏହା ଅନ୍ୟତମ ମୁଖ୍ୟ ତାଲିମ କେନ୍ଦ୍ର । ଏକାଦଶ ଶତାବ୍ଦୀରେ ବୌଦ୍ଧଗୁରୁ ଅତିଶାଙ୍କର ଜଣେ ଶିଷ୍ୟ ବ୍ରୋମସ୍ତୋନ୍‌ଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା । ପଞ୍ଚମ ଦଲାଇଲାମାଙ୍କ ସମୟରେ ସପ୍ତଦଶ ଶତାବ୍ଦୀରେ ମୋଙ୍ଗୋଲ୍‌ମାନେ ଏହି ଦୁର୍ଗୀକୃତ ବୌଦ୍ଧମଠ ଉପରେ ଆକ୍ରମଣ କରିଥିଲେ । ୧୮୨୦ରେ ଲଦାଖ୍ ଓ କୁଲୁ ମଧ୍ୟରେ ଯୁଦ୍ଧରେ ଏହା କ୍ଷତିଗ୍ରସ୍ତ ହୋଇଥିଲା । ୧୮୪୧ରେ ଡୋଗ୍ରା ସେନାଦ୍ୱାରା ଓ ସେହିବର୍ଷ ଶିଖ୍ ସେନା ଦ୍ୱାରା ଆକ୍ରମଣର ଶିକାର ହୋଇଥିଲା କି ଗୋମ୍ପା । ୧୮୪୦ରେ ଏଠାରେ ନିଆଁରେ ନଷ୍ଟ ହୋଇଥିଲା । ୧୯୭୫ରେ ଏକ ଭୟଙ୍କର ଭୂମିକମ୍ପରେ ମଧ୍ୟ ଏହାର ଅଶେଷ କ୍ଷତି ଘଟିଥିଲା ।

ଏହି ବୌଦ୍ଧ ଶିକ୍ଷାନୁଷ୍ଠାନ ଚତୁର୍ଦ୍ଦଶ ଶତାବ୍ଦୀର ବୌଦ୍ଧ ସ୍ଥାପତ୍ୟର ପ୍ରମାଣ ବହନ କରିଛି । ଏହା ଶନା ସ୍ଥାପତ୍ୟ ଦ୍ୱାରା ଅନୁପ୍ରେରିତ । ଏହି ଆଶ୍ରମର ମନ୍ଦିରରେ ଧ୍ୟାନରତ ବୁଦ୍ଧଙ୍କ ପ୍ରତିମା ରହିଛି । ଏହି ଗୋମ୍ପା ତିନିମହଲା ବିଶିଷ୍ଟ । ତଳ ମହଲା ଭୂତଳ । ଏହା ମୁଖ୍ୟତଃ ଭଣ୍ଡାର ଭାବରେ ବ୍ୟବହୃତ ହୁଏ । ମଝି ମହଲାରେ ସଭା କକ୍ଷ ଓ ସନ୍ନ୍ୟାସୀମାନଙ୍କ କକ୍ଷ ରହିଛି । ଉପର ମହଲାରେ ଉପାସନା ଓ ପ୍ରାର୍ଥନା କକ୍ଷ ରହିଛି । ପ୍ରାୟ ୨୫୦ ବୌଦ୍ଧ ସନ୍ନ୍ୟାସୀ ଏଠାରେ ଶିକ୍ଷାଗ୍ରହଣ ପାଇଁ ସବୁ ସମୟରେ ଥାଆନ୍ତି । ଏହି ଆଶ୍ରମରେ ନିୟମିତ ମୁଖିଆ ଆବୋଟ୍ ଅଛନ୍ତି । ୨୦୦୦ ମସିହାରେ ଏହି ଗୋମ୍ପାର ସହସ୍ରାବ୍ଦି ଉତ୍ସବ ଦଲାଇଲାମାଙ୍କ ଉପସ୍ଥିତିରେ ପାଳନ କରାଯାଇଥିଲା ।

## ଗ୍ରାମ୍ଫୁରୁ କାଜା

ଗ୍ରାମ୍ଫୁଠାରୁ ସ୍ପିତିକୁ ଯିବା ରାସ୍ତାରେ ପଡ଼େ ବରଫାବୃତ୍ତ ଚନ୍ଦ୍ରା ଉପତ୍ୟାକା । ରାସ୍ତାରେ ଚତ୍ରୁ ଓ ବଟାଲ୍‌ରେ ଢାବା ଅଛି । ଏହା ଖୁବ୍ ପ୍ରସିଦ୍ଧ ଏ ଅଞ୍ଚଳରେ । ବାଟାଲ୍‌ଠାରୁ ଆଗକୁ ପ୍ରାୟ ଗୋଟେ କିଲୋମିଟର ଯିବା ପରେ ଉତ୍ତରକୁ ଗୋଟିଏ ପଥୁରିଆ ରାସ୍ତା ଯାଇଛି । ଏହା ଚନ୍ଦ୍ରପଲ୍ ପାଇଁ ଉଦ୍ଦିଷ୍ଟ । ଏହି ରାସ୍ତା ୧୨କିଲୋମିଟର ପରେ ଶେଷ ହୁଏ ଓ ଏକ କିଲୋମିଟର ଚାଲିବା ପରେ ତୁଷାର ଆଚ୍ଛାଦିତ ଏହି ହ୍ରଦ ପାଖରେ ପହଞ୍ଚିହୁଏ ।

ଗ୍ରାମ୍ଫୁରୁ କାଜା ପର୍ଯ୍ୟନ୍ତ ରାସ୍ତା ମନୋରମ ଦୃଶ୍ୟ ପାଇଁ ଖ୍ୟାତ । ଏଥିସହ ଅନେକ ଦର୍ଶନୀୟ ସ୍ଥାନ ଯଥା ଚନ୍ଦ୍ରତାଲ ହ୍ରଦ, କୁଞ୍ଜୁମ ଲା, ବାରା ଶିଗ୍ରି ଟ୍ରେକିଙ୍ଗ ପଏଣ୍ଟ ଆଦି ଅଛି । ବାରା ଶିଗ୍ରି ହିମାଳୟର ଅନ୍ୟତମ ଅନୁଭୂତି ସମ୍ପନ୍ନ ଗାଇଡ୍ ବିନା ଏଠାରେ ଟ୍ରେକିଙ୍ଗ ବିପଜ୍ଜନକ । ଏହି ରାସ୍ତାଠାରୁ ୧୦କି.ମି. ଦୂରରେ କି ଗୋମ୍ପା ମଧ୍ୟ ଅଛି । ୩୦ କି.ମି. ଭିତରେ ରହିଛି ସାକ୍ୟ ଗୋମ୍ପା ଓ ଟାଙ୍ଗ୍ୟୁଡ୍ ଗୋମ୍ପା ।



ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୯ ଡିସେମ୍ବର ୨୦୨୫ । ସୋମବାର

## ଯୁବତୀ ଅସଦାଚରଣକାରୀ ଜେଲ୍‌ରେ

**ରାଜନଗର,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ଛଅଜଣ ଯୁବତୀ ସଂପର୍କୀୟ ଯୁବକଙ୍କ ସହ ଭିତରକନିକା ଜାତୀୟ ଉଦ୍ୟାନରୁ ବୁଲି ଫେରୁଥିଲେ । ହାତିନା ପଞ୍ଚାୟତ ଜୁଣପଙ୍ଗରା ଛକ ନିକଟବର୍ତ୍ତୀ ଭାଟସାହି ରାସ୍ତାରେ ସାତଜଣ ଯୁବକ ପହଞ୍ଚି ସଂପୃକ୍ତ ଯୁବକଙ୍କୁ ମାଡ ମାରିବା ସହ ଯୁବତୀମାନଙ୍କୁ ଗାଳିଗୁଲଜ ଓ ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ରାଜନଗର ଥାନାରେ ୪୪୧/୨୫ରେ ମାମଲା ରୁଜୁ କରିଥିଲା । ଏଥିରେ ସଂପୃକ୍ତ ଥିବା ସାତଜଣ ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣି ପଚରା ଉଚରା କରୁଥିଲା । ଶନିବାର ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ତିନିଜଣ ନାବାଳକ ଥିବାରୁ ସେମାନଙ୍କୁ ସୁଧାରଗୃହକୁ ପଠାଯିବ ବୋଲି ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ବଡନାଉକୋଣା ଗ୍ରାମର ବୁଦ୍ଧିରାମ ମଳିକଙ୍କ ପୁଅ ଯୁବକ ସୁବ୍ରତ ମଳିକ (୧୯), ସେହି ଗ୍ରାମର ମଙ୍ଗୁଳି ପଢିହାରୀଙ୍କ ପୁଅ ଟୁନୁ ପଢିହାରୀ (୨୧), ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ (ନୂଆଗାଁ)ର ପ୍ରଭାତ ମାହୁଁନ୍ତଙ୍କ ପୁଅ ପାର୍ଥସାରଥି ମାହୁଁନ୍ତ(୧୯), ମହିଁଷାସୁର ପଞ୍ଚାୟତ କହ୍ନୁଆ ଗ୍ରାମର ହେମନ୍ତ ସ୍ୱାଇଁଙ୍କ ପୁଅ ହିମାଂଶୁ ସ୍ୱାଇଁ(୧୯)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କୁ ରାଜନଗର ଜେଏମଏଫସିଙ୍କ ନିକଟରେ ହାଜର କରାଯାଇଥିଲା । ସେମାନଙ୍କ ଜାମିନି ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପିସିସି ମହିଳା ମୋର୍ଚ୍ଚାର ସଭାପତି ମିନାକ୍ଷୀ ବାହିନୀପତିଙ୍କୁ କେନ୍ଦ୍ରାପଡା ଯୁବ କଂଗ୍ରେସ ପକ୍ଷରୁ ଗରାପୁର ଡାକ ବଙ୍ଗଳା ଠାରେ ଉପସ୍ଥିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିପ୍ଲବ କୁମାର ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ନେତା ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଯୁବ ଛାତ୍ର ନେତା ବିଜିପ କୁମାର ପ୍ରଧାନ, ଭୁବନ ମୋହନ ଭୋଇ, ଭଗବାନ ଓଝା, ଅଖିଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସର ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଏସି.ଏସ୍‌ଟି. ମୁଖ୍ୟ ହଳଧର ସେଠୀ, ଫକିର ଖଟୁଆ, ଭାଗିରଥୀ ଜେନା, ହୃଷୀକେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯୁବ କଂଗ୍ରେସର ବିପ୍ଲବ ପ୍ରଧାନ ଜିଲାରେ ଦଳକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ସଭାପତିଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ଦାସ ଚାନ୍ଦବାଲିର ନାବାଳିକା ବଳାତ୍କାର ପୀଡିତାଙ୍କୁ ଭେଟିବାକୁ ଯିବା ଅବସରରେ ତାଙ୍କୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ଥାନା ଅଧିକାରୀଙ୍କ ମଧ୍ୟରେ ଅଦଳବଦଳ

**କେନ୍ଦ୍ରାପଡ଼ା,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀଙ୍କ ମଧ୍ୟରେ ଏକ ଛୋଟ ଅଦଳବଦଳ କରାଯାଇଛି । ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ଥିବା ଇନ୍ସପେକ୍ଟର ସୌମ୍ୟ ରଂଜନ ବିଶ୍ୱାଳଙ୍କୁ ଅପସାରଣ କରାଯାଇ ତାଙ୍କୁ ଜିଲ୍ଲା ପୋଲିସ ହେଡ୍ କ୍ୱାର୍ଟର୍ସରେ ଅବସ୍ଥାପିତ କରାଯାଇଛି । ତାଙ୍କ ସ୍ଥାନରେ ହେଡ୍ କ୍ୱାର୍ଟର୍ସରେ ଥିବା ଇନ୍ସପେକ୍ଟର ଅନିତା ସ୍ୱାଇଁଙ୍କୁ ଜମ୍ବୁ ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି । ସେହିପରି ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ଥିବା ଇନ୍ସପେକ୍ଟର କିଶୋର କୁମାର ତରାଇଙ୍କୁ ଜିଲ୍ଲା ପୋଲିସ ହେଡ୍ କ୍ୱାର୍ଟର୍ସକୁ ବଦଳି କରାଯିବା ସହିତ ତାଙ୍କ ସ୍ଥାନରେ ପଟ୍ଟାମୁଣ୍ଡାଇ ମଡ଼େଲ ଥାନା ଅଧିକାରୀ ଥିବା ଇନ୍ସପେକ୍ଟର ରତି ରଂଜନ ନାୟକଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ତେବେ ହେର୍ଡ଼ କ୍ୱାର୍ଟର୍ସରେ ଥିବା ଇନ୍ସପେକ୍ଟର ମାନସ କୁମାର ମଲ୍ଲିକଙ୍କୁ ମହାକାଳପଡ଼ା ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି ।

## ଶୃଙ୍ଖଳା ହିଁ ସଫଳତାର ଚାବିକାଠି: ବିଧାୟକ

**କେନ୍ଦ୍ରାପଡ଼ା,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଖଡିଅଙ୍ଗସ୍ଥିତ ଅଙ୍କୁର ଶିକ୍ଷାନିକେତନର ୩୫ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପରିଚାଳନା ସମିତି ସଭାପତି ଡ. ରତ୍ନମଞ୍ଜରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ପାଠ ପଢିବାକୁ ପରାମର୍ଶ ଦେବା ସହିତ ଶୃଙ୍ଖଳା ହିଁ ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଆଖୁଆଓଢଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ.ବଳରାମ ଲେଙ୍କା ଯୋଗ ଦେଇଥିବାବେଳେ କାଉନସିଲର ପୁଷ୍ପାଞ୍ଜଳୀ ବସ୍ତିଆ, ବୀଣାପାଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ଅଧକ୍ଷ ଅମରପ୍ରସାଦ ସିଂ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ 'କମେଡିଆନ୍ ନଟିଆ' ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ । ଉତ୍ସବକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ କିରଣମୟୀ ସିଂ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରଭାକର ବେହେରା, ସତ୍ୟରଞ୍ଜନ ସାହୁ, ନିରୂପମା ମହାପାତ୍ର, ରଶ୍ମିତା ବେହେରା, ଜସ୍ମିନ୍ ଖାତୁନ୍, ଆଫ୍ରିନ୍ ଖାତୁନ୍ ଏବଂ ଦୀପିକା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲା ବିଜେଡି କର୍ମକର୍ତ୍ତାଙ୍କ ନାମ ଘୋଷଣା

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷିତ ହୋଇଛି । ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଅନୁମୋଦନକ୍ରମେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ନୂତନ ପଦାଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି । ଉପସଭାପତି ଭାବେ ବରିଷ୍ଠ ନେତା ପ୍ରମୋଦ ପଟ୍ଟନାୟକ, ବିଜୟ ମହାନ୍ତି, ନନ୍ଦ କିଶୋର ବେହେରା, ବିକ୍ରମ କେଶରୀ ବିଶ୍ୱାଳ, ଗୋବିନ୍ଦ ଚରଣ ମହାନ୍ତ, ରମେଶ ଚନ୍ଦ୍ର ପଲେଇ, କିଶୋର କୁମାର ଜେନା, ରାଜକିଶୋର ବାରିକ, ସନ୍ତୋଷ କୁମାର ବାଲା, ରାହାସ ବିହାରୀ ପୃଷ୍ଟି, ନିରଞ୍ଜନ ଦାସ, ସୁରେନ୍ଦ୍ର କୁମାର ଜେନା, ରାମୁ ଚକ୍ର, ଚିନ୍ମୟ ଗିରିଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ସୁଶିଳ କୁମାର ହୋତା, ବୀରଭଦ୍ର ସେଠୀ, ଦୁର୍ଯ୍ୟୋଧନ ବାରିକ, ଗିରିଧାରୀ ମହାନ୍ତ, ଶତୃଘ୍ନ ପାତ୍ର, ମହେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ଭଞ୍ଜଦେଓ, ବସନ୍ତ ମିଶ୍ର, ହେମନ୍ତ ସହାୟ, ମୋୟା ମୁଣ୍ଡା, ଅମରେଶ ମହାପାତ୍ର, ବାବୁଲାଲ ସାହୁ, ସୁବାଷ କୁମାର ରାମ, ବିଜୟ କୁମାର ଚକ୍ର, ବାସନ୍ତୀ ମାଝୀ, ଦେବାଶିଷ ପଟ୍ଟନାୟକ, ଶରତ କୁମାର ସାହୁ(ମୁନା), ତପନ କୁମାର ପାଣି, ପରେଶ କୁମାର ପ୍ରଧାନ, ଅକ୍ଷୟ କୁମାର ମହାନ୍ତ, ରଞ୍ଜନ କୁମାର ଦାସ, ଅରୁଣ କୁମାର ବାରିକ, ଶୁଭେନ୍ଦୁ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ଦାଶ, ପର୍ଶୁରାମ ମହାରଣା, ବଳରାମ ବେହେରା, ନିରଞ୍ଜନ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି । କୋଷାଧ୍ୟକ୍ଷ ଭାବେ ରକ୍ଷାକର ସାହୁଙ୍କୁ ନିଯୁକ୍ତି ମିଳିଥିବାବେଳେ ସମ୍ପାଦକ ଭାବେ ଏମ୍.ଡି ଅମୀର ହାସାନ, ଶତୃଘ୍ନ ସିଂହ, ଅଭିମନ୍ୟୁ ନାଥ, ବିରେନ୍ଦ୍ର କୁମାର ବିଶ୍ୱାଳ, ଅକ୍ଷୟ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି ।

## ବାଇକ୍ ଚାଳକ ଗୁରୁତର

**ବୁଗୁଡା,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକର କରସିଂ ଗାଁ ନିକଟରେ ରାସ୍ତାକଡସ୍ଥ ଏକ ଗଛକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର ହୋଇଥିବା ଜଣାଯାଇଛି । ଆହତ ଚାଳକ ଜଣକ ହେଲେ କରଚୁଲି ଗ୍ରାମର ଗଙ୍ଗାଧର ଡାକୁଆ (୩୨) । ଘଟଣାରୁ ପ୍ରକାଶ ଯେ, ଗଙ୍ଗାଧର ବାଇକ୍ ଯୋଗେ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ କୁମ୍ଭାପଡା ଗ୍ରାମସ୍ଥ ଏକ ରାଇସ୍ ମିଲରୁ ଗାଁକୁ ଫେରୁଥିବା ବେଳେ କରସିଂ ଗାଁ ନିକଟରେ ରାସ୍ତାକଡସ୍ଥ ଏକ ଗଛ ସହିତ ଜୋରରେ ଧକ୍କା ହୋଇଥିଲା । ସେଠାରୁ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ତାଙ୍କର ଗୋଡ ଓ ହାତ ଖଣ୍ଡିଆ ଖାବରା ହେବା ସହ ମୁଣ୍ଡକୁ ଗଭୀର ଆଘାତ ଲାଗିଥିଲା । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ବନରକ୍ଷୀଙ୍କୁ ମାଡ଼ ମାରି ଛଡାଇ ନେଲେ ଚୋରାଗାଡ଼ି

**ନୀଳଗିରି,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଦିନକୁ ଦିନ ବଢି ଚାଲିଛି କାଠ ମାଫିଆଙ୍କ ଦୌରାତ୍ମ୍ୟ । ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ କରିବା ସହିତ ଏମାନଙ୍କୁ ବାଧା ଦେଲେ ମାଡ଼ ମାରି ଲହୁଲୁହାଣ କରି ଚୋରାଚାଲାଣ କରୁଥିବା ଗାଡ଼ିକୁ ଛଡାଇ ନେବା ସହିତ ଭୟର ବାତାବରଣ ସୃଷ୍ଟି କରୁଛନ୍ତି କାଠମାଫିଆ ଓ ସେମାନଙ୍କର ସହଯୋଗୀମାନେ । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ରେଞ୍ଜ ଅଧୀନରେ ଥିବା ବରହମପୁର ଥାନା ସିମିଳୀହୁଡ଼କ୍ଷରେ ଚୋର କାଠ ଚାଲାଣ ହେଉଥିବାର ଖବର ପାଇ ନୀଳଗିରି ରେଞ୍ଜ ସଜନାଗଡ ସେକ୍ସନର ବନରକ୍ଷୀ ବନବିଭାଗର ପେଟ୍ରୋଲିଂ ଗାଡ଼ି ସାହାଯ୍ୟରେ ଚୋରାଚାଲାଣ କରୁଥିବା ଟାଟା ଏସିର ପିଛା କରିଥିଲେ । ମାତ୍ର ଚୋରାଚାଲାଣ କରୁଥିବା କାଠ ଗାଡ଼ିର ଡ୍ରାଇଭର ବନବିଭାଗ ତାର ପିଛା କରୁଥିବାର ଜାଣିପାରି ନୀଳଗିରି-ଝରଣାଘାଟି ପୂର୍ତ୍ତବିଭାଗ ରାସ୍ତାର ଦରଖୋଳି ନିକଟରେ ଚୋରାଚାଲାଣ କରୁଥିବା ଟାଟା ଏସି ଚାଳକ ଗାଡ଼ି ଛାଡ଼ି ଫେରାର ହେବା ସହିତ ଗାଡ଼ିର ମାଲିକ ଓ ଚୋରାଚାଲାଣ କରୁଥିବା କାଠ ମାଫିଆଙ୍କୁ ଫୋନ ଜରିଆରେ ଜଣାଇଥିଲା । ଚୋରା କାଠ ବୋଝେଇ ଗାଡିକୁ ବନବିଭାଗ କର୍ମଚାରୀ ନୀଳଗିରି ରେଞ୍ଜକୁ ଆଣୁଥିବା ବେଳେ ଗାଡ଼ିର ମାଲିକ ଓ ପ୍ରାୟ ୧୫ରୁ ୨୦ଜଣ ତାର ସହଯୋଗୀ କାଠମାଫିଆମାନେ ଘଟଣାସ୍ଥଳରେ ପହଞ୍ଚି ଚୋରା କାଠ ବୋଝେଇ ଗାଡ଼ି ଛଡାଇ ଆଣିବାକୁ ଉଦ୍ୟମ କରିଥିଲେ ହେଲେ ବନ କର୍ମଚାରୀମାନେ ଏହାର ପ୍ରତିରୋଧ କରିବାରୁ ଗାଡ଼ିର ମାଲିକ ଓ ତାଙ୍କର ମାଫିଆ ସହଯୋଗୀମାନେ ବନ କର୍ମଚାରୀମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ମାଡ଼ ମାରିବା ସହ ବନରକ୍ଷୀ ବୁଦ୍ଧୁରାମ ହାଁସଦାଙ୍କୁ ମାଡ ମାରି ହାତଭାଙ୍ଗି ଦେଇଛନ୍ତି । ଏଥିସହିତ ପେଟ୍ରୋଲିଂ ଗାଡ଼ିକୁ ଭଙ୍ଗାରୁଜା କରି ଚୋରା କାଠ ବୋଝେଇ ଗାଡ଼ିକୁ ନେଇ ଫେରାର ହୋଇ ଯାଇଥିଲେ । ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ଓ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବନ କର୍ମଚାରୀମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ । ଚୋରା କାଠ ବୋଝେଇ ଗାଡ଼ି ନମ୍ବରକୁ ଆଧାର କରି ଗାଡିର ମାଲିକର ସବିଶେଷ ବିବରଣୀ ପାଇବା ପରେ ଗାଡ଼ି ମାଲିକ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ସୂଚନା ଦେଇଛନ୍ତି ବନଅଧିକାରୀ । ଏଥିସହିତ ଘଟଣାରେ ଜଡ଼ିତ ସମସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବନଅଧିକାରୀ ଶ୍ରୀଖାଁ । ଏପରି ଏକ ଅଭାବନୀୟ ଘଟଣାକୁ ନେଇ ନୀଳଗିରିରେ ବେଶ ଚର୍ଚ୍ଚା ହେଉଥିବା ବେଳେ କାଠମାଫିଆଙ୍କୁ ଏପରି କାର୍ଯ୍ୟ କରିବା ପାଇଁ କେଉଁ ଅଦୃଶ୍ୟଶକ୍ତି ସାହାଯ୍ୟ ଓ ସହାୟତା କରୁଛନ୍ତି ବୋଲି କହିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ନୀଳଗିରି ଅଞ୍ଚଳବାସୀ ।

## ଦୁହୁରିଆ କ୍ରସିଂଙ୍ଗ ବଜାରରେ ନିର୍ମାଣ ହେବ ୫୦ମିଟର ଓଭର ବ୍ରିଜ୍

**କେନ୍ଦ୍ରାପଡ଼ା,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

୫୩ନମ୍ବର ଜାତୀୟ ରାଜପଥ ପୁନଃ ନିର୍ମାଣ ଚାଲିଥିବାବେଳେ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁହୁରିଆ ଠାରେ ଦୁଇଟି ସ୍ପାନ୍‌ର ଶହେ ମିଟର ଚଉଡ଼ା ବିଶିଷ୍ଟ ଓଭର ବ୍ରିଜ୍ ପାଇଁ ସଚେତନ ମହଲରେ ଦାବି ହୋଇ ଆସୁଥିଲା । ହେଲେ ଏଥିନେଇ ଜିଲ୍ଲା ପ୍ରଶାସନ କିମ୍ବା ଏନଏଚଆଇ କେହି ବି କର୍ଣ୍ଣପାତ କରୁନଥିଲେ । ଆଜି ସ୍ଥାନୀୟ ଲୋକେ ତଥା କେନ୍ଦ୍ରାପଡା ନାଗରିକ ସୁରକ୍ଷା ମଞ୍ଚ ଏଠାରେ ରାଜପଥ ନିର୍ମାଣ କାର୍ଯ୍ୟ ବନ୍ଦ କରାଇବା ସହିତ ପ୍ରତିବାଦ କରିବାରୁ ସମସ୍ତଙ୍କର ଚେତା ପଶିଛି । ଫଳରେ ଏଠାରେ ନିର୍ମାଣ ହୋଇଥବବା ୫୦ମିଟରର ଏକ ଓଭର ବ୍ରିଜ୍‌କୁ ଲଗାଇ ଆଉ ଏକ ୫୦ମିଟରର ଦ୍ୱିତୀୟ ଓଭର ବ୍ରିଜ୍ ନିର୍ମାଣ ପାଇଁ ଏନଏଚଆଇ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି ଦ୍ୱିତୀୟ ବ୍ରିଜ୍ ନିର୍ମାଣ ପାଇଁ ଅବଶିଷ୍ଟ ୫୦ମିଟର ରାସ୍ତା କାମ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥବବା ଜଣାଯାଇଛି । ପ୍ରକାଶ ଯେ, ଦୁହୁରିଆ କ୍ରସିଂଙ୍ଗ ବଜାର ଛକ ଜିଲ୍ଲାର ମୁଖଶାଳା କହିଲେ ଭୁଲ୍ ହେବ ନାହିଁ । ଏହା କଟକ, ଯାଜପୁର, ଜଗସିଂହ ପୁର, ଭଦ୍ରକକୁ ସଂଯୋଗ କରୁଅଛି । ଜାତୀୟ ରାଜପଥ ନଂ୫୩ ଦୁହୁରିଆ ଠାରେ କଟକ ଚାନ୍ଦବାଲି ରାସ୍ତାକୁ ଅତିକ୍ରମ କରୁଅଛି । କଟକ ଚାନ୍ଦବାଲି ରାସ୍ତା ୪ ଲେନ୍ ବିଶିଷ୍ଟ ହେବାକୁ ରାଜ୍ୟ ସରକାର ପ୍ରସ୍ତାବ ଗ୍ରହଣ କରି ସାରିଛନ୍ତି । ଏଠାରେ ମାତ୍ର ୫୦ମିଟରର ର ବ୍ରିଜ୍ ନିର୍ମାଣ କରାଯାଇଅଛି । ଏଥିନେଇ କେନ୍ଦ୍ରାପଡା ନାଗରିକ ସୁରକ୍ଷା ମଞ୍ଚ ଦୁହୁରିଆ ତରଫରୁ ଦୀର୍ଘ ଦିନରୁ ଦାବୀ କରାଯାଇଥିଲା । ଗତ ୨୪ ତାରିଖ ଅପରାହ୍ନରେ ଏତ୍‌ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏହି ସ୍ଥାନକୁ ଏକ ଟେକନିକାଲ ଟିମ୍ ପରିଦର୍ଶନ କରିବାପରେ କାର୍ଯ୍ୟ କରିବା ପାଇଁ ବିଚାର ଗ୍ରହଣ କରାଯାଇଥିଲା । ମାତ୍ର ଜୋର ଜବରଦସ୍ତ ଏନ୍‌ଏଚ୍‌ଏଆଇକାମ କରୁଥିବାରୁ ତାହାର ପ୍ରତିବାଦରେ ଆଜି ନାଗରିକ ସୁରକ୍ଷା ମଞ୍ଚ ଏନ୍‌ଏଚ୍‌ଏଆଇର କାର୍ଯ୍ୟ ବନ୍ଦ କରାଥିଲା । ଫଳରେ କାର୍ଯ୍ୟବନ୍ଦ ସ୍ଥାନକୁ ତହସିଲଦାର, ସଦରଥାନା ଅଧିକାରୀ, ପିଡିଏନ୍‌ଏଚ୍‌ଏଆଇ ପ୍ରମୁଖ ପହଞ୍ଚ ଆଲୋଚନା କରିଥିଲେ । ଏଠାରେ ୨ୟ ପୋଲ ନିର୍ମାଣ ହେବା ପର୍ଯ୍ୟନ୍ତ ୫୦ ମିଟର ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ଆନ୍ଦୋଳନରେ ନାଗରିକ ସୁରକ୍ଷା ମଞ୍ଚର ସଭାପତି ଆଡଭୋକେଟ ବିଜୟ ପରିଡା, ଆବାହକ ସନାତନ ମୁଦୁଲି, କ୍ଷେତ୍ରବାସୀ ସାହୁ, ଜମଧର ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ସମିତି ସଭ୍ୟ ଦେବାଶିସ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବାଶୀସି ଦାସ, ଶାରଦା ନାଥ, ଜୀବାନ ବେହେରା କାହ୍ନୁ ବାବୁ, ସୁଶିଲ ବାବୁ, ପ୍ରଶାନ୍ତ ସାମଲ, ନାରାୟଣ ସେଠୀ, ରାମ ନାଥ, କିଶୋର ଜେନା, ପ୍ରଫୁଲ କୁମାର ସାହୁ, ସୁରେନ୍ଦ୍ର ସ୍ୱାଇଁ, ପ୍ରଭାକର ସାହୁ, ବିଦ୍ୟାଧର ନାଥ, ଭାଗବତ ନାୟକ, ପ୍ରସନ୍ନ ସାହୁ, ସୁରେନ୍ଦ୍ର ସେଠୀ, ଗୁରୁଚରଣ ସ୍ୱାଇଁ, ଭବାନୀ ଶଙ୍କର ବାରିକ, ଭାବଗ୍ରାହୀ ସାହୁ, ଦୁର୍ଯୋଧନ ସାହୁ, ବିଜୟ ସେଠୀ, ଅଭୟ ସାହୁ, ସରୋଜ ସ୍ୱାଇଁ, ପପୁ ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଯେଉଁ ପର୍ଯ୍ୟନ୍ତ ୨ୟ ପୋଲ ନିର୍ମାଣ କରାନଯାଇଛି ସେ ପର୍ଯନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନାଗରିକ ସୁରକ୍ଷା ମଞ୍ଚ ସରକାରଙ୍କୁ ଚେତାବନି ଦେଇଛନ୍ତି ।

## ଗୋନାସିକା ମହୋତ୍ସବରେ ଗୋଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ

**କେନ୍ଦୁଝର,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦୁଝର ଷ୍ଟାଡିୟମରେ ଚାଲିଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ୨୦୨୫ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଶନିବାର କେନ୍ଦୁଝର ଜିଲା ଗୋଣ୍ଡ ସଂସ୍କୃତିକ ସମାଜ ତରଫରୁ ଗୋଣ୍ଡ ପାରମ୍ପାରିକ ଯୁଦ୍ଧ କଳା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଗୋଁଡ ସମ୍ପ୍ରଦାୟର ପରମ୍ପରା ଓ ସଂସ୍କୃତି ଉପରେ ପର୍ଯ୍ୟବେକ୍ଷିତ ଯୁଦ୍ଧକଳା ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା ।

ଗୋଣ୍ଡ ସଂସ୍କୃତିକ ସମାଜ, କେନ୍ଦୁଝର ଦ୍ୱାରା ପ୍ରଦର୍ଶିତ ଗୋଣ୍ଡ ଜନଜାତିର ପାରମ୍ପାରିକ ଖଣ୍ଡା ନୃତ୍ୟ । ଏହି ନୃତ୍ୟ କେବଳ ଏକ କଳା ନୁହେଁ ବରଂ ପୂର୍ବପୁରୁଷମାନଙ୍କ ଠାରୁ ପ୍ରାପ୍ତ ଏକ ଗୌରବମୟ ଯୁଦ୍ଧ ପରମ୍ପରା । ଏହି ପାରମ୍ପରିକ ଖଣ୍ଡା ନୃତ୍ୟ ଗୋଣ୍ଡ ସମାଜର ମହିଳାମାନଙ୍କୁ ଶିକ୍ଷା ଦିଆଯାଏ ଓ ମହିଳାମାନେ ପ୍ରତି ପଲ୍ଲୀରେ ଅନୁଷ୍ଠିତ ହେଉଥିବା ଗୌରୀ ପୂଜା ସମୟରେ ଏହି ଖଣ୍ଡା ନୃତ୍ୟ ପରିବେଷଣ କରିଥାଆନ୍ତି । ଗୁରୁ ନିର୍ମଳ ଚନ୍ଦ୍ର ନାୟକ ଏହି ଖଣ୍ଡା ନୃତ୍ୟର ନିର୍ଦ୍ଦେଶନା ଦେଇଥିବାବେଳେ ଯୁଦ୍ଧକଳାର ସ୍ୱର ସଂଯୋଗ ଗୁରୁ ଅର୍ଜୁନ ନାୟକ ଦେଇଥିଲେ । ଏହି ସାଂସ୍କୃତିକ କଯ୍ୟକ୍ରମକୁ ଗୋଁଡ ସାଂସ୍କୃତିକ ସମାଜର ଜିଲ୍ଲା ସଭାପତି ଜନାର୍ଦ୍ଦନ ନାୟକ, ଉପସଭାପତି କିରଣବାଳା ନାୟକ, ଅନାଦି ଚରଣ ନାୟକ, ସମ୍ପାଦକ ଚକ୍ରଧର ନାୟକ, ଦିଗମ୍ବର ଖଣ୍ଡା, ଅପୂର୍ବ ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ରାଧକାନ୍ତ ନାୟକ, ଗୋଲଖ ମାନସିଂହ, ଦୟାନିଧି ଖଣ୍ଡା, ଫକୀର ଚନ୍ଦ୍ର ଖଣ୍ଡା, ଉମାକାନ୍ତ ନାୟକ, ଦିଗାମ୍ବର ଦଣ୍ଡପାଟ, ଜୟନ୍ତୀ ସିଂହ ଓ ରମେଶ ଚନ୍ଦ୍ର ଖଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଫେସର କେ.ସି ପାତ୍ରଙ୍କୁ ଆଇଏସ୍‌ଏଚ୍ ଆୱାର୍ଡ଼

**ଭୁବନେଶ୍ୱର,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ହାଇଡ୍ରଲିକ୍ସ ଓ ଜଳସମ୍ପଦ ଇଂଜିନିୟରିଂ କ୍ଷେତ୍ରରେ, ଶିକ୍ଷାଦାନ, ଉଚ୍ଚତର ଗବେଷଣା ଓ ବୈଜ୍ଞାନିକ ଦକ୍ଷତା ପାଇଁ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲାର ଅବସରପ୍ରାପ୍ତ ପ୍ରାଧ୍ୟାପକ, ପ୍ରଫେସର କାହ୍ନୁଚରଣ ପାତ୍ରଙ୍କୁ ଇଣ୍ଡିଆନ୍ ସୋସାଇଟି ଫର୍ ହାଇଡ୍ରଲିକ୍ସ ତରଫରୁ ଜୀବନବ୍ୟାପୀ ସାଧନା ପୁରସ୍କାର- ୨୦୨୫ରେ ସମ୍ମାନିତ କରାଯାଇଛି । ନିକଟରେ ଏନ୍‌ଆଇଟି ରାଉରକେଲାରେ 'ହାଇଡ୍ରଲିକ୍ସ, ୱାଟର୍ ରିସୋର୍ସେସ୍, ରିଭର୍ ଆଣ୍ଡ୍ କୋଷ୍ଟାଲ ଇଂଜିନିୟରିଂ' କ୍ଷେତ୍ରରେ ଅନୁଷ୍ଠିତ ଆନ୍ତର୍ଜାତିକ କର୍ମଶାଳାରେ, ପ୍ରଫେସର ପାତ୍ର, ଓଡ଼ିଶାର ଡେଭଲପମେଣ୍ଟ କମିଶନର, ଅନୁ ଗର୍ଗ, ଆଇଆଇଟି କାନପୁରର ପ୍ରଫେସର ଓ ଇ-ଗଙ୍ଗା ପ୍ରକଳ୍ପର ମୁଖ୍ୟ, ପ୍ରଫେସର ବିନୋଦ ଟାରେ ଓ ଆଇଏସ୍‌ଏଚ୍‌ର ପ୍ରେସିଡେଣ୍ଟ ପ୍ରଫେସର ପି.ଏଲ୍ ପଟେଲଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଦୀର୍ଘ ୪୩ ବର୍ଷ ଧରି ଶିକ୍ଷାଦାନ ଓ ଗବେଷଣାରେ ନିମଗ୍ନ, ପ୍ରଫେସର ପାତ୍ର ଏପର୍ଯ୍ୟନ୍ତ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ସହିତ ୨୦ରୁ ଉର୍ଦ୍ଧ୍ୱ ଜାତୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ଲାଭ କରିଛନ୍ତି । ୨୮୦ରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ କରିଥିବା ଓ ୨୨ ଖଣ୍ଡ ପୁସ୍ତକର ରଚୟିତା, ପ୍ରଫେସର ପାତ୍ର ବିଭିନ୍ନ ପ୍ରଫେସନାଲ ସଂଗଠନ ଓ ଅନୁଷ୍ଠାନ ସହ ସମ୍ପୃକ୍ତ ଅଛନ୍ତି । ତାଙ୍କର ଏହି ପୁରସ୍କାର ପ୍ରାପ୍ତି ପାଇଁ ତାଙ୍କୁ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ, ପ୍ରଫେସର କେ ଉମାମହେଶ୍ୱର ରାଓ, ଏସ୍‌ଓଏର ପ୍ରତିଷ୍ଠାତା ସଭାପତି, ପ୍ରଫେସର ମନୋଜରଂଜନ ନାୟକ, ଆଇଏସ୍‌ଟିଇ ଓଡ଼ିଶା ଶାଖାର ସଭାପତି, ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଓ ଏନ୍‌ଆଇଟି ରାଉରକେଲାର ପ୍ରଫେସରମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### ଗହୀରମଥାରୁ ଗିଲନେଟର ଜବତ

## ୧୭ ମତ୍ସ୍ୟଜୀବି ଜେଲ୍‌ରେ

**ରାଜନଗର,୨୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୂଳା ନିକଟରୁ କିଛି ଦୂରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଶିବାନୀ-୨ ନାମକ ଗିଲନେଟରକୁ ଜବତ କରିଥିଲେ । ତା'ମଧ୍ୟରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ତିନୋଟି ଗିଲନେଟ (ଜାଲ) ଓ ୧୩କ୍ୟୁଣ୍ଟାଲ ୫୦କେଜି ମାଛକୁ ଜବତ କରିବା ସହ ୧୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି । ଗିରଫ ମତ୍ସ୍ୟଜୀବିମାନେ ହେଲେ ଭୀମସେନ ମାଇତି, ପ୍ରତାପ ସିଂ, ଶିବୁ ମାନ୍ନା, ଚନ୍ଦନ ଦାସ, ଶମ୍ଭୁ ଭୂୟାଁ, ରାମ ଖିଲାର, ତପନ ବିଶ୍ୱାସ, ତୁଷାର ସରକାର, ବଳରାମ ମାଇତି, ବରୁଣ ସର୍ଦ୍ଦାର, ଅଶୋକ ମଣ୍ଡଳ, ଶୁଶାନ୍ତ ମଳିକ, ଅମ୍ବାଇ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଛୋଟରାଏ ସୋରେନ, ଶୁଶାନ୍ତ ଦାସ, ବାପି ଗିରି । ଗିରଫ ମତ୍ସ୍ୟଜିବୀ ଭଦ୍ରକ, ମୟୁରଭଂଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡା, ପଶ୍ଚିମବଙ୍ଗର ପୂର୍ବମେଦିନିପୁର ଓ ଉତର ଚବିଶପ୍ରଗଣା ଅଂଚଳର । ସେମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଞ୍ଜୁର ହେବାରୁ ମତ୍ସ୍ୟଜୀବିଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ସାଇଶ୍ରୀ ପ୍ରିୟଦର୍ଶିନୀ 'ପ୍ରୟାସ ହିଡ଼େନ୍ ଟାଲେଣ୍ଟ' ଚାମ୍ପିଅନ୍

**ଭୁବନେଶ୍ୱର,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରୟାସ ଆନୁକୁଲ୍ୟରେ ତିନିଦିନ ବ୍ୟାପୀ ଚାଲିଥିବା 'ପ୍ରୟାସ ହିଡ଼େନ୍ ଟାଲେଣ୍ଟ୍ ସିଜିନ୍-୬' ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଏକାମ୍ର ହାଟ ପରିସରରେ ଆୟୋଜିତ ଏହି ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାକୁ ଆଧାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବରିଷ୍ଠ ବିଜେପି ନେତା ଗୋଲକ ପ୍ରସାଦ ମହାପାତ୍ର, ସଜ୍ଜନ ଶର୍ମା ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସାଧାରଣ ଜ୍ଞାନ, ବକ୍ତୃତା, ରଚନା ଲିଖନ, ଡ୍ରଇଂ, ଫ୍ୟାସନ ସୋ, ଡ୍ୟାନ୍ସ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିଗଣ ପୁଷ୍ପଗୁଚ୍ଛ, ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ମଦର୍ସ ପବ୍ଲିକ୍ ସ୍କୁଲ୍ ୟୁନିଟ୍-୧ର ପଞ୍ଚମ ଶ୍ରେଣୀ ଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ଚାରୋଟି ବିଭାଗରେ କୃତିତ୍ୱ ଅର୍ଜନ କରିବା ସହ ପ୍ରୟାସ ହିଡ଼େନ୍ ଟାଲେଣ୍ଟ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲେ । ଚାରୋଟି ବର୍ଗରେ ବିଭକ୍ତ କରାଯାଇ ଏଲ୍‌କେଜିରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଶେଷରେ ଗ୍ରୁପ୍ ଡ୍ୟାନ୍ସ ଓ ମମ୍ ସ୍ପେଶାଲ କାଟେଗୋରିରେ ମା'ମାନେ ଫ୍ୟାସନ ସୋ ଓ ଡ୍ୟାନ ପ୍ରଦର୍ଶନ କରିଥିଲେ । ଚଳିତବର୍ଷର ଏହି ଏହି ହିଡ଼େନ୍ ଟାଲେଣ୍ଟକୁ 'ପ୍ରୟାସ'ର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, କମଳ ମହାନ୍ତି, ଜସ୍ମିନ ମହାନ୍ତି, କୌଶିକ ମହାନ୍ତି, ମମତା ମହାନ୍ତି, ବୃନ୍ଦାବନ ପଡ଼ିହାରି, ସୁରେଶ ପତ୍ରି ପ୍ରମୁଖ ପରିଚାଳନା କରିଥିବା ପ୍ରୟାସ ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି କହିଛନ୍ତି । ସୋନାଲି ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁଭିଲା ସ୍ୱାସ୍ଥ୍ୟର ବୈଶ୍ୱିକ ସ୍ୱର



- ⇨ ଦେଶ-ବିଦେଶରୁ ଯୋଗଦେଲେ ୪୫୦ରୁ ଅଧିକ ଡେଲିଗେଟ୍
- ⇨ ୨୩ ବୈଜ୍ଞାନିକ ଅଧିବେଶନ, ୬୯ ମୌଖିକ ସନ୍ଦର୍ଭ ଓ ୨୪ ପୋଷ୍ଟର ଉପସ୍ଥାପନ
- ⇨ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ନିରନ୍ତର ବିକାଶ ଲକ୍ଷ୍ୟ ଓ ସାମଗ୍ରିକ ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା
- ⇨ ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ ଓ ପୁଣେସ୍ଥିତ ଏମକେଏସଏସଏସ ବିଟିଆଇଏନଇ କଲେଜ ମଧ୍ୟରେ ଏମଓୟୁ ସ୍ୱାକ୍ଷର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ମଧ୍ୟରେ ସ୍ଥାନିତ ସାମଗ୍ରିକ ସ୍ୱାସ୍ଥ୍ୟକୁ ନେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ ଦିଗବଳୟ-୨୫ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହାକୁ ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ସହ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା । ଏହି ତିନିଦିନିଆ ସମ୍ମିଳନୀରେ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରାପ୍ତି ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ଏଥିରେ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମଆର) ଅନ୍ତର୍ଗତ ଜାତୀୟ ଇମ୍ୟୁନୋହିମାଟୋଲୋଜି ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରୋ. (ଡ.) କଞ୍ଚାକ୍ଷ ଘୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମିଳନୀରେ ଦେଶ ବିଦେଶରୁ ୪୫୦ରୁ ଅଧିକ ପଞ୍ଜୀକୃତ ଡେଲିଗେଟ୍ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଇଂଲଣ୍ଡ, ସ୍ୱିଡେନ୍, ବାଂଲାଦେଶ ଓ ନେପାଳ ସମେତ ଭାରତର ୧୦ରୁ ଅଧିକ ରାଜ୍ୟରୁ ଡେଲିଗେଟ୍ ସାମିଲ ଥିଲେ । ଖାଲି ସେତିକି ନୁହେଁ, ଏଥିରେ ୟୁକେର ୟୁନିଭର୍ସିଟି ଅଫ୍ ସାଉଥମ୍ପଟନ୍, ନେପାଳର ଫାର୍ ୱେଷ୍ଟର୍ନ ୟୁନିଭର୍ସିଟି, ସ୍ୱିଡେନର ମିଡ୍ ସ୍ୱିଡେନ୍ ୟୁନିଭର୍ସିଟି, ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନର ଓଡ଼ିଶା ଶାଖା, ଇଣ୍ଟରନ୍ୟାସନାଲ କମିଶନ ଅନ୍ ଅକ୍ୟୁପେସନ୍ ହେଲଥ (ଆଇସିଓଏଚ୍) ଏବଂ ଆଇସିଏସ୍‌ଏସ୍‌ଆର୍ ଭଳି ୧୫ରୁ ଅଧିକ ଜାତୀୟ, ଅନ୍ତର୍ଜାତୀୟ ତଥା ବୈଷୟିକ ଶିକ୍ଷାନୁଷ୍ଠାନ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀକୁ ଭାରତୀୟ ନର୍ସିଂ ପରିଷଦ (ଆଇଏନସି) ତଥା ଓଡ଼ିଶା ନର୍ସ ଏବଂ ମିଡୱାଇଫ୍ ପଞ୍ଜୀକରଣ ପରିଷଦ (ଓଏନଏମଆରସି) ପକ୍ଷରୁ ସମ୍ମାନଜନକ ୩ କ୍ରେଡିଟ୍ (୧୫ ସିଏନଇ) ମାନ୍ୟତା ମିଳିଛି । ଏହି ଅବସରରେ ମହାରାଷ୍ଟ୍ର ପୁଣେସ୍ଥିତ ମହର୍ଷି କର୍ଭେ ସ୍ତ୍ରୀ ଶିକ୍ଷଣ ସଂସ୍ଥାର ବାଇ ଠାକୁର ନର୍ସିଂ ଇନଷ୍ଟିଚ୍ୟୁଟ୍ ଅଫ୍ ଏଡୁକେସନ୍ ଏବଂ ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା । ଏଥିରେ ୨୩ଟି ବୈଜ୍ଞାନିକ ଅଧିବେଶନ, ୬୯ଟି ମୌଖିକ ସନ୍ଦର୍ଭ ସାଙ୍ଗକୁ ୨୪ଟି ପୋଷ୍ଟର ଉପସ୍ଥାପନ କରାଯାଇଥିଲା । ଉଦଯାପନୀ ଦିବସରେ କଟକ-ବାରବାଟି ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରୋ. (ଡ.) ତେଜପ୍ରତାପ ତଥା କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରୋ. (ଡ.) ଅନିଲ ଶର୍ମା ଉଦଘାଟନ ଦିବସରେ ଅଧକ୍ଷତା କରିଥିଲେ । ଏଥିରେ ଡ. ଜୟନ୍ତ ପଣ୍ଡା, ଡ. ଶ୍ୟାମ ପିଙ୍ଗଲେ, ପ୍ରୋ. (ଡ.) ସାବୁ ଏସ୍. ପଦ୍ମଦାସ, ଡ. କେ. ମଦନଗୋପାଳ ଏବଂ ଡ. ଅନିମେଷ ବିଶ୍ୱାସ ବିଶେଷ ବକ୍ତା ରୂପେ ଯୋଗ ଦେଇଥିଲେ । ବିଭିନ୍ନ ସାଧାରଣ ଅଧିବେଶନରେ ଡ. ଦିବ୍ୟାଙ୍ଗ ଶାହ, ଡ. ସବ୍ରତ ଘୋଷ, ଡ. ଗୁରୁପ୍ରସାଦ, ଡ. କୃଷ୍ଣେନ୍ଦୁ ମୁଖୋପାଧ୍ୟାୟ, ଡ. ରାଜଶ୍ରୀ ଆର୍ ଏବଂ ଡ. ଏନ୍. ଶିବା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ବୈଶିଙ୍ଗା ଲ୍ୟାମ୍ପସରେ ଧାନ ମଣ୍ଡି



**ବୈଶିଙ୍ଗା,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ସ୍ଥିତ ବହୁମୁଖୀ ସମବାୟ ସମିତି ଲ୍ୟାମ୍ପ୍ସ ପକ୍ଷରୁ ଧାନ କ୍ରୟ ଉଦ୍ଦେଶ୍ୟରେ ମଣ୍ଡି ଖୋଲିଛି । ଏହି ଅବସରରେ ଶୁକ୍ରବାର ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଡିଆରସିଏସ୍ ଅଶୋକ କୁମାର ପାଣି, ସିନିଅର ଏଆରସିଏସ୍ ତୁଷାର କାନ୍ତି ମହାନ୍ତି, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଇଶ୍ୱର ଚନ୍ଦ୍ର ରଣା, ସମବାୟ ସମିତି ସଭାପତି ଶତୃଘ୍ନ ସିଂ, ପରିଚାଳନା ନିର୍ଦ୍ଦେଶକ ଶାନ୍ତାଗୌରା ପରିଡ଼ା, ଯୋଗାଣ ନିରୀକ୍ଷକ ଅଶୋକ ବେହେରା, ପରିଚାଳନା କମିଟିର ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚତୁର୍ଭୁଜ ପୁଷ୍ଟିଙ୍କ ସହିତ ଭାଗବତ ମହାନ୍ତ, ପ୍ରଫୁଲ୍ଲ ଦାସ, ଅବନ୍ତି ପ୍ରଧାନ ପ୍ରମୁଖ ଚାଷୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ତେବେ ଚଳିତବର୍ଷ ଏଯାଏ ୩୬୪୭ ଜଣ ଚାଷୀ ଏହି ସମବାୟ ସମିତିରେ ଅନଲାଇନ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ଖରିଫ ଚାଷୀ ମାନଙ୍କ ଠାରୁ ମୋଟ୍ ୯୧ କୁଇଣ୍ଟାଲ ଧାନ ଏହି ମଣ୍ଡିରେ କିଣା ଯାଇଥିବା ସୂଚନା ମିଳିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୯ ଡିସେମ୍ବର ୨୦୨୫ ● ସୋମବାର


## ବିଭିନ୍ନ ସ୍ଥାନରେ କଂଗ୍ରେସର ପ୍ରତିଷ୍ଠା ଦିବସ

**ଜଗତସିଂହପୁର:** ଆଜି ବିଶ୍ୱର ସର୍ବପୁରାତନ ରାଜନୈତିକ ଦଳ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ପ୍ରଥମେ ଯୋଗଧାରୀ




ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଦ୍ୱାରା ଜାତୀୟ କଂଗ୍ରେସର ପତାକା ଉତ୍ତୋଳନ କରାଯାଇଥିଲା ଏବଂ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପରେ ଟାଉନ ହଲଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ କଂଗ୍ରେସ କର୍ମୀମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ ଏବଂ ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ନାୟକଙ୍କ ସୂଚନା ମୁତାବକ ଜିଲ୍ଲାର ସମସ୍ତ ବ୍ଲକ ଓ ମୁନିସିପାଲିଟି ଅଞ୍ଚଳରେ ମଧ୍ୟ ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା ।

ଜିଲ୍ଲା କଂଗ୍ରେସର ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ମୁନା ଖାନ, ସେକ୍ ହିଦାୟତ ଅଲ୍ଲୀ, ପ୍ରିତମ ପରିଜା, ସୋରୂପ କାନୁନଗୋ, ଲକ୍ଷ୍ମୀଧର ମଲ୍ଲିକ, ମନୋଜ କୁମାର ଦାଶ, ତ୍ରିଲୋଚନ ସ୍ୱାଇଁ, ହିମାଂଶୁ ପରିଡା, ବିଭୂତି ଭୂଷଣ ସ୍ୱାଇଁ, ଅଭିଷେକ ବଳ, ବିଶ୍ୱଜିତ ସାହୁ, ସୁଜିତ ନାଥ, ସୌମ୍ୟରଞ୍ଜନ ସାହୁ, ସଦାନନ୍ଦ ମହାନ୍ତି, ଗଜେନ୍ଦ୍ର ନାୟକ, ଧନେଶ୍ୱର ନାୟକ, ଦେବ ପ୍ରସାଦ ମହାପାତ୍ର, ପ୍ରତ୍ୟୁଷ ନାୟକ, ଦେବନ୍ଦ୍ର ଦାଶ, ରୋହନ ନାୟକ, ବିଶ୍ୱଜିତ ସେଠୀ, ଦିଲ୍ଲିପ ମାହାର, ସଞ୍ଜୟ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ଅଞ୍ଜନ ଭୋଇ ପ୍ରମୁଖ ଯୋଗଦେଇଥିଲେ ।

**ବୁଗୁଡ଼ା:** ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବୁଗୁଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜାନକୀ ବଲ୍ଲଭ ରାଉତ, ନଗର କଂଗ୍ରେସ ସଭାପତି ମାନସ ରଞ୍ଜନ ଦାଶ, ସୁବ୍ରତ କୁମାର ପଟ୍ଟନାୟକ, ବ୍ଲକ କଂଗ୍ରେସ ଶଙ୍କର୍ଷଣ ବେହେରା ପ୍ରମୁଖଙ୍କ ସମେତ କେତେକ ଦଳୀୟ କର୍ମୀ ଉପସ୍ଥିତ ରହି ଦଳର ସାଂଗଠନିକ ଅଭିବୃଦ୍ଧି ସମ୍ପର୍କେ ଆଲୋଚନା କରିଥିଲେ ।

**ରାଜନଗର:** ରାଜନଗର ନିର୍ବାଚନମଣ୍ଡଳୀ ତରଫରୁ ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ମା ମାଟିଆ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବିଧାନସଭା ପାର୍ଥି ଅଶୋକ କୁମାର



ପ୍ରତିହାରୀଙ୍କ ନେତୃତ୍ୱରେ ଉତ୍ସବ ପାଳିତ ହୋଇଛି । ଏଥିରେ କଂଗ୍ରେସ ନେତା ପ୍ରମୋଦ ସ୍ୱାଇଁ, ବିଚିତ୍ର ନାୟକ, ଗୌରାଙ୍ଗ ମହାରଣା, ହେମନ୍ତ ମିଶ୍ର, ବୀରକିଶୋର ସ୍ୱାଇଁ, ଧୀରେନ୍ଦ୍ର ମହାକୁଡ଼, ସଞ୍ଜୟ ପତି, କଳ୍ପତରୁ ସ୍ୱାଇଁ, ଉପେନ୍ଦ୍ର ସ୍ୱାଇଁ, ଲକ୍ଷ୍ମଣ ସାହୁ, ବନମାଳୀ ପ୍ରଧାନ, ବୈଦ୍ୟନାଥ ରାଉତ, ନିରଞ୍ଜନ ମହାରଣା, ପ୍ରମୋଦ ରାଉତ, ପ୍ରଦୀପ ରାଉତ, ପଞ୍ଚାନନ ପ୍ରଧାନ, ଭାସ୍କର ପ୍ରଧାନ, ସତ୍ୟ ରାଉତ, ଦେବପ୍ରସାଦ ପାଣି, ବ୍ରହ୍ମାନନ୍ଦ ସେଠି, ରୋହିତ ରାଉତ ଯୋଗ ଦେଇ କଂଗ୍ରେସର ଦେଶ ପାଇଁ ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ କଂଗ୍ରେସ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

**ଯାଜପୁର:** ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଜିଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ସଭାପତିତ୍ୱରେ ରବିବାର ଦିନ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ । ପରେ ଗାନ୍ଧୀ



ଛକ ଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରାଯାଇଥିଲା । ପ୍ରତିଷ୍ଠା ଦିବସରେ ସନ୍ତୋଷ କୁମାର ନନ୍ଦ, ଦିଲିପ କୁମାର ଦାଶ, ଗୋବିନ୍ଦ ସାହୁ, କନକଲତା ରାଉତ, ରଘୁନାଥ ସାହୁ, ବିଦ୍ୟାଧର ବାରିକ, ନିକୁଂଜ ସାମଲ,ସନ୍ତୋଷ ସାହୁ, ଅରଜିତ ନାୟକ, ଅବଦୁଲ ରୌଫ, ଆଲତାବ ହୁସେନ, ଅବତାର ହୁସେନ ଖାନ, ଅବଦୁଲ ସଲିମ, ଅବଦୁଲ ହଲିମ, ଅକ୍ଷୟ ଶତପଥୀ, ମାନସ ପଣ୍ଡା, ବିଜୟ ମହାପାତ୍ର, ବିଭୂତି ମହାପାତ୍ର, ହୃଷିକେଶ ପତି ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେନରୁ ପଡ଼ି ଯୁବକ ଗୁରୁତର

**ଢେଙ୍କାନାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ରେଳଷ୍ଟେସନ ନିକଟରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ଝାଡ଼ଖଣ୍ଡର ରବି କୁମାର ମୁଣ୍ଡା ବୋଲି ଜଣାଯାଇଛି । ରାତିରେ କୌଣସି ଏକ ଟ୍ରେନ୍‌ରୁ ସେ ଢେଙ୍କାନାଳ ରେଳ ଷ୍ଟେସନଠାରୁ ଦୁଇ କିମି ଦୂରରେ ଖସି ପଡ଼ିଥିଲେ । ଖବର ପାଇ ରେଳବାଇ ପୁଲିସ୍ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ତାଙ୍କର ଦୁଇ ଗୋଡ଼ କଟି ଯାଇଥିବା ବେଳେ ମୁଣ୍ଡ, ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ସେ କେଉଁ ଆଡ଼େ ଯାଇଥିଲେ, କିଭଳି ଟ୍ରେନ୍‌ରୁ ଖସି ପଡ଼ିଲେ ଜଣାପଡ଼ିନି । ବଗିର ପ୍ରବେଶ ପଥରେ ବସିଥିବା ବେଳେ ଖସି ପଡ଼ିଥିବା ଜିଆରପି ଅନୁମାନ କରୁଛି ।

## ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଗୁଣର ବିକାଶ ଜରୁରୀ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ସମସ୍ତ ପାଖରେ କିଛି ନା କିଛି ଲୁକ୍କାୟିତ ଗୁଣ ବା ପ୍ରତିଭା ରହିଛି । ତେଣୁ ପାଠ ପଢ଼ା ସହିତ ଏହି ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଲେ, ଆମେ ଜୀବନରେ ସଫଳ ହୋଇ ପାରିବ ବୋଲି ତେଲକୋଇ ବ୍ଲକର ସିରିଗିଡାଠାରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠପଢିବା । କେବଳ ପାଠ ପଢିଲେ ହେବ ନାହିଁ । ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ । ଟେକ୍ନୋଲୋଜି ସହ ତାଳ ଦେଇ ଅପଡେଟ୍ ରହିବା କଥା । ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ଅନ୍ତର୍ନିହିତ ପ୍ରତିଭା ଏବଂ ଦକ୍ଷତା ଲୁଚି ରହିଛି । ସେହି ଅନ୍ତର୍ନିହିତ ପ୍ରତିଭାର ବିକାଶ



କଲେ ସଫଳତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜାତୀୟ ଶିକ୍ଷା ନୀତି-୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା । ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ଲୁକ୍କାୟିତ ହୋଇ ରହିଛି । ସେସବୁ ପରିସ୍ଫୁଟିତ ହେବା ଦରକାର ଏବଂ ଏଥିପାଇଁ ସେମାନଙ୍କୁ ଯଦି ସଠିକ ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦିଆଯାଏ, ତେବେ ସେମାନେ ନିଜର ତଥା ସମାଜର ମଙ୍ଗଳ କରିପାରିବେ । ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଛନ୍ତି । ଚଳିତ ବଜେଟରେ ଆମ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଆପଣ ଜାଣି ଖୁସି ହେବେ ଯେ, ଚଳିତ ବଜେଟର ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି । ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି । ଓଡିଶାରେ ମଧ୍ୟ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ, ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହଭାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ଜିଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ମହାନ୍ତ, ସମ୍ପାଦକ କୈଳାସ ଚନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ ଉପସ୍ଥିତ ରହିଥିଲେ ।



ଚଳଚ୍ଚିତ୍ର ପ୍ରଯୋଜକ ତଥା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ମୋହନ ସାହୁଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଓଡିଶା ଏକ୍ସପ୍ରେସ ସମ୍ପାଦକ ଅମ୍ବିକା ପ୍ରସାଦ ଦାସ ଓ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର କୃତ୍ତିବାସ ପରିଡ଼ା ।

## କଂଗ୍ରେସ ପ୍ରତିଷ୍ଠା ଦିବସରେ ସଫେଇ ଅଭିଯାନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର, ୟୁନିଟ୍-୨, ପଟେଲ ବସ୍ତିଠାରେ ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍ୱଚ୍ଛ ଭାରତ ଅଭିଯାନର ପ୍ରକୃତ ନାୟକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଏବଂ ପଟେଲ ନଗର ଯୁବ ଗୋଷ୍ଠୀ ଶ୍ରମଦାନ କରିଥିଲେ । ସଫେଇ କାର୍ଯ୍ୟକ୍ରମର ସମାପନ ପରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ଓ ପଟେଲ ନଗର ବାସିନ୍ଦାଙ୍କୁ ସମ୍ବୋଧିତ କରି ଶ୍ରୀ ଜେନା କହିଥିଲେ, ଜନସାଧାରଣଙ୍କ ଯେ କୌଣସି ସମସ୍ୟା ପାଇଁ କଂଗ୍ରେସ ଲଢ଼ିବାକୁ ପ୍ରସ୍ତୁତ । କାରଣ କଂଗ୍ରେସ ହେଉଛି ଗଣତନ୍ତ୍ର, ସମ୍ବିଧାନ ପାଳନ କରୁଥିବା ଓ ଗରିବ, ଶ୍ରମିକ, କୃଷକ ଏବଂ ଅସହାୟଙ୍କ ପାଇଁ ଛିଡା ହେଉଥିବା ଦଳ । ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ଓ ଅର୍ଥନୈତିକ ପ୍ରଗତିର ସହର ରୂପେ ଗଢିବାକୁ କଂଗ୍ରେସ ବଦ୍ଧ ପରିକର । ଜିଲ୍ଲା କଂଗ୍ରେସର ସଫେଇ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ମିହିର ଆଚାର୍ଯ୍ୟ, ରାଜୁ ବାରିକ, ମନୋରଞ୍ଜନ ରାଉତ, ଧନେଶ୍ୱର ନାୟକ, ପ୍ରସନ୍ନ ଚମ୍ପତି, ବିନୁପାଣି, ବେଣୁ ଭୋଇ, ସୂର୍ଯ୍ୟକାନ୍ତ ଜେନା, ପ୍ରଭାତ ପ୍ରତାପ ସିଂ, ଜୟନ୍ତ ଭୋଇ, ଲୁଲୁ ଅହମ୍ମଦ ପ୍ରମୁଖ ଭାଗ ନେଇଥିଲେ ।



## ବିଜେପିର କାର୍ଯ୍ୟକର୍ତ୍ତା ବୈଠକ




**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ ତମ୍ପାଲୋ ପଂଚାୟତରେ ପୁର୍ବତନମନ୍ତ୍ରୀ ତଥା ଭାଜପାର ମୁଖପାତ୍ର ସମୀର ରଂଜନ ଦାଶଙ୍କ ନେତୃତ୍ୱରେ ଏକ କାର୍ଯ୍ୟକର୍ତ୍ତା ବୈଠକ ଆଜି ଚନ୍ଦ୍ରମଉଳି ନିକଟସ୍ଥ ସଦାଦାସ ବାବାଜୀ ତୋଟାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ସମିତିସଭ୍ୟ ସ୍ୱପ୍ନେଶ୍ୱର ଲେଙ୍କା, ପୂର୍ବତନ ସରପଂଚ ଅଭିମନ୍ୟୁ ପଣ୍ଡା,ଉକ୍ତ ପଂଚାୟତ ସରପଂଚଙ୍କ ପ୍ରତିନିଧି ରଚିତାନନ୍ଦ ଖଟୋଇ, ଯୁବନେତା ଅଶୋକ ସାହୁ, ମନ୍ଦୀପ ପାଇକରାୟଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ସକ୍ରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଏହି ବୈଠକରେ ସର୍ବସମ୍ମତୀ କ୍ରମେ ଏକ ୧୫ଜଣିଆ କମିଟି ଗଠନ କରାଯିବା ସହିତ କମିଟିର ଆବାହକ ଭାବେ ଲିଙ୍ଗରାଜ ପଣ୍ଡା, ବିକେଇ ଚରଣ ସାହୁ, ବଟକୃଷ୍ଣ ରାଉତ ଓ ସତ୍ୟବ୍ରତ ବେହେରାଙ୍କୁ ମନୋନୀତ କରାଯାଇଛି । ଆଗାମୀ ପଂଚାୟତ ନିର୍ବାଚନରେ ଉକ୍ତ ପଂଚାୟତରେ ଭାରତୀୟ ଜନତାପାର୍ଟୀର ଜିଲ୍ଲାପରିଷଦ ପାର୍ଥି, ସରପଂଚ ଓ ସମିତିସଭ୍ୟ ପାର୍ଥି ଯେପରି ବାଜିମାତ କରିବେ ଆଜି ଠାରୁ ସମସ୍ତ କର୍ମୀ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୂତ କରିବାକୁ ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ ।

## ୧୯୮୯ ବ୍ୟାଚର ପୁରାତନ ଛାତ୍ର ବନ୍ଧୁମିଳନ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୯ ମସିହା ବ୍ୟାଚ ପୁରାତନ ଛାତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ ମାର୍ଶାଘାଇ ରୟାଲ ଗାର୍ଡେନ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ଅରୁଣ କୁମାର ବେଉରା, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ମନୋରଞ୍ଜନ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂ ସୌମ୍ୟରଞ୍ଜନ ରଥ, ଜ୍ୟୋତିପ୍ରକାଶ ଦାସ, ସଂଗ୍ରାମ କେଶରୀ ସାମଲ, ଅବ୍ୟର୍ଥ ନାୟକ, ତପନ କୁମାର ସାହୁ, ସତ୍ୟନାରାୟଣ ନାୟକ, ପ୍ରଜ୍ଞା ପରମିତା କର, ସ୍ନେହଲତା ବେହେରା, ବ୍ୟଙ୍ଗ କବି ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପୁରାତନ ଛାତ୍ର କବିବାନ ମଣ୍ଡଳ, ସୁଜିତ କୁମାର ମାଇତି, ଆଇନଜୀବି ଶଙ୍କର୍ଷଣ ରାଉତ, ଅଧୀର ସାହୁ, ସାଗର ସମ୍ରାଟ ସାମଲ, ରତ୍ନାକର ସାହୁ, ଅରବିନ୍ଦ ପ୍ରଧାନ, ନିହାର ସ୍ୱାଇଁ, ଅରକ୍ଷିତ ମହାପାତ୍ର, ଦିଲ୍ଲିପ ନାୟକ, ସରୋଜ ଦାସ, ରଞ୍ଜନ ବେହେରା, ସୁନୀଲ ବେହେରା, କାର୍ତ୍ତିକ ବେହେରା, ନିର୍ମଳ ବେହେରା, ସ୍ମୃତିରଞ୍ଜନ ପାତ୍ର, ଅଧୀର ପ୍ରଧାନ, ପ୍ରଦୀପ୍ତ ନାୟକ, ପ୍ରଦୀପ ବେହେରା, ସୁଧାଂଶୁ ବେହେରା, ବିଭାସ ରଞ୍ଜନ ବେହେରା, ଅର୍ଜୁନ ରଥ, ପ୍ରକାଶ ବେହେରା, ନାରାୟଣ ସାହୁ, ଅନୁପମ ଚୌଧୁରୀ, ଦିଲ୍ଲିପ ଯେନା ପ୍ରମୁଖ ଯୋଗଦେଇଥିଲେ ।

## ପଞ୍ଚାୟତସ୍ତରୀୟ ବ୍ରାହ୍ମଣସଭା

**କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଲନଗର ସ୍ଥିତ ପ୍ରଭୁ ତ୍ରିନାଥ ମନ୍ଦିର ପରିସରରେ ପଣ୍ଡିତ ରାଜୀବ ଲୋଚନ ଦାଶଙ୍କ ସଭାପତିତ୍ୱରେ ଏକ ପଞ୍ଚାୟତ ସ୍ତରୀୟ ବ୍ରାହ୍ମଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବେଦପାଠ କରିଥିଲେ । କେନ୍ଦ୍ରାପଡା ବ୍ଲକର ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି । ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭାର ବରେଣ୍ୟ ସଂପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ପଣ୍ଡିତ ମିଶ୍ର ବ୍ରାହ୍ମଣ ସଭାର ଗଠନ ଓ ଆଭିମୁଖ୍ୟ ଉପରେ ବିଶଦଃ ଆଲୋକ ପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ କେନ୍ଦ୍ରପଡା ନଗର ବ୍ରାହ୍ମଣ ସଭାର ସଂପାଦକ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଯୋଗଦେଇ ସମାଜର ହିତ ପାଇଁ ବ୍ରାହ୍ମଣ ମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ସଂଯୋଜକ ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ନୂତନ ବର୍ଷ ୨୦୨୬ ଜାନୁୟାରୀ ୫ ତାରିଖରେ ଗୋପାଳଜୀୟୁ ମନ୍ଦିର ପରିସରରେ କେନ୍ଦ୍ରାପଡା ବ୍ଲକ ଓ କେନ୍ଦ୍ରାପଡା ନଗରର ବ୍ରାହ୍ମଣ ମାନଙ୍କର ଏକ ମିଳିତ ବୈଠକ ଅପରାହ୍ନ ୩ଘଟିକା ସମୟରେ ହେବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ଉକ୍ତ ସଭାରେ ପିତାମ୍ବର କର, ପ୍ରଶାନ୍ତ କର, ଅଭୟ ଦାଶ, ତପନ ଦାଶ, ଗୋବିନ୍ଦ ରଥ, ଭୁବନ ମୋହନ କର, ନୀଳମାଧବ ମିଶ୍ର, ଜିତେନ୍ଦ୍ର ଦାଶ, ଉପେନ୍ଦ୍ର ପତି ମନ୍ମଥ ଚକ୍ରବର୍ତ୍ତୀ, ରବିନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ଦାଶ, ରାଜବ କର ଯୋଗଦେଇଥିଲେ ।

## ଶୂନ୍ୟ ଦୁର୍ଘଟଣା ପାଇଁ ତନଖି



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଉପଖଣ୍ଡରେ ନୂଆବର୍ଷକୁ ଦୃଷ୍ଟିରେ ରଖି ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ ବାଙ୍କୀର ଜାତମୁଣ୍ଡିଆ ଏବଂ ଟି-ସେତୁ ଠାରେ ଗାଡିଗୁଡିକ ଯାଞ୍ଚ କରାଯାଇଛି । ଚାଳକମାନଙ୍କୁ ଡ୍ରାଇଭିଙ୍ଗ ଲାଇସେନ୍ସ, ହେଲମେଟ୍, ପ୍ରଦୂଷଣ ସାର୍ଟିଫିକେଟ ଇତ୍ୟାଦି ବିଷୟରେ ସଚେତନ କରାଯାଉଛି । ଏହି କାର୍ଯ୍ୟକ୍ରମରେ କଟକ ଆରଟିଓ ବିଶ୍ୱଜିତ୍ ଦାସ, ଏମଭିଆଇ ନିତ୍ୟାନନ୍ଦ ମିଶ୍ର ଏବଂ ପୋଲିସ୍ ଉପସ୍ଥିତ ଥିଲେ ।

## କଳାରତ୍ନ ସମ୍ମାନ ପାଇଲେ ୪୦୦ କଳାକାର

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଜୟଦେବ ନିର୍ବାଚନ ମଣ୍ଡଳୀ ବାଲକାଟିସ୍ଥିତ ଅନନ୍ୟା କଲ୍ୟାଣ ମଣ୍ଡପରେ ଶିବାସଂମ୍ପୂର୍ଣ୍ଣା ଫାଉଣ୍ଡେସନ୍ ତରଫରୁ 'ଜୟଦେବ କଳାରତ୍ନ ସମ୍ମାନ-୨୦୨୫' ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ସଭାପତି ଝିଲି ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ମୁଖ୍ୟଅତିଥି, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବର ପରିଶେଷରେ ଶିବାସଂମ୍ପୂର୍ଣ୍ଣା ଫାଉଣ୍ଡେସନ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସାମନ୍ତରାୟ ସମସ୍ତ କଳାକାର ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ବରିଷ୍ଠ ନେତା



ଜଗନ୍ନାଥ ବେହେରା, ପବିତ୍ର କୁମାର ଭୋଇ, ସଞ୍ଜୟ କୁମାର ତ୍ରିପାଠୀ, ମନୋଜ କୁମାର ସାହୁ, ତ୍ରିନାଥ ଚନ୍ଦ୍ର ସାହୁ, ଅଜିତ କୁମାର ବେହେରା ସହଯୋଗ କରିଥିଲେ । ପରେ ପରେ ସମଗ୍ର ନିର୍ବାଚନ ମଣ୍ଡଳୀରୁ ଆସିଥିବା ଶତାଧିକ ସଙ୍କୀର୍ତ୍ତନ କଳାକାର, ଗୋଟିପୁଅ କଳାକାର, ପାଲା କଳାକାର, ସମାଜସେବୀ ତଥା ବରିଷ୍ଠ ନାଗରିକ ଓ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବୈବର୍ତ୍ତ ଛାତ୍ର ବିଜେଡି ଉପସଭାପତି

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଛାତ୍ର ଜନତାଦଳର ୧୪୫ଜଣିଆ ଟିମ୍ ବିଦ୍ଧିବଧ ଭାବେ ଘୋଷଣା କରାଯାଇଛି । ରାଜ୍ୟ ବିଜୁ ଛାତ୍ର ଜନତାଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ଟିମରେ ବୈବର୍ତ୍ତ ନାରାୟଣ ବିଶ୍ୱାଳ ରାଜନଗର ନିର୍ବାଚନ ମଣ୍ଡଳୀର ଯୁବନେତା ଉପସଭାପତି ଭାବେ ସ୍ଥାନ ପାଇଛନ୍ତି । ବୈବର୍ତ୍ତ ସଭାନେତ୍ରୀ ଇପ୍ସିତାଙ୍କ ସହ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଚିକିତ୍ସା ବିଜ୍ଞାନ ଓ ଶାସ୍ତ୍ର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ଚିକିତ୍ସା ବିଜ୍ଞାନ ଓ ଶାସ୍ତ୍ର ଅଭୁତ ପୂର୍ବ ବିକାଶ ହୋଇଛି । ପୂର୍ବ ଭାରତ ଚିକିତ୍ସା ଜଗତରେ ଓଡିଶା ବେଶ ଭଲ ସ୍ଥିତିରେ ରହିଛି । ଏହି କ୍ଷେତ୍ରରେ କାମ କରୁଥିବା ଡାକ୍ତର ଗୋଷ୍ଠି ପ୍ରତିଦିନ ସାମ୍ନାକୁ ଆସୁଥିବା ନୂଆ ନୂଆ ରୋଗର ଗବେଷଣା ସାଙ୍ଗକୁ ସଫଳ ଚିକିତ୍ସା କରି ଏହା ପବିତ୍ର ବୃତ୍ତିକୁ ଗୌରବାନ୍ୱିତ କରିଛନ୍ତି । ଏହାର ପ୍ରମାଣ ହେଉଛି ମହାମାରୀ କୋଭିଡ । ଦେଶରେ ଏହି ରୋଗରେ ମୃତାହତଙ୍କ ସଂଖ୍ୟା ସାରା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ବହୁତ କମ, ଏହାର ବଡ଼ ଶ୍ରେୟ ଡାକ୍ତର ଗୋଷ୍ଠିକୁ ଯାଉଛି ବୋଲି କହିଛନ୍ତି ରାଜ୍ୟ ସୂଚନା କମିଶନର ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ମହାନ୍ତି । ଓଡିଶା ଯୁବ ସାମ୍ବାଦିକ ସଙ୍ଘର ଷୋଡଶ ବାର୍ଷିକ ଉତ୍ସବ ତଥା ଓଡିଶା ସେବା ପ୍ରତିଭା, ଗୌରବ ସମାରୋହ ତୃତୀୟ ତଥା ଉଦଯାପନୀ ଅଧିବେଶନକୁ ଉଦ୍ଘାଟନ କରି ଆଲୋଚ୍ୟ ବିଷୟ 'ଚିକିତ୍ସା ବିଜ୍ଞାନ ଓ ଶାସ୍ତ୍ରର ବିକାଶରେ



ଗଣମାଧ୍ୟମର ଭୂମିକା' ଶୀର୍ଷକ ବିଷୟ ଉପରେ ଆଲୋକପାତ କରି ସେ ଏହା କହିଛନ୍ତି । ଉତ୍ସବରେ ବିଭିନ୍ନ ମୁଖ୍ୟ ଅତିଥି ଭାବରେ ସମାଜର ମୁଦ୍ରାକର ପ୍ରକାଶକ ରାଜେନ୍ଦ୍ର ନାରାୟଣ ଜେନା ଚିକିତ୍ସକ ଉପରେ ଏ ସମାଜର ରୋଗକ୍ଲିଷ୍ଟ ମଣିଷ ଆରୋଗ୍ୟ ହେବା ପାଇଁ ଯେଉଁ ଭରଷା ଓ ବିଶ୍ୱାସ ରଖିଛନ୍ତି ସେମାନେ ତାହାକୁ ହୃଦୟଙ୍ଗମ କରି ସମର୍ପଣ ଭାବରେ ସେବା କରନ୍ତୁ ବୋଲି କହିଥିଲେ । ଅନ୍ୟ ସଂମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମେୟର ସୁବାସ ଚନ୍ଦ୍ର ସିଂହ, ବିଶିଷ୍ଟ ୟୁରୋ ଲୋଜିଷ୍ଟ ପ୍ରଫେସର ଡାକ୍ତର ସମୀର ରଞ୍ଜନ ସ୍ୱାଇଁ ଏଇଭିଏଫ ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର କୁମାର ମହାନ୍ତି, ହୃଦୟରୋଗ ବିଶେଷଜ୍ଞ ଡାକ୍ତର ପ୍ରିୟଦର୍ଶୀ ତ୍ରିପାଠୀ, ମାଜିଲ୍ଲୋଫେସିଓ ସର୍ଜନ ଡାକ୍ତର ଜ୍ଞାନ ରଞ୍ଜନ ସାହୁ ଶିକ୍ଷାବିତ ତ୍ରିଦିବ ବେହେରା ଦୈନିକ ପ୍ରମେୟ ଡିଜିଏମ ବରିଷ୍ଠ ସାମ୍ବାଦିକ ମାନସ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱମତ ରଖିଥିଲେ ।

ଏହି ଉତ୍ସବ ତଥା ସଂମ୍ମାନ ସମାରୋହ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପଦ୍ୟୋଗୀ ତଥା ସଙ୍ଘର ପୃଷ୍ଠପୋଷକ ସୁନୀଲ ମୁରାରାକା ସଭାପତିତ୍ୱ କରିଥିଲେ । ଆରମ୍ଭରେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥି ପରିଚୟ ସ୍ୱାଗତ ଭାଷଣ ଦେବା ସହିତ ସଙ୍ଘ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ । ଏହି ଅବସରରେ ସୁନାମଧନ୍ୟ ହୃଦରୋଗ ବିଶେଷଜ୍ଞ ଡାକ୍ତର ଶୁଚିସ୍ମିତା ଭୂଇୟା, ଡାକ୍ତର ସଦାବ ଅଲ୍ଲୀ ବେଗ, ଡାକ୍ତର ସୋମ୍ୟଦୀପ୍ତ ମିଶ୍ର, ଡାକ୍ତର ଦୀପ୍ତିକାନ୍ତ ସାହୁଙ୍କୁ ଓଡିଶା ସେବା ପ୍ରତିଭା ସଂମ୍ମାନ, ଯୁବ ଆଇନଜୀବୀ ଓଡିଶା ଉଚ୍ଚ ନ୍ୟାୟାଳୟ ସରକାରୀ ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରା, ଲଳିତ ମହାରଣା, ରବୀନ୍ଦ୍ର କୁମାର ମିଶ୍ରଙ୍କୁ ଓଡିଶା ଆଇନ ପ୍ରତିଭା, ଡ଼ ରଞ୍ଜନ ବିଶ୍ୱାଳ, ବିଶ୍ୱ ରଞ୍ଜନ ସାହୁ, କଟକ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ପପୁ ପାତ୍ର ଓ ଟେଟ୍ରାହେଁଡ୍ରନ ଶିକ୍ଷା ପ୍ରତିଷ୍ଠାନକୁ ରକ୍ତଦାତା ଜୀବନଦାତା ସମ୍ମାନ, ବିଶିଷ୍ଟ ଶିକ୍ଷାବିତ ତଥା ବରିଷ୍ଠ ସାମ୍ବାଦିକ ଡ଼ ଅଭୟ ପତି ଙ୍କୁ ଓଡିଶା ଶିକ୍ଷା ପ୍ରତିଭା, ଅନିଲ କୁମାର ଦାସଙ୍କୁ ପ୍ରକୃତି ପ୍ରତିଭା, ସ୍ମୃତି ରଞ୍ଜନ ସେଠୀଙ୍କୁ ସାହିତ୍ୟ ପ୍ରତିଭା ଗୁରୁ ମୋନାଲିଶା ଓଝାଙ୍କୁ ସଂସ୍କୃତି ପ୍ରତିଭା ସାଇ ସୌରଭ ଜେନାଙ୍କୁ ବିଦ୍ୟା ପ୍ରତିଭା ସମ୍ମାନ ସହିତ ତିନିଜଣ ଯୁବ ସାମ୍ବାଦିକ ସକାଳ ପ୍ରତିନିଧି କୁମାର ଶ୍ରୀ ସାହୁ ଓଟିଭି ପ୍ରତିନିଧି ବିଶ୍ୱଜିତ ଆଚାର୍ଯ୍ୟ ଓ ଧରିତ୍ରୀ ଲାଇଭ ପ୍ରତିନିଧି ବିଶ୍ୱଜିତ ନାୟକଙ୍କୁ ଡାକ୍ତର ଗୋପାଳ ଚନ୍ଦ୍ର କର ମେମୋରିଆଲ ଯୁବ ସାମ୍ବାଦିକ ସମ୍ମାନ ସଙ୍ଘ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏଥି ସହିତ ସଙ୍ଘର ମୁଖପତ୍ର ଯୁବ ଜ୍ୟୋତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସଂଘ ସାମାଜିକ ସଂଗଠକ ବିଶ୍ୱଜିତ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହକୁ ପରିଚାଳନା କରିବାରେ ଡାକ୍ତର ଦୁର୍ଗା ଚରଣ ଦାଶ, ଉଲ୍ଲାସ ସେନ, ପାର୍ଥ ସାରଥୀ ସ୍ୱାଇଁ, ରଶ୍ମି ରଞ୍ଜନ ତ୍ରିପାଠୀ, ସୁନୀଲ ବେହେରା ବିଦିତା ସ୍ୱାଇଁ, ଦେବାଶିଷ ଦାସ ପଦ୍ମାଳୟା ବ୍ରହ୍ମଚାରୀ, ବିନୋଦ ଦାସ, ଗୋପାଳ ପୃଷ୍ଟି,ସୁଶାନ୍ତ ପାତ୍ର ସତ୍ୟ ପ୍ରସାଦ ବଳ ସାମନ୍ତ ପ୍ରମୁଖ ସହାୟତା କରିଥିଲେ ।

## ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୁବ ବିଜେଡି ରାଜ୍ୟ ଉପସଭାପତି

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**


ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପଦୋନ୍ନତି ପାଇ ନିଯୁକ୍ତ ହୋଇଛନ୍ତି । ଗତ ୨୦୨୦ରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା କେଉଁଝର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ବହୁ ଉପ ନିର୍ବାଚନରେ କାର୍ଯ୍ୟ ଦକ୍ଷତା ସହ ତ୍ରିସ୍ତରୀୟ ପଞ୍ଚାୟତ ତଥା ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଖାଡ଼ଙ୍ଗା ଜଣେ ଯୁବ ସଂଗଠକ ଭାବେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ଏବଂ କେଉଁଝର ସଂଗଠନ ସହ ବିଭିନ୍ନ



ଗଠନ ମୂଳକ ଓ ସାମାଜିକ କାର୍ଯ୍ୟକ୍ରମ କରୁଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାରେ ୫୦୦୦ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ, ୨ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ, ମାସ୍କ ବଣ୍ଟନ, ପ୍ରବାସୀ ଓଡ଼ିଆଙ୍କ ମୃତଦେହ ଓଡିଶାକୁ ଆଣିବା, ଗ୍ରାମ୍ୟ ମସାଣିର ସଫେଇ ଭଳି କାର୍ଯ୍ୟ କରି ସମାଜରେ ଆଦୃତ ହୋଇ ପାରିଛନ୍ତି । ଖାଡ଼ଙ୍ଗା ଜଣେ କ୍ରୀଡା ସଂଗଠକ ଭାବେ ବେଶ୍ ଜଣାଶୁଣା । ଏହି ପଦୋନ୍ନତି ପାଇଁ ଖାଡ଼ଙ୍ଗା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ ସାହୁ, ଯୁବ ବ୍ୟାପାରରେ ଥିବା ବରିଷ୍ଠ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇବା ସହ ଦଳର ସୁପ୍ରିମୋ ପୁଣି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପଦୋନ୍ନତି ଦେଇଥିବାରୁ ବହୁତ ଖୁସି ବ୍ୟକ୍ତ କରିଛନ୍ତି ।

## ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ

ହେଲ୍‌ଥ



ଟନିକ୍

ସେଦିନ କ୍ଲାସରେ ସାର୍ ପିଲାଙ୍କୁ ପଚାରିଲେ- ଆଚ୍ଛା କହିଲ ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ କ'ଣ ?

କ୍ଲାସଯାକର ପିଲା କେହି ଏହାର ଉତ୍ତର ଦେଇପାରିଲେ ନାହିଁ। କିନ୍ତୁ ତାଙ୍କରି ଭିତରେ ଥିବା ପପୁ ହାତ ଟେକିଲା।

ସାର ପଚାରିଲେ- ଆର ପପୁ ତୁ କହିପାରିବୁ ?

ପପୁ କହିଲା- ହଁ ସାର, ମୁଁ ଜାଣିଛି। ମୁଁ କହିପାରିବି।

ସାର୍ କହିଲେ- ତା'ହେଲେ କହ।

ପପୁ କହିଲା- ସାର୍, ଆମେ ଯେଉଁ ସ୍ୱରରେ କଥାବାର୍ତ୍ତା କରୁ ତାକୁ କୁହନ୍ତି ସ୍ୱର ବର୍ଣ୍ଣ। ଅର୍ଥାତ୍ ଆମ ମୁହଁରୁ ଯେଉଁସବୁ ଶବ୍ଦ ବାହାରେ ଏଥିରେ ଥିବା ଅକ୍ଷରଗୁଡ଼ିକ ହେଲା ସ୍ୱର ବର୍ଣ୍ଣ।

ସାର ପଚାରିଲେ- ଆଉ ବ୍ୟଞ୍ଜନ ବର୍ଣ୍ଣ ?

ପପୁ କହିଲା- ସାର୍, ରୋଷେଇରେ ବ୍ୟବହାର ହେଉଥବା ଶବ୍ଦଗୁଡ଼ିକ ବ୍ୟଞ୍ଜନବର୍ଣ୍ଣ। ଆପଣ ଦିନେ କହିଲେ ରୋଷେଇର ଅନ୍ୟନାମ ବ୍ୟଞ୍ଜନ ବୋଲି।

ପପୁର ଉତ୍ତର ଶୁଣିବା ପରଠାରୁ ସାର୍ କୋମାରେ।

# ଜିରୋ ନାଇଟ ସେଲିବ୍ରେସନ ପାଇଁ ପ୍ରସ୍ତୁତି ଜୋରଦାର

**କଟକ,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ମାତ୍ର ୩ ଦିନ ପରେ ବିଦାୟ ନେବ ୨୦୨୫ । ନୂତନ ଇଂରାଜୀ ବର୍ଷକୁ ଉତ୍ସାହର ସହ ସ୍ୱାଗତ କରାଯିବ । ଏଥିପାଇଁ "ଜିରୋ ନାଇଟ ସେଲିବ୍ରେସନ" ପାଳନ କରାଯିବ । ନାଚ ଓ ଗୀତ ସହ ଝୁମିବେ ଲୋକ। ଏଥିପାଇଁ ପ୍ରତିବର୍ଷ ଭଳି ଏଥର ମଧ୍ୟ କଟକ ସହରରେ ଥିବା ବିଭିନ୍ନ କ୍ଲବ ଏବଂ ହୋଟେଲ ଗୁଡ଼ିକରେ ସେଲିବ୍ରେସନ ଅଧିକ ରଂଗୀନ କରିବାକୁ ଯୋଜନା କରାଯାଇଥିବା ଜଣାପଡ଼ିଛି । କଟକ କ୍ଲବ, ୟୁନିଅନ କ୍ଲବ, ଓସିଏ କ୍ଲବରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିରୋ ନାଇଟ ସେଲିବ୍ରେସନ କରାଯିବ । ଏହାଛଡ଼ା ସହରର ନାମୀଦାମୀ ହୋଟେଲଗୁଡ଼ିକରେ ମଧ୍ୟ ଜିରୋ ନାଇଟ ସେଲିବ୍ରେସନ ପାଳନ କରାଯିବ । ଜିରୋ ନାଇଟରେ ବିଭିନ୍ନ ବଲିଉଡ୍ କଣ୍ଠଶିଳ୍ପୀଙ୍କ ଠାରୁ ଆରମ୍ଭ କରି ରସିଆନ ଡ୍ୟାନସର କଟକ ଆସିବେ । ସବୁଠି ଉତ୍ସାହର ମାହୋଲ ମଧ୍ୟରେ ନବବର୍ଷକୁ ସ୍ୱାଗତ କରାଯିବ । ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ସେଲିବ୍ରେସନ କରିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଲାଗି ରହିଛି ।

### ଝୁମାଇବେ ବଲିଉଡ ଏବଂ ଓଲିଉଡ କଳାକାର

କଟକ ସହରରେ ପ୍ରତିବର୍ଷ ଜିରୋ ନାଇଟ ଓ ନୂଆ ବର୍ଷକୁ ବେଶ ଧୁମଧାମରେ ପାଳନ କରାଯାଇଥାଏ । ବିଶେଷ କରି ଡିସେମ୍ବର ୩୧ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଜିରୋ ନାଇଟ ମଧ୍ୟରେ ନାଚଗୀତର ଆସର ଜମିଥାଏ। ଏଥିପାଇଁ ଚଳିତ ବର୍ଷ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ବାରବାଟୀ ଷ୍ଟାଡ଼ିୟମରେ ରଂଗାରଂଗ କାର୍ଯ୍ୟକ୍ରମ ସହ ଖାଇବା ପିଇବାର ଆସର ଜମିବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ କଣ୍ଠଶିଳ୍ପୀ ମଧୁବନ୍ତି ବାକଚୀ ଓ ଜାତୀୟ ସ୍ତରର ଲୋକପ୍ରିୟ କଣ୍ଠଶିଳ୍ପୀ ବୁଲେଟ ସେମାନଙ୍କ ସ୍ୱରର ଯାଦୁ ପରିବେଷଣ କରିବେ । ସେହିଭଳି ୟୁନିଅନ କ୍ଲବରେ ମଧ୍ୟ ନିଆରା ଢ଼ଙ୍ଗରେ ଜିରୋ ନାଇଟ ସେଲିବ୍ରେସନ ହେବ । ଚଳିତ ବର୍ଷ ରସିଆନ ଡ୍ୟାନସର ସେମାନଙ୍କ ନୃତ୍ୟର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିବେ । ସେମାନେ ଏରିୟଲ ଡ୍ୟାନସ ଦ୍ୱାରା ଦର୍ଶକଙ୍କୁ ଝୁମାଇବେ । ଏହାଛଡ଼ା କୋଲକତାର ଡ୍ୟାନସ ଗ୍ରୁପ ଓ ଡିଜେ ମଧ୍ୟ ଆସିବାର ଯୋଜନା ରହିଛି । କଟକ କ୍ଲବରେ ଚଳିତବର୍ଷ ନୂଆବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଡିସେମ୍ବର ୩୧ ତାରିଖ ସନ୍ଧ୍ୟାରେ ଓଲିଉଡ୍ କଳାକାର ଶୀତଲ ପାତ୍ର ଓ ସତ୍ୟବ୍ରତ ତ୍ରିପାଠୀ ସେମାନଙ୍କ କଳାର ଯାଦୁ ପ୍ରଦର୍ଶନ କରିବେ । ଏହାଛଡ଼ା ମୁମ୍ବାଇର କଣ୍ଠଶିଳ୍ପୀ ବିଶ୍ୱା ଓ ତାଙ୍କ ବ୍ୟାଣ୍ଡ ସଂଗୀତ ପରିବେଷଣ କରିବେ । ସେହିପରି କୋଲକତାର ଡ୍ୟାନସ ଗ୍ରୁପ ମଧ୍ୟ ସେମାନଙ୍କ ସଂଗୀତ ଓ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ବାଦାମବାଡ଼ି ସ୍ଥିତ ହୋଟେଲ ଶୀତଲରେ ମଧ୍ୟ ଖାଇବା ପିଇବା ସହିତ କଣ୍ଠଶିଳ୍ପୀ ଅଜିତ ସୁବୁଦ୍ଧିଙ୍କ ଦ୍ୱାରା ମ୍ୟୁଜିକାଲ ନାଇଟ ଅନୁଷ୍ଠିତ ହେବ । ଏହା ବ୍ୟତୀତ ସହରରେ ଥିବା ବିଭିନ୍ନ ହୋଟେଲରେ ସାଜସଜ୍ଜା କରାଯାଇ କ୍ୟାଣ୍ଡେଲ ଲାଇଟ ଡିନର ଓ ସ୍ପେଶାଲ ହାପି ନ୍ୟୁୟର ଡିସ ପ୍ରଦାନ କରାଯିବ । ଜିରୋ ନାଇଟ ସେଲିବ୍ରେସନ ପାଇଁ ବିଭିନ୍ନ କ୍ଲବ ଓ ହୋଟେଲରେ ଏବେ ଠାରୁ ଟିକେଟ ବୁକିଂ ଆରମ୍ଭ ହୋଇଯାଇଛି । ବିଭିନ୍ନ କ୍ଲବରେ ଟିକେଟର ମୂଲ୍ୟ ୫୦୦ ଟଙ୍କାରୁ ନେଇ ୨୦୦୦ଟଙ୍କା ମଧ୍ୟରେ ରହିଛି । ଅପର ପକ୍ଷରେ ସାଂଗ ସାଥୀଙ୍କୁ ନେଇ ଘର ପାଖରେ ଭୋଜିଭାତ ଓ କେକ କାଟିବାକୁ ଯୁବପିଢ଼ିମାନେ ଯୋଜନା ଚଳାଇଥିବା ଜଣାପଡ଼ିଛି।

# ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଚାମ୍ପିୟନ୍



**ବାଙ୍କୀ,୨୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ କଚେରୀ ପଡିଆ ଠାରେ ଚାଲିଥିବା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜକ ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଦ୍ୱାରା ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ଆଜି ଇଗଲ୍ ସ୍ପୋର୍ଟିଂ କ୍ଲବ ମେଣ୍ଢାଶାଳ ଓ ବାଙ୍କୀ ଅଥେଲେଟିକ୍ ଆସୋସିଏସନ୍ ମଧ୍ୟରେ ନିର୍ଣ୍ଣାୟକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ମେଣ୍ଢାଶାଳ ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୭ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ବିଜୟ ରନ୍‌ର ପିଛା କରି ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ୧୬ତମ ଓଭରରେ ୬ୱିକେଟ ହରାଇ ଏହି ମ୍ୟାଚ୍‌ଟିକୁ ଜିତି ଚଳିତ ବର୍ଷର ବିଜେତା ଘୋଷିତ ହୋଇଛି। ଫଳରେ ଉପବିଜେତା ଭାବେ ମେଣ୍ଢାଶାଳ ହୋଇଥିଲା। ଏହି ଅବସରରେ ଏକ ପୁରସ୍କାର ବିତରଣ ଉତ୍ସବ ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ତରଫରୁ ମ୍ୟାଚ୍ ଶେଷରେ ଅନୁଷ୍ଠାନ ସଂପାଦକ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଡକ୍ଟର ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉଭୟଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ଏବଂ କ୍ରୀଡାବିତ୍‌ମାନଙ୍କ ଭବିଷ୍ୟତକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ ମହୋତ୍ସବ ସାଧାରଣ ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ, କାଉନସିଲର ସନାତନ ବେହେରା, ସମାଜସେବୀ ଯୁଗୋଳ କିଶୋର ଭୂତ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ବାଙ୍କୀ ଆଥେଲେଟିକ୍ ଆସୋସିଏସନର ଉପସଭାପତି ବିବେକାନନ୍ଦ ସାମଲ, ବାଙ୍କୀ ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ୍ ବରଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡକ୍ଟର ପଟ୍ଟନାୟକ ବିଜେତା ଏବଂ ଉପବିଜେତା ଦଳକୁ ସିଲ୍‌ଡ୍ ସହିତ ଉପହାର ସ୍ୱରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଥେଲେଟିକ୍ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନୁଷ୍ଠାନର କ୍ରିକେଟ ସଂପାଦକ ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସ ଖଟୁଆ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିବା ବେଳେ ପ୍ରମେୟ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି।

# ଦୁଷ୍କର୍ମ ମାମଲାରେ କାଉନ୍‌ସିଲରଙ୍କ ସ୍ୱାମୀ ଗିରଫ

**ଭୋପାଳ,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମଧ୍ୟପ୍ରଦେଶର ଜଣେ ବିଜେପି କଉନସିଲରଙ୍କ ସ୍ୱାମୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହା ପୂର୍ବରୁ ତାଙ୍କର ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଠାରେ ସେ ମହିଳାଙ୍କୁ ତାଙ୍କ ପତିଆରା ଦେଖାଇ ଧମକାଉଥିବା ଦେଖିବାକୁ ମିଳିଥିଲା। ପୀଡିତାଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।



ପୁଲିସର ସୂଚନା ଅନୁସାରେ, ମହିଳା ଜଣକ ଡିସେମ୍ବର ୨୨ ତାରିଖରେ ସତନା ଜିଲ୍ଲାର ପୋଲିସ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ଜଣେ ବିଜେପି କାଉନସିଲରଙ୍କ ସ୍ୱାମୀ ଅଶୋକ ସିଂହ ତାଙ୍କୁ ଗତ ଛଅ ମାସ ଧରି ମାନସିକ ଏବଂ ଶାରୀରିକ ଭାବରେ ନିର୍ଯାତନା ଦେଉଥିଲେ।

ମହିଳା ଜଣକ ତାଙ୍କ ଅଭିଯୋଗରେ ଏହାବି ଦର୍ଶାଇଛନ୍ତି ଯେ ସିଂହ ତାଙ୍କୁ ଛୁରୀ ଦେଖାଇ ଦୁଷ୍କର୍ମ କରିଥିଲେ ଏବଂ ଘଟଣାର ଭିଡିଓ ରେକର୍ଡିଂ କରିବା ସହ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇଥିଲେ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ସିଂହ ତାଙ୍କୁ ବାରମ୍ବାର ଅନୈତିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ ଏବଂ ଯେତେବେଳେ ସେ ବିରୋଧ କରୁଥିଲେ ସେତେବେଳେ ତାଙ୍କୁ ହତ୍ୟା ଧମକ ଦେଉଥିଲେ।

୨୬ ଡିସେମ୍ବର ୨୦୨୫ରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଫୁଟେଜରେ ଅଭିଯୁକ୍ତ ଜଣକ ଏକ ଦୋକାନରେ ବସି ମହିଳାଙ୍କ ସହିତ ଖରାପ ବ୍ୟବହାର କରୁଥିବାର ଦେଖାଯାଇଛି। ଯେଉଁଥିରେ ସେ ଅତ୍ୟନ୍ତ ଆପତ୍ତିଜନକ ଭାଷା ବ୍ୟବହାର କରୁଛନ୍ତି। ଯେତେବେଳେ ମହିଳା ଜଣକ ତାଙ୍କୁ ଚେତାବନୀ ଦେଉଛନ୍ତି ଯେ ସେ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବେ, ସେତେବେଳେ ସିଂହ କହୁଛନ୍ତି, ମିଡିଆରେ ପ୍ରକାଶ କର। ମୋର କେହି କ୍ଷତି କରିପାରିବେ ନାହିଁ। ଭିଡିଓରେ ମହିଳା ଜଣଙ୍କ କହୁଛନ୍ତି "ମୁଁ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଦେବି।" ଅଭିଯୁକ୍ତ କହୁଛନ୍ତି "ତୁମେ ମିଡିଆରେ ଦିଅ। କିଛିହେବନି। ମୋର କେହି କିଛି କରିପାରିବେନି।" ଯୁକ୍ତି ବଢ଼ିବାରୁ ମହିଳା ଜଣଙ୍କ ଭିଡିଓରେ କହୁଛନ୍ତି "ମୋ ଆଖିର ଯେତେ ଲୁହ ଗଡିବ, ଦିନେ ତୁମେ ବି ସେହିଭଳି କାନ୍ଦିବ।" ଏଥିରେ ଅଭିଯୁକ୍ତ ଜଣଙ୍କ ମହିଳାଙ୍କୁ ପରିହାସ କରୁଛନ୍ତି।

ଏଥିରେ ମହିଳା ଜଣଙ୍କ କହୁଛନ୍ତି "ମୁଁବର୍ତ୍ତମାନ ଏସ୍‌ପି ଅଫିସ ଯିବି।" ଏହାପରେ ଅଭିଯୁକ୍ତ କହୁଛନ୍ତି ତୁମେ ଯୁଆଡେ ଇଚ୍ଛା ସିଆଡେ ଯାଅ । ମୁଁ କିଛି ଭୁଲ କରିନାହିଁ। ତେଣୁ ମୋର କିଛିହେବନି। ଯୁକ୍ତି ବଢ଼ିବା ପରେ ମହିଳା ଜଣଙ୍କ ସିଧାସଳଖ ଅଭିଯୁକ୍ତ ବିରୋଧରେ ଦୁଷ୍କର୍ମର ଅଭିଯୋଗ ଲଗାଇଛନ୍ତି ଏବଂ କହୁଛନ୍ତି ଯେ ତୁମେ ମୋ ସହ ଦୁଷ୍କର୍ମ କରିଛ। ହେଲେ ଅଭିଯୁକ୍ତ ମହିଳାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ବାରମ୍ବାର ଚ୍ୟାଲେଞ୍ଜ ଦେଉଛନ୍ତି ଏବଂ କହୁଛନ୍ତି ମୁଁ ବି ଦେଖିବି ମୋର କିଏ କଣ କରିବ। ମୋର କିଛିହେବନି।

ଏହି ଭିଡିଓଟି ବ୍ୟାପକ ଭାବେ ଭାଇରାଲ ହେବା ଏବଂ ମାମଲାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ରାମପୁର ପୋଲିସ ଅଶୋକ ସିଂହଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା୭୪, ୭୫(୨), ୭୯, ୨୯୬(୧), ଏବଂ ୩୫୧(୩) ସମେତ ବହୁ ଧାରା ଅନୁଯାୟୀ ମାମଲା ରୁଜୁ କରିଛି। ପୋଲିସ ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ କହିଛନ୍ତି ଯେ ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଅଭିଯୁକ୍ତଙ୍କ ପ୍ରଭାବ ହେଲେବି ମାମଲାର ନିରପେକ୍ଷ ତଦନ୍ତ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

# ନିମ୍ନମାନର କାମ ଯୋଗୁ ରାସ୍ତାରେ ଘାସ ସହ ପିଚୁ ଫଟାଫଟା ଉଠିଲାଣି

**ରାଜନଗର,୨୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ କାର୍ଯ୍ୟାଳୟର କାଗଜପତ୍ର କେନ୍ଦ୍ରାପଡାରେ ରହୁଥିବା କନିଷ୍ଠ ଯନ୍ତ୍ରୀଙ୍କ ଘରେ ଚାଲିଥିବା ଅଭିଯୋଗ ହେଉଛି । ଏହି ସବଡିଭିଜନ କାର୍ଯ୍ୟାଳୟକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ରାଜନଗରରୁ ଉଠାଇ ନେବାକୁ ଚକ୍ରାନ୍ତ ଚଳାଇଥିବା ଚର୍ଚ୍ଚା ହେଉଛି । ଏହି କାର୍ଯ୍ୟାଳୟରେ କିରାଣୀ ଓ ପିଅନଙ୍କୁ ଛାଡି ଦେଲେ ଦୁଇ ଯନ୍ତ୍ରୀ ପାଦ ନପକାଇବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କରାଯାଇଥିବା ରାସ୍ତାଗୁଡିକର ନିର୍ମାଣ ଓ ମରାମତି କାମ ସରିବାର ମାତ୍ର ୧୫ଦିନ ନପୁରୁଣୁ ହାତ ମାରିଲେ ଫଡାଫଡା ପିଚୁ ଉଠି ଯାଉଛି । ଯାହାକି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ କାମର ମାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି, ଏହି ବ୍ଲକ ତିଅରଛକଠାରୁ ବେଣୁଧରପୁର ଭାୟା ଡାଗୁଆ ରାସ୍ତାରେ । ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତା ପୂର୍ବରୁ ୨୦୧୯ ମସିହା ଫେବୃୟାରୀ ୫ତାରିଖରେ ଶିଳାନ୍ୟାସ କରାଯିବା ପରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇଥିଲା । ଏହି ରାସ୍ତା ବିପର୍ଯ୍ୟସ୍ତ ହେବା ପରେ ବିଭାଗ ପକ୍ଷରୁ ପ୍ରାୟ ୧୫ଦିନ ପୂର୍ବରୁ ମରାମତି କରାଯାଇଥିଲା । ରାସ୍ତା ନିର୍ମାଣ ସମୟରେ କାର୍ପେଟ(ଚିପ୍ସ) କରାନଯାଇ ସିଲିକୋଟ(ବଜୁରୀ)ରେ ୫/୬ ଏମଏମର ପିଚୁ କାମ କରାଯାଇଥିବା ଅଭିଯୋଗ ହୋଇଛି । ଯାହାଫଳରେ ରାସ୍ତା ମରାମତି କାମ ସରିବାର ମାସଟିଏ ନହେଉଣୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ପିଚୁ ଉପରେ ଘାସ ଉଠିଲାଣି । ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷଚନ୍ଦ୍ର ସାହୁଙ୍କୁ ରାସ୍ତା କାମ ସଂପର୍କରେ ପଚାରିବାରୁ ଏହି ରାସ୍ତା ଆମ ବିଭାଗର ନୁହେଁ ବୋଲି କହି କଥାକୁ ଏଡାଇ ଯାଇଥିଲେ । ଯାହାକି ସ୍ଥାନୀୟ ବୁଦ୍ଧିଜିବୀମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଅଧିକାଂଶ ବୁଦ୍ଧିଜିବୀମାନଙ୍କ ମତରେ ୨୦୧୯ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ବିଧାୟକ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ଫଳକ ବଳିଷ୍ଠ ପ୍ରମାଣ ଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସାହୁ ଠିକାଦାରକୁ ସୁରକ୍ଷା ଦେବାକୁ ଏଭଳି ମିଥ୍ୟାର ଆଶ୍ରୟ ନେଇଥିବା ଅଭିଯୋଗ ହୋଇଛି । କୁରୁଂଟି ପଚାଂୟତର କରୁଣାକର ପରିଡା କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁଇ ଯନ୍ତ୍ରୀ ରାସ୍ତା ମରାମତି ହେଉ କିମ୍ବା ପୁନଃନିର୍ମାଣ ହେଉ ସେଥିରେ ନିମ୍ନମାନର କାମ କରାଉଛନ୍ତି । କାର୍ପେଟ ଓ ସିଲିକୋଟରେ ୨୬ଏମଏମ ପିଚୁ କାମ କରିବାର ନିୟମ ଥିବା ବେଳେ ଠିକାଦାରଠାରୁ ଯନ୍ତ୍ରୀମାନେ କେବଳ ସିଲିକୋଟ(ବଜୁରୀରେ ପିଚୁ) କାମ କରି କାର୍ପେଟ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ବାଟିଂ ନେଉଛନ୍ତି । ଯାହାଫଳରେ ରାସ୍ତା ମରାମତି ହେବାର ୧୫ଦିନ ନପୁରୁଣୁ ପୁନର୍ବାର ମରଣଯନ୍ତା ପାଲଟି ଯାଉଛି । ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଶ୍ରୀ ପରିଡା ଦାବୀ କରିଛନ୍ତି।

### ଯନ୍ତ୍ରୀ କହୁଛନ୍ତି ଆମର ନୁହେଁ

## ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ରବୀନ୍ଦ୍ର ମୋହନ ସାହୁ

**କେନ୍ଦ୍ରାପଡ଼ା,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶିଷ୍ଟ ବ୍ୟବସାୟୀ, ରାଜନେତା, ସାଂସ୍କୃତିକ ସଂଗଠକ, ଚଳଚିତ୍ର ପ୍ରଯୋଜକ ସ୍ୱର୍ଗତ ରବିନ୍ଦ୍ର ମୋହନ ସାହୁଙ୍କ ଦ୍ୱାଦଶାହ ଅବସରରେ କେନ୍ଦ୍ରାପଡ଼ା ସହର ବଡ଼ହାଟସ୍ଥିତ ତାଙ୍କ ବାସଭବନରେ ସ୍ମୃତି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଅନେକ ତାଙ୍କର ସ୍ମୃତି ଚାରଣ କରି ରବିନ୍ଦ୍ର ବାବୁ ଏକାଧାରାରେ ଜଣେ ସଫଳ ସିନେ ପ୍ରଯୋଜକ, ସୁଦକ୍ଷ ରାଜନେତା, ବିଶିଷ୍ଟ ବ୍ୟବସାୟୀ ଭାବେ ଖ୍ୟାତି ଅର୍ଜନ କରିଥିଲେବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଭାଇଚାରାର ଏହି ସହରରେ କର୍ମଠ ମୁରବୀ ଭାବେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନେତୃତ୍ୱ ନେଇଥିଲେ। ଆରାଧ୍ୟ ଶ୍ରୀବଳଦେବଜୀଉ ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ଭାବେ ସେ ତାଙ୍କର ସ୍ୱଚ୍ଛତା,ନିଷ୍ଠାପରତା ଓ ପରିଚାଳନାଗତ ଦକ୍ଷତା ପ୍ରମାଣ ଦେଇଛନ୍ତି ।ତାଙ୍କ ଅବର୍ତ୍ତମାନ କେନ୍ଦ୍ରାପଡ଼ା ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ମତପ୍ରକାଶ ପାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, , ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବିଧାୟକ ଅଲେଖ ଜେନା, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, କଟକ ମେୟର ସୁବାସ ସିଂହ, ଓଡ଼ିଶା ଏକ୍ସପ୍ରେସ୍ ର ସଂପାଦକ ଅମ୍ବିକା ପ୍ରସାଦ ଦାସ, ଡ଼. କୃତ୍ତିବାସ ପରିଡ଼ା, ପ୍ରଯୋଜକ ସଂଘ ସଭାପତି ଯୁଗଳ କିଶୋର ଦେବତା, ଉପସଭାପତି ଅଜୟ କୁମାର ରାଉତ, ସଂପାଦକ ଯୁବୁଲି ସୁନ୍ଦରରାୟ, ଚଳଚିତ୍ର ତାରକା ସମରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଲିଲିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, ଗୀତାଞ୍ଜଳୀ ସେଠୀ, ମାନସ ପରିଡ଼ା, ଶିବ ପ୍ରସାଦ ଭଳ, ରାଜେଶ ଦାସ, ଶଶାଙ୍କ ଶେଖର ସେଠୀ, ବିଷ୍ଣୁ ଦାସ, ଦୁର୍ଯ୍ୟୋଧନ ସାହୁ, ସୁକାନ୍ତ କୁମାର ଦ୍ୱିବେଦୀ,ପ୍ରମୋଦ ସାହୁ, ସରୋଜ କାନ୍ତ ସାହୁ, ସଲିମ ଖାନ୍, କିଶୋର ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ରାଜେଶ ଦାସ, ପ୍ରମୋଦ ରଥ, ରଶ୍ମୀରଞ୍ଜନ ରାଉତ, ସରୋଜରାଜ ସିଂହ, ଭୀମସେନ ଭୂୟାଁ, ଅଜୟ ବେହେରା, ରବି ସାମଲ, ସାମ୍ବାଦିକ ଅକ୍ଷୟ ପତି, ଦେବେନ୍ଦ୍ର ସୁଆର, ପରେଶ ଦାସ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଆକବର ଅଲ୍ଲୀ, ମୁକ୍ତାର ଖାଁ,ଜ୍ୟୋତ୍ସ୍ନାରାଣୀ ପରିଡ଼ା, ଆଲୋକ ସାହୁ, ଶ୍ରୀକାନ୍ତ ପଣ୍ଡା, ପ୍ରଫୁଲ୍ଲ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ତାଙ୍କ ବୋହୂ କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ପାଠ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଅଜୟ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ରାଜେଶ ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ରଞ୍ଜିତ ସାହୁ, ଉମେଶ ନାୟକ, ନିରାକାର ସ୍ୱାଇଁ, ହିରଣ୍ୟ ପଣ୍ଡା, ସେକ ଇନାୟତ, ସେକ ରୟମତ, ସୁକୁମାର ଦାସ, ପ୍ରଦୀପ ନାୟକ, ରାଜଶ୍ରୀ ଦାସ, ସିପ୍ରା ଦାସ, ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବାସୀ ଶ୍ରମିକଙ୍କ ଉପରେ ନିର୍ଯାତନାକୁ ନେଇ ରାଜନୀତି ଠିକ୍ ନୁହେଁ: ମନମୋହନ

**ଭୁବନେଶ୍ୱର,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ଜବାବ। ସମ୍ବଲପୁରରେ ଶ୍ରମିକଙ୍କୁ ପିଟିପିଟି ମାରିଦେବା ପ୍ରସଂଗରେ ମମତା ବାନାର୍ଜିଙ୍କ ପୋଷ୍ଟକୁ ଟାର୍ଗେଟ୍ କରି ବର୍ଷିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଓଡ଼ିଶାରେ ହେଉ ଅବା ପଶ୍ଚିମବଙ୍ଗରେ ହେଉ, ଭାରତରେ କେଉଁଠି ବି ଶ୍ରମିକଙ୍କ ଉପରେ ନିର୍ଯାତନା ଗ୍ରହଣୀୟ ନୁହେଁ। ମାନବାଧିକାରକୁ ଉଲ୍ଲଙ୍ଘନ କରିବା ଠିକ୍ ନୁହେଁ । ଏହା ବିରୋଧୀରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ହେଲେ ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି ଅଯଥା ବିଳିବିଳି ହେଉଛନ୍ତି । ମାର୍ଚ୍ଚ ମାସରେ ପଶ୍ଚିମବଙ୍ଗରେ ନିର୍ବାଚନ ଥିବା କାରଣରୁ ମମତା ଏମିତି ହେଉଛନ୍ତି ନା ଅନ୍ୟ କିଛି ତାଙ୍କର ଉଦ୍ଦେଶ୍ୟ ରହିଛି । ମମତା ବାନାର୍ଜିଙ୍କ ଅଭିଯୋଗର କୌଣସି ଭିତ୍ତି କିମ୍ବା ଆଧାର ନାହିଁ । ଏଭଳି ସମ୍ବେଦନଶୀଳ ଘଟଣାରେ ରାଜନୀତି କରିବା ଠିକ୍ ନୁହେଁ, ଏହା ଅତ୍ୟନ୍ତ ନିନ୍ଦନୀୟ । ଭବିଷ୍ୟତରେ ଏମିତି ଘଟଣା ଯେମିତି ବାରମ୍ବାର ନଘଟିବ, ତା' ଉପରେ ଆଲୋଚନା କରିବା ଉଚିତ୍ । ଦୋଷୀଙ୍କ ବିରୋଧୀରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟକୁ ଜବାବ ଦେଇ ଏଭଳି କହିଛନ୍ତି ।

ସମ୍ବଲପୁରର ଏକ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ ପଶ୍ଚିମବଙ୍ଗ ମଖ୍ୟମନ୍ତ୍ରୀ ମମତା ବାନାର୍ଜି । ସମ୍ବଲପୁର ଜାଙ୍ଗିପୁର ଅଞ୍ଚଳର କିଛି ପ୍ରବାସୀ ଶ୍ରମିକଙ୍କ ଉପରେ ବିଭିନ୍ନ ପ୍ରକାରର ଅତ୍ୟାଚାର ଘଟିଛି। ଡିସେମ୍ବର ୨୪ରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ହୃଦୟବିଦାରକ ଘଟଣା ବୋଲି କହିଥିଲେ ମମତା। ମୁର୍ଶିଦାବାଦର ପ୍ରବାସୀ ଶ୍ରମିକମାନେ ଓଡ଼ିଶାରୁ ଭୟଭୀତ ହୋଇ ଘରକୁ ଫେରୁଛନ୍ତି। ଆମେ ସେମାନଙ୍କ ପରିବାର ସହିତ ଛିଡ଼ା ହୋଇଛୁ। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପୋଷ୍ଟରେ ଆହୁରି ମଧ୍ୟ ଲେଖିଛନ୍ତି, ପ୍ରତ୍ୟେକ ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ହୋଇଥିବା ନିଷ୍ଠୁର ଅତ୍ୟାଚାର ଏବଂ ନିର୍ଯାତନାକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଆମେ ନିର୍ଯାତିତ ପ୍ରବାସୀ ବଙ୍ଗାଳୀ ଭାଷାଭାଷୀ ପରିବାରଙ୍କ ସହିତ ଠିଆ ହୋଇଛୁ ଏବଂ ପରିବାରଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବୁ। କୌଣସି ମୂଲ୍ୟ ମାନବ ଜୀବନର କ୍ଷତିପୂରଣ ଦେଇପାରିବ ନାହିଁ । ହେଲେ ଯେଉଁ କ୍ଷେତ୍ରରେ ମୃତ୍ୟୁ ଘଟୁନା କାହିଁକି ଆମେ ଆର୍ଥିକ କ୍ଷତିପୂରଣ ଦେବା ପାଇଁ ପ୍ରତିବଦ୍ଧ ବୋଲି ମମତା ପୋଷ୍ଟରେ ଲେଖିଛନ୍ତି।

# ସମ୍ବଲପୁରରେ ପଶ୍ଚିମବଙ୍ଗ ପୋଲିସ

**ସମ୍ବଲପୁର,୨୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁରରେ ବଙ୍ଗାଳୀ ଶ୍ରମିକଙ୍କୁ ପିଟିପିଟି ହତ୍ୟା ଘଟଣାରେ ତଦନ୍ତ ପାଇଁ ସମ୍ବଲପୁରରେ ପହଞ୍ଚିଲେ ପଶ୍ଚିମବଙ୍ଗ ସୁତି ଥାନା ପୋଲିସ। ୩ଜଣିଆ ପୋଲିସ ଟିମ୍ ଅଇଁଠାପାଲି ଥାନାରେ ପହଞ୍ଚିଛନ୍ତି। ପଶ୍ଚିମବଙ୍ଗ ଶ୍ରମିକଙ୍କୁ କାହିଁକି ହତ୍ୟା କରାଗଲା, କ'ଣ କାରଣ ରହିଛି ସେ ନେଇ କରିବେ ତଦନ୍ତ। ପଶ୍ଚିମବଙ୍ଗ ମୁର୍ସିଦାବାଦ ଯୁଙ୍ଗିପୁର ପୋଲିସ ଜିଲ୍ଲା ସୁତି ଥାନାର ଏସ୍‌ଆଇ ଏମ୍‌ଡ଼ି ସାହାଜାହାନ, ଏଏସ୍‌ଆଇ ଗୁଲାମ ଯଫର ସିଦ୍ଦିକି, କନଷ୍ଟେବଲ ପରିମଳ ଓରାଓ ଅଇଁଠାପାଲି ଥାନା ଆସିଛନ୍ତି।

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିରେ ବଙ୍ଗାଳୀ ଶ୍ରମିକଙ୍କୁ ପିଟିପିଟି ହତ୍ୟାଘଟଣାରେ ଅଇଁଠାପାଲି ପୋଲିସ ୬ ଜଣଙ୍କୁ ଗିରଫ କରିକୋର୍ଟ ଚାଲାଣ କରିସାରିଛି। ମୃତ ଯୁବକ ଜଣକ ହେଲେ ପଶ୍ଚିମବଙ୍ଗର ଜୁଏଲ୍‌ଶେଖ୍ ବୋଲି ଜଣାପଡିଛି। ଆକ୍ରମଣ ଶୀକାର ହୋଇଥିବା ଅନ୍ୟ୨ ଜଣ ଆହତ ହୋଇଛନ୍ତି। ଏମାନେ ମଧ୍ୟ ପଶ୍ଚିମବଙ୍ଗର ବୋଲି ଜଣାପଡିଛି। ସହରର ଭାଲୁପାଲିରୁ କାମ ସାରି ସନ୍ଧ୍ୟାରେ ଫେରୁଥିବା ସମୟରେ କିଛି ଯୁବକମାନେ ଦାନିପାଲିରେ ଏମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ବାଡିରେ ଆକ୍ରମଣ କରିଥିବା ନେଇ ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦନ୍ତା ଆତଙ୍କ...

ଚାଲିଥିବାରୁ ପାହାଡରେ ଅନେକ ଲୋକ ବଣଭୋଜି କରିବାକୁ ଆସୁଛନ୍ତି । ହାତୀଙ୍କ ଉପସ୍ଥିତି ଯୋଗୁଁ ଗତକାଲିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପାହାଡ ଉପରକୁ ପର୍ଯ୍ୟଟନଙ୍କୁ ବାରଣ କରାଯାଇଛି। ମୁଖ୍ୟ ଫାଟକକୁ ବନ୍ଦ କରି ବନ କର୍ମଚାରୀ ଓ ଇନଫୋସିଟି ଥାନା ପକ୍ଷରୁ ଲୋକ ମାନଙ୍କୁ ସଚେତନ କରାଯାଉଛି। ଦୁଇଟି ଟିମ୍ ଗଠନ କରାଯାଇ ଦୁଇ ହାତୀଙ୍କ ଉପରେ ନଜର ରଖାଯାଉଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ଜଣେ...

ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଦୁର୍ଘଟଣାଗ୍ରସ୍ତ ଦୁଇଟିଯାକ ଗାଡିକୁ ପୁଲିସ ଜବତ କରିବା ସହ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତକଙ୍କ ପ୍ରକୃତ ପରିଚୟ ଜଣାପଡିନଥିବା ବେଳେ ତାଙ୍କ ଘର ହରିରାଜପୁର ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି। ମୃତଦେହକୁ ପିପିଲି ଡାକ୍ତରଖାନାରେ ରଖାଯାଇଥିବା ବେଳେ ସୋମବାର ସକାଳେ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯିବ ବୋଲି ସୂଚନା ମିଳିଛି।

### ପୁଅ ବେକରେ...

ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତରା ଘଟଣାର ତଦନ୍ତ କରୁଥିବା ବେଳେ ତିନି ବର୍ଷର ଶିଶୁ ପୁତ୍ର ହତ୍ୟାକାରୀ ବାପାକୁ ଛତିଶଗଡ ପୁଲିସ ଗିରଫ କରିଛନ୍ତି।

### ଆଉ ୫ ଦିନ...

ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଏବଂ ନୟାଗଡ଼ ଜିଲ୍ଲାରେ ସକାଳ ସମୟରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି।

ସେହିପରି, ଡିସେମ୍ବର ୩୦ ସକାଳ ସୁଦ୍ଧା ଭଦ୍ରକ, ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଏବଂ ନୟାଗଡ଼ ଜିଲ୍ଲାରେ ସକାଳ ସମୟରେ ଘନ କୁହୁଡ଼ି ହୋଇପାରେ ବୋଲି ଆଇଏମଡି ପୂର୍ବାନୁମାନ କରିଛି।

### ମହାପ୍ରଭୁଙ୍କ...

କରିବାକୁ ସେ ଚିଠିରେ ଲେଖିଛନ୍ତି। ସେପଟେ ନୂଆବର୍ଷରେ ଠାକୁର ଅନିଦ୍ରା କାହିଁକି ରହିବେ ବୋଲି ପରିଚାଳନା କମିଟି ସଦସ୍ୟ ପ୍ରଶ୍ନଉଠାଇବା ପରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି, ମନ୍ଦିରର ନୀତିକାନ୍ତିକୁ କୌଣସି ପ୍ରକାରରେ ବ୍ୟାଘାତ ନଦେଇ, ଯାହା ଆବଶ୍ୟକତା ରହିଛି ତାହା କରାଯାଉଛି। ଏନେଇ ବହୁତ ତର୍ଜମା କରାଯାଇଛି ଏବଂ ମୁକ୍ତିମଣ୍ଡପଠୁ ଆରମ୍ଭ କରି ସମସ୍ତଙ୍କ ସହିତ ଆଲୋଚନା ମଧ୍ୟ କରାଯିବ। ଯେମିତି କୌଣସି ଅସୁବିସୁଧା ହେବ ନାହିଁ, ସେହିଭଳି ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

# ଭୁବନେଶ୍ୱର ପରେ କଟକରେ ବିଜେଡି ମେଳି

**କଟକ,୨୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ନେତାଙ୍କର ମେଳି ପରେ ମେଳିର ଫଟୋ ସାମ୍ନାକୁ ଆସୁଛି। ବିଜେଡି ନେତାଙ୍କ ଘନ ଘନ ମେଳିକୁ ନେଇ ରାଜନୈତିକ ଚର୍ଚ୍ଚା ବଢ଼ିବାରେ ଲାଗିଛି।

ସୂଚନା ଅନୁସାରେ, କଟକ ତେଲେଙ୍ଗାପେଣ୍ଠ ଫାର୍ମହାଉସ୍‌ରେ ମେଳି ହୋଇଥିଲେ। ସେହି ସମୟର ଫଟୋ ମଧ୍ୟ ଭାଇରାଲ ହେଉଛି । ଦେବାଶିଷ ସାମନ୍ତରାୟ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମିତ ରାଉତରାୟ, ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ। ବିଷ୍ଣୁବ୍ରତ ରାଉତରାୟ ଓ ରୁଦ୍ର ମହାରଥୀ ବି ମେଳିରେ ଥିଲେ ।

ତେବେ ବିଜେଡି ନେତାଙ୍କ ମେଳିକୁ ନେଇ ଦେବାଶିଷ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଜୁ ଯୁବ ଏବଂ ଛାତ୍ର ସଂଗଠନ କର୍ମକର୍ତ୍ତାଙ୍କ ନାଁ ଘୋଷଣାକୁ ନେଇ ଅସନ୍ତୋଷ ଝାଡିଛନ୍ତି । କହିଲେ, କଟକରେ ଯେଉଁମାନେ ବିଜେଡି ବାନାକୁ ଟେକି ଧରିଥିଲେ ସେମାନଙ୍କର ଆଉ ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି । ମେୟର ନିର୍ବାଚନରେ ସେମାନଙ୍କର ଭୂମିକା କାହାକୁ ଅଛପା ନାହିଁ । ମେୟର ନିର୍ବାଚନରେ ୩୧ ରୁ ୨୮ ଟି କର୍ପୋରେଟ ଆସନରେ ଜିତିଥିଲୁ । ଚିନ୍ମୟ ଏବଂ ଇପ୍ସିତା କଟକ ବାବଦରେ କଣ ଜାଣନ୍ତି । ମୁଁ ଭାବୁଛି ଏବେ ନିଷ୍ପତ୍ତି ନେଇନଥିବେ । ଏଭଳି କର୍ମକର୍ତ୍ତା ବଛାଯିବ ସଂଗଠନ ବହୁତ ଦୁର୍ବଳ ହେବ । ପାଣ୍ଡିଆନ ଦମ୍ପତିଙ୍କୁ ପ୍ରଭାତ ବିଶ୍ୱାଳଙ୍କ ପ୍ରଶଂସାକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଲେ । ନାଲି ବାବା କହି ପ୍ରଭାତ ବିଶ୍ୱାଳଙ୍କୁ ତାଚ୍ଛଲ୍ୟ କଲେ ଦେବାଶିଷ । ଆଗରୁ ଶୋଧୁଥିଲେ, ଏବେ କାହିଁକି ପ୍ରଶଂସା କରୁଛନ୍ତି ମୁଁ ଜାଣିନି ବୋଲି କହି ସେ ଟାର୍ଗେଟ କରିଛନ୍ତି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ